ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୭୧
୨୮ ନଭେମ୍ବର, ୨୦୨୫ ଶୁକ୍ରବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 171
28th November, 2025 Friday
Bhubaneswar

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

ସଦ୍ଭିରେବ ସହାସୀତ ସଦ୍ଭିଃ କୁର୍ବୀତ ସଂଗତିମ୍
ସଦ୍ଭିର୍ବିବାଦଂ ମୈତ୍ରୀଂ ଚ ନାସଦ୍ଭିଃ କିଞ୍ଚିଦାଚରେତ୍ ।

ସାଧୁଲୋକଙ୍କ ସହିତ ଉପବେଶନ, ଆଳାପ, କଳହ ଓ ବନ୍ଧୁତା କରିବା ଉଚିତ, ମାତ୍ର ଅସାଧୁ ସହିତ କିଛି କରିବା ଉଚିତ ନୁହେଁ।

# ଜଗନ୍ନାଥଙ୍କ ଆଶୀର୍ବାଦ ନଥିଲେ ମୁଁ ଏଇଠି ନଥାନ୍ତି



**ଭୁବନେଶ୍ୱର,୨୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ବିଧାନସଭା ଇତିହାସରେ ଆଜି ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହୋଇଛି। ଦେଶର ପ୍ରଥମ ନାଗରିକ ତଥା ଓଡିଶାର ଗର୍ବ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହକୁ ସମ୍ବୋଧିତ କରି ଅତୀତର ସ୍ମୃତିକୁ ରୋମନ୍ଥନ କରିବା ସହ ଭବିଷ୍ୟତ ଭାରତ ଗଠନ ପାଇଁ ଗୁରୁମନ୍ତ୍ର ଦେଇଛନ୍ତି। ନିଜ ଜନ୍ମମାଟିରୁ ସମଗ୍ର ବିଶ୍ୱକୁ ଗଣତନ୍ତ୍ର ଓ ବିକାଶର ବାର୍ତ୍ତା ଦେଇଛନ୍ତି। ଓଡିଶା ବିଧାନସଭାରେ ଆଜି ବିଧାୟକ, ଅଧିକାରୀ ଏବଂ ନିମନ୍ତ୍ରିତ ଅତିଥିମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ବିଶ୍ୱର ଅନେକ ଗୃହରେ ସମ୍ବୋଧନ କରିବାର ସୁଯୋଗ ପାଇଛି। କିନ୍ତୁ ଓଡିଶା ବିଧାନସଭାକୁ ସମ୍ବୋଧନ କରିବାର ସ୍ମୃତି ଟିକିଏ ନିଆରା। ଏଠାରୁ ମୁଁ କଥା କହିବା ଶିଖିଛି। ରାଜନେତା ହିସାବରେ ଲୋକଙ୍କୁ କେମିତି ବ୍ୟବହାର କରିବା ଓ ପ୍ରସଙ୍ଗ ଉପସ୍ଥାପନ କରିବା, ତାହା ଓଡିଶା ବିଧାନସଭା ମୋତେ ଶିଖାଇଛି। ଓଡ଼ିଶା ବିଧାନସଭା ମୋର ଫାଉଣ୍ଡେସନକୁ ସୁଦୃଢ଼ କରିଛି। ଜଗନ୍ନାଥଙ୍କର ଆଶୀର୍ବାଦ ନଥିଲେ, ମୁଁ ଯେଉଁଠି ଅଛି, ବୋଧେ ନଥାନ୍ତି।

ସପ୍ତଦଶ ବିଧାନସଭାର ୫ମ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି ଗୁରୁବାର କହିଛନ୍ତି, ଅତୀତରେ ମୁଁ ଏହି ଗୃହରେ ବସିବାର ସୁଯୋଗ ପାଇଥିଲି। ଅନେକ ବର୍ଷ ପରେ ପୁଣି ଥରେ କହିବାର ସୁଯୋଗ ପାଇଛି। ଏଠାରେ ବିଧାୟକ ଭାବେ ପ୍ରଶ୍ନ ପଚାରିଛି। ମନ୍ତ୍ରୀ ଥିବା ବେଳେ ବିଧାୟକମାନଙ୍କର ପ୍ରଶ୍ନ ଉତ୍ତର ଦେଇଛି। ଅନେକ ଲୋକଙ୍କର ସହିତ କାମ କରିବାର ସୁଯୋଗ ପାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଏଠାରେ ୨୦୦୦ ମସିହାରେ ଏକାଠି ବସିବାର ସୁଯୋଗ ପାଇଥିଲି। ଜୁଏଲ ଓରାମ ଏବଂ ପୂର୍ବତନ ବିଧାୟକଙ୍କ ସହିତ ଏକାଠି ହେବାର ସୁଯୋଗ ପାଇଛି।

ଓଡିଶା ଏକ ପ୍ରାଚୀନ ଏବଂ ସାଂସ୍କୃତିକ ରାଜ୍ୟ। ଭାରତୀୟ ସଭ୍ୟତାରେ ଓଡିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭୁବନେଶ୍ୱରର ଉପକଣ୍ଠରେ ଦୟାନଦୀ ଆଜି ମଧ୍ୟ ପ୍ରବାହିତ ହେଉଛି। ୧୮୫୭ ମସିହାରେ ଇଂରୋଜମାନଙ୍କ ବିରୋଧରେ ବିଦ୍ରୋହ ଆରମ୍ଭ ହୋଇଥିଲା, ଯାହା ପାଇକ ବିଦ୍ରୋହ ନାମରେ ଜଣାଶୁଣା। ଜୟୀରାଜଗୁରୁ ତାର ନାୟକ ଥିଲେ। ବ୍ରିଟିଶ ଶାସନ କାଳରେ ଓଡିଶାର ଅନେକ ମହାନାୟକ ଲଢ଼େଇ କରିଥିଲେ। ବୀର ସୁରେନ୍ଦ୍ର ସାଏ, ଲକ୍ଷ୍ମଣ ନାୟକ, ବାଜିରାଉତ, ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ମନେ ପକାଇଥିଲେ। ଭାରତର ଗଠନରେ ଓଡିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ମହାମହିମ କହିଛନ୍ତି, ସ୍ୱାଧୀନତା ସଂଗ୍ରାମରେ ରମାଦେବୀ, ସାରଳାଦେବୀ, ମାଳତୀ ଦେବୀଙ୍କୁ ଭୁଲି ହେବ ନାହିଁ। ଓଡିଶା ବିଧାନସଭାରେ ମହିଳା ନେତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନର ବାଚସ୍ପତି ମହିଳା, ପୂର୍ବରୁ ମଧ୍ୟ ଓଡିଶାର ବାଚସ୍ପତି ମହିଳା ଥିଲେ। ସ୍ୱାଧୀନତା ପୂର୍ବରୁ ଏ ଲକ୍ଷ୍ମୀବାଇ ମଧ୍ୟ ଉପବାଚସ୍ପତି ହୋଇଥିଲେ। ନନ୍ଦିନୀ ଶତପଥୀ ଭାରତର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଭାବେ ଜଣାଶୁଣା। ଓଡିଶାର ମହିଳାମାନେ ସାହିତ୍ୟକୁ ମଧ୍ୟ ସମୃଦ୍ଧ କରିଛି।

ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କମ ଦିନ ମଧ୍ୟରେ ରାଜ୍ୟ ପାଇଁ ବହୁ ଗୁରତ୍ୱପୂର୍ଣ୍ଣ କାମ କରିଛନ୍ତି। ରାଜ୍ୟର ମହିଳାମାନେ ସୁଭଦ୍ରା ଟଙ୍କାକୁ ବିନିଯୋଗ କରିଛନ୍ତି, ଲକ୍ଷପତି ଦିଦି ହୋଇପାରିଛନ୍ତି। ଓଡିଶା ହେଉଛି ଚାଷ ଓ ଚାଷୀର ରାଜ୍ୟ। ସରକାର *(ଶେଷ ପୃଷ୍ଠା ଦେଖନ୍ତୁ)*

## ବସ ଧର୍ମଘଟ ହେବନି

**କଟକ,୨୭।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଡିସେମ୍ବର ପହିଲାରୁ ହେବନି ବସ ଧର୍ମଘଟ। ସରକାରଙ୍କ ସହ ଆଲୋଚନା ପରେ ଧର୍ମଘଟ ଡାକରା ସ୍ଥଗିତ ରଖିଛି ରାଜ୍ୟ ଘରୋଇ ବସ ମାଲିକ ସଂଘ । ଏ ସଂପର୍କରେ ବସ ମାଲିକ ସଂଘ ସଂପାଦକ ଦେବେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି । କିଛିଦିନ ତଳେ ଯାନବାହନ ଚେକିଂ ପାଇଁ ପୋଲିସ ବିଭାଗକୁ ଅତିରିକ୍ତ କ୍ଷମତା ଦେବାକୁ ସରକାର ଘୋଷଣା କରିଥିଲେ । ଯାହାକୁ ବସ ମାଲିକ ସଂଘ ଦୃଢ଼ ବିରୋଧ କରିଥିଲା । ନିଷ୍ପତ୍ତିର ପୁଣିଥରେ ବିଚାର ନହେଲେ, ଏହି ବ୍ୟବସ୍ଥା ଲାଗୁ ହେବା ଦିନଠାରୁ ପ୍ରତିବାଦ ସ୍ୱରୂପ ବସ ଚଳାଚଳ ବନ୍ଦ ରଖିବାକୁ ସଂଘ ଚେତାବନୀ ଦେଇଥିଲା । ତେବେ ତ୍ୱରିତ ପଦକ୍ଷେପ ଭାବରେ ଏକ ପ୍ରତିନିଧି ମଣ୍ଡଳୀ ପରିବହନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ସମସ୍ତ ବିଷୟରେ ଅବଗତ କରିଥିଲେ । ଉଭୟପକ୍ଷ ଆଲୋଚନା ପରେ ପୋଲିସ ଚେକିଂ ବ୍ୟବସ୍ଥା ଲାଗୁ ନହେବା ନେଇ ପରିବହନ ବିଭାଗ ପ୍ରତିଶ୍ରୁତି ଦେଇଥିଲା ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଏହାପରେ ଡିସେମ୍ବର ୧ରୁ ହେବାକୁ ଥିବା ଆନ୍ଦୋଳନ ନିଷ୍ପତ୍ତି ପ୍ରତ୍ୟାହୃତ ହୋଇଛି । ବସ ମାଲିକ ସଂଘର ଏପରି ନିଷ୍ପତ୍ତି ପରେ ଯାତ୍ରୀମାନେ ଆଶ୍ୱସ୍ତି ଅନୁଭବ କରିଛନ୍ତି ।

## ଡ୍ରାଇଭରଙ୍କ ଚା’ ପିଆ ବାବଦରେ ୫.୫ଲକ୍ଷ ଖର୍ଚ୍ଚ

**ଭୁବନେଶ୍ୱର,୨୭।୧୧: ତଥ୍ୟ**

ସଡକ ଦୁର୍ଘଟଣା ହ୍ରାସ ପାଇଁ ରାତ୍ରି ସମୟରେ ଗାଡି ଚାଳକମାନଙ୍କୁ ଚା’ ପିଆଇବା ବାବଦରେ ରାଜ୍ୟ ସରକାର ଦୁଇ ବର୍ଷରେ ସରକାରୀ ତହବିଲରୁ ୫ଲକ୍ଷ ୫୫ହଜାର ଟଙ୍କା ବ୍ୟୟ କରିଛନ୍ତି ।

ଏ ସଂକ୍ରାନ୍ତରେ ବିଧାୟକ କ୍ରୁଡ଼ାକା ଆପାଲାସ୍ୱାମୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ସୂଚନା ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଅନିଦ୍ରା ଜନିତ କ୍ଲାନ୍ତି ଦୂରକରିବା ଏବଂ ଏଥିଯୋଗୁଁ ଘଟୁଥିବା ସଡକ ଦୁର୍ଘଟଣା ଏଡାଇବାପାଇଁ ବିଭିନ୍ନ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କ ଦ୍ୱାରା ଭାରିଯାନ ଚାଳକମାନଙ୍କ ପାଇଁ ମାଗଣା ଚା’ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ୨୦୨୩-୨୪ ବର୍ଷରେ ୧ଲକ୍ଷ ୮୫ ହଜାର ଟଙ୍କା ବ୍ୟୟ ହୋଇଥିବାବେଳେ ୨୦୨୪-୨୫ ବର୍ଷରେ ୩ଲକ୍ଷ ୭୦ହଜାର ଟଙ୍କା ବ୍ୟୟ କରାଯାଇଛି ।

ସାଧାରଣତଃ ଏହି ବ୍ୟବସ୍ଥା ମାଧ୍ୟମରେ ଡିସେମ୍ବର ମାସ ୧୫ ତାରିଖରୁ ଜାନୁଆରୀ ମାସ ୩୧ ତାରିଖ ପର୍ଯ୍ୟନ୍ତ ଘନ କୁହୁଡି ସମୟରେ କାର୍ଯ୍ୟକାରୀ ହୋଇଥାଏ । ଏଥିପାଇଁ ରାସ୍ତାପାର୍ଶ୍ୱରେ ଥିବା କୌଣସି ଢାବାକୁ ଦାୟିତ୍ୱ ଦିଆଯାଇ ନାହିଁ । ପ୍ରବର୍ତ୍ତନ ଅଧିକାରୀଙ୍କ ଉପସ୍ଥିତିରେ ଯେକୌଣସି ଏକ ଚା’ ଦୋକାନରୁ ଡ୍ରାଇଭରମାନଙ୍କ ପାଇଁ ଚା’ ବ୍ୟବସ୍ଥା କରାଯାଇଥାଏ ।

# ଶିକ୍ଷକଙ୍କ ବଦଳିରେ ଚଳିବନି ରାଜନୈତିକ ହସ୍ତକ୍ଷେପ

**କଟକ,୨୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷକଙ୍କ ବଦଳିରେ ଚଳିବନି ରାଜନୈତିକ ହସ୍ତକ୍ଷେପ। ଶିକ୍ଷକଙ୍କ ବଦଳି ପାଇଁ ସୁପାରିଶ କରିପାରିବେନି ବିଧାୟକ ଓ ସାଂସଦ। ଆଜି ହାଇକୋର୍ଟ ସଫା ସଫା ଶୁଣାଇ ଦେଇଛନ୍ତି ଏହି କଥା। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ରାଜ୍ୟ ସରକାର ପାଇଁ ବଡ ଝଟକା ହୋଇଛି। କାରଣ ବିଧାୟକ ଓ ସାଂସଦମାନେ ନିଜନିଜ ଅଞ୍ଚଳର ୧୫ ଜଣ ଲେଖାଏ ଶିକ୍ଷକଙ୍କୁ ବଦଳି କରିବା ପାଇଁ ସୁପାରିଶ କରିପାରିବେ ବୋଲି ରାଜ୍ୟ ସରକାର ହିଁ ଚିଠି କରିଥିଲେ।

ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଓକିଲ ପୁରୁଷୋତ୍ତମ ଚୂଳି। ସେ କହିଛନ୍ତି, ଶିକ୍ଷକମାନେ ଦେଶର ଭବିଷ୍ୟତ ଗଢ଼ନ୍ତି। ତେଣୁ ସେମାନଙ୍କ ବଦଳି ଲୋକ ପ୍ରତିନିଧିଙ୍କ ହାତରେ ନ୍ୟସ୍ତ କରାଗଲେ, ସେମାନେ ରାଜନୀତିକ ହାତବାରିସି ସାଜିବେ। କେବଳ ମୁଖ୍ୟମନ୍ତ୍ରୀଙ୍କୁ ଛାଡିଦେଲେ ଅନ୍ୟ କାହାରି ପାଖରେ ଶିକ୍ଷକଙ୍କ ବଦଳି କ୍ଷମତା ନାହିଁ ବୋଲି ପୂର୍ବରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ରହିଛି। ଓଡିଶାରେ ଏହାର ଉଲ୍ଲଂଘନ ହୋଇଥିବା ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଯୁକ୍ତି ଓ ତଥ୍ୟକୁ ହୃଦୟଙ୍ଗମ କରି ଶିକ୍ଷା କ୍ଷେତ୍ରରେ ରାଜନୀତିକ ହସ୍ତକ୍ଷେପକୁ ଉଚ୍ଚ ନ୍ୟାୟାଳୟ ନାପସନ୍ଦ କରିବା ସହ ରାଜ୍ୟ ସରକାରଙ୍କ ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଚିଠିକୁ ବି ଖାରଜ କରିଛନ୍ତି। ଫଳରେ ଯେଉଁ ଶିକ୍ଷକମାନେ ବଦଳି ଅର୍ଡର ପାଇ ନୂଆ ସ୍କୁଲରେ ଯୋଗ ଦେଇଛନ୍ତି, ସେମାନେ ଚଳିତ ଶିକ୍ଷାବର୍ଷ ପର୍ଯ୍ୟନ୍ତ ସେଇଠି କାର୍ଯ୍ୟ କରିବେ। ନୂଆ ଶିକ୍ଷାବର୍ଷ ଆରମ୍ଭ ହେଲେ ପୁଣି ନିଜ ପୂର୍ବ ସ୍ଥାନକୁ ଫେରି ଆସିବେ।



ସୂଚନାଯୋଗ୍ୟ, ନିଜନିଜ ନିର୍ବାଚନ ମଣ୍ଡଳୀର ୧୫ଜଣ ଯୋଗ୍ୟ ଶିକ୍ଷକଙ୍କୁ ବଦଳି ପାଇଁ ସାଂସଦ ଓ ବିଧାୟକମାନେ ସୁପାରିଶ କରିପାରିବେ ବୋଲି ଗତ ମେ ୧୩ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖା ଯାଇଥିଲା। ସେହି ଚିଠି ଆଧାରରେ ଅନେକ ଶିକ୍ଷକଙ୍କୁ ଡିଇଓମାନେ ବଦଳି ବି କରିଛନ୍ତି। ଶିକ୍ଷକ ବଦଳିରେ ରାଜନୀତିକ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଆସାମରେ ବହୁବିବାହ ବ୍ୟାନ୍ ଦୋଷୀ ସାବ୍ୟସ୍ତ ହେଲେ ୭ ବର୍ଷ ଜେଲ୍

**ଗୌହାଟୀ,୨୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବହୁବିବାହ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଆସାମ ବିଧାନସଭାରେ ଏକ ବିଲ୍ ପାସ୍ ହୋଇଛି । ଏହାକୁ ଏକ ଐତିହାସିକ ନିଷ୍ପତ୍ତି ବୋଲି କୁହାଯାଉଥିବା ବେଳେ, ଏହି ଆଇନ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତକୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ପୀଡ଼ିତାଙ୍କୁ ୧.୪୦ ଲକ୍ଷ କ୍ଷତିପୂରଣ ଦେବା ପାଇଁ ନିୟମ ରହିଛି।

ସୂଚନାଥାଉକି, ମଙ୍ଗଳବାର ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା। ବିଧାନସଭାରେ ବହୁବିବାହ ନିଷିଦ୍ଧ ବିଲ୍ ଆଗତ କରିଥିଲେ। ଏହି ବିଲ୍ ଅନୁସାରେ ବହୁ ବିବାହ ଏକ ଅପରାଧ। ଏଥିରେ ଦୋଷୀ ସାବ୍ୟସ୍ତ ହେଲେ ସାତ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ହୋଇପାରେ। ତେବେ ବିଲ୍‌ରେ ଅନୁସୂଚିତ ଜନଜାତି ଏବଂ ଷଷ୍ଠ ଅନୁସୂଚୀ ଅଧୀନରେ ଥିବା ଅଞ୍ଚଳଗୁଡ଼ିକୁ ବାଦ ଦିଆଯାଇଛି।

ବିଧାନସଭା ବାଚସ୍ପତି ବିଶ୍ୱଜିତ ଦୈମାରିଙ୍କ ଅନୁମତି ପରେ, ହେମନ୍ତ ବିଶ୍ୱ ଶର୍ମା ‘ଆସାମ ବହୁବିବାହ ନିଷେଧ ବିଲ୍, ୨୦୨୫’ ଆଗତ କରିଥିଲେ। ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ଉପରେ ଆଲୋଚନା ପରେ ଗୃହରୁ ଚାଲିଯାଇଥିବା ବିରୋଧୀ କଂଗ୍ରେସ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଏବଂ ରାଇଜୋର ଦଳ ବିଧାୟକମାନଙ୍କ ଅନୁପସ୍ଥିତିରେ ଏହି ବିଲ୍ ଆଗତ କରାଯାଇଥିଲା। ବିଲର ଉଦ୍ଦେଶ୍ୟ ଏବଂ କାରଣର ବିବୃତି ଅନୁଯାୟୀ, ଏହା ରାଜ୍ୟରେ ବହୁବିବାହ ଏବଂ ବହୁପତ୍ନୀ ପ୍ରଥାକୁ ନିଷିଦ୍ଧ ଏବଂ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛି। ତଥାପି, ବିଲର ବ୍ୟବସ୍ଥା ଷଷ୍ଠ ଅନୁସୂଚୀ କ୍ଷେତ୍ର ଏବଂ କୌଣସି ଅନୁସୂଚିତ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଦେଶର ପ୍ରଥମ ପ୍ରାଇଭେଟ୍ ରକେଟ୍ ବିକ୍ରମ-୧ ଉନ୍ମୋଚିତ




**ନୂଆଦିଲ୍ଲୀ,୨୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଘରୋଇ ମହାକାଶ ଗବେଷଣା କ୍ଷେତ୍ରରେ ବଡ ସଫଳତା। ଦେଶର ପ୍ରଥମ ପ୍ରାଇଭେଟ୍ ରକେଟ୍ ବିକ୍ରମ-୧କୁ ଭିଡିଓ କନଫରେନ୍ସ ଜରିଆରେ ଉନ୍ମୋଚନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ହାଇଦ୍ରାବାଦର ସ୍ପେଶ୍ ଷ୍ଟାର୍ଟଅପ୍ ଫାର୍ମ ସ୍କାଏରୁଟ୍ ରକେଟ୍ ବିକ୍ରମ-୧କୁ ତିଆରି କରିଛି। ଏହା ସହ ପ୍ରଧାନମନ୍ତ୍ରୀ ୨ ଲକ୍ଷ ବର୍ଗଫୁଟରେ ନିର୍ମିତ ସ୍କାଇରୁଟ୍‌ର ବିଶାଳ ଇନଫିନିଟି କ୍ୟାମ୍ପସ୍‌ର ଶୁଭ ଉଦଘାଟନ କରିଛନ୍ତି। ଏହି କ୍ୟାମ୍ପସ୍ ପ୍ରତି ମାସରେ ଏକ ଅର୍ବିଟାଲ ରକେଟ୍ ତିଆରି କରିବାର କ୍ଷମତା ରଖିଛି।

ବିକ୍ରମ-୧ ରକେଟ୍ ଉପଗ୍ରହଗୁଡିକୁ ପୃଥିବୀର କକ୍ଷରେ ସ୍ଥାପିତ କରିବାର କ୍ଷମତା ରଖିଛି। ଏହା କମ୍ ଖର୍ଚ୍ଚରେ ଓ ତୀବ୍ର ଗତିରେ ଛୋଟ ଉପଗ୍ରହଗୁଡ଼ିକୁ ଅନ୍ତରୀକ୍ଷକୁ ପଠାଇବା ପାଇଁ ବିକଳ୍ପ ଭାବରେ କାମ କରିବ। ଭାରତୀୟ ଅନ୍ତରୀକ୍ଷ କାର୍ଯ୍ୟକ୍ରମର ପ୍ରତିଷ୍ଠାତା ଡ. ବିକ୍ରମ ସାରାଭାଇଙ୍କ ନାମରେ ଏହି ରକେଟ୍‌କୁ ନାମିତ କରାଯାଇଛି। ଏହା ୩୦୦ କିଲୋଗ୍ରାମର ଭାର ବହନ କରି ପୃଥିବୀର ନିମ୍ନ କକ୍ଷ ପର୍ଯ୍ୟନ୍ତ ବହନ କରିବା ଭଳି ଡିଜାଇନ୍ କରାଯାଇଛି। ରକେଟ୍‌ଟି ସମ୍ପୂର୍ଣ୍ଣ କାର୍ବନ-ଫାଇବର୍‌ରେ ନିର୍ମିତ। ଯାହାକି ଅନ୍ୟ ରକେଟ୍ ଠାରୁ ଏହାକୁ ସ୍ୱତନ୍ତ୍ର କରୁଛି। କମ୍ପାନୀ ଦାବି କରିଛି ଯେ, ଏହି ରକେଟ୍‌କୁ ଯେ କୌଣସି ପ୍ରଶିକ୍ଷଣ ସ୍ଥାନରୁ ୨୪ ଘଣ୍ଟା ଭିତରେ ଆସେମ୍ବଲ କରି ପ୍ରକ୍ଷେପଣ କରାଯାଇପାରିବ। ସେହିପରି ସ୍କାଇରୁଟ୍‌ର ଇନଫିନିଟି କ୍ୟାମ୍ପସ୍ ଭାରତର ନୂଆ ଚିନ୍ତାଧାରା ଏବଂ ଯୁବଶକ୍ତିର ପ୍ରତୀକ।

## ବିଦ୍ୟୁତ୍ ବିଭାଗ ହିସାବରକ୍ଷକଙ୍କୁ ୩ବର୍ଷ ଜେଲ୍

**ଭବାନୀପାଟଣା,୨୭।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ବିଦ୍ୟୁତ୍ ବିଭାଗର(ଏସ୍‌ଡିଓ) ସବଡିଭିଜନ ଅଫିସରେ କାର୍ଯ୍ୟରତ ପୂର୍ବତନ ଆକାଉଣ୍ଟେଣ୍ଟ (ହିସାବ ରକ୍ଷକ) ଅଜିତ କୁମାର ମିଶ୍ର ଲାଞ୍ଚ ମାମଲାରେ ଗୁରୁବାର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି।

ଭବାନୀପାଟଣା ଜିଲା ଭିଜିଲାନ୍ସ କୋର୍ଟ ସ୍ୱତନ୍ତ୍ର ବିଚାରପତି ବଦ୍ରୀ ନାରାୟଣ ନନ୍ଦ ମାମଲାର ବିଚାର କରି ଅଭିଯୁକ୍ତ ପୂର୍ବତନ ଆକାଉଣ୍ଟେଣ୍ଟ ଶ୍ରୀ ମିଶ୍ରଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ସଦର ବ୍ଲକ ଗୋପୀନାଥପୁର ଗ୍ରାମର ସରଜୁ ପାଢ଼ୀ ନାମକ ଜଣେ ଉପଭୋକ୍ତାଙ୍କୁ ତାଙ୍କ ବିଦ୍ୟୁତ୍ ବକେୟା ବିଲର ସମାଧାନ କରିଦେବା ପାଇଁ ଆକାଉଣ୍ଟେଣ୍ଟ ମିଶ୍ର ୫ ହଜାର ଟଙ୍କା ଲାଞ୍ଚ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଏସ୍ଆଇଆର୍‌କୁ ସୁପ୍ରିମକୋର୍ଟଙ୍କ ମୋହର

**ନୂଆଦିଲ୍ଲୀ,୨୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଭିନ୍ନ ରାଜ୍ୟରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ସର୍ଭେ ବା ଏସ୍ଆଇଆର୍‌ରେ ଆଧାର କାର୍ଡର ଭୂମିକାକୁ ନେଇ ବଡ ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ। ଆଧାର କାର୍ଡ ହାସଲ କରିଥିବା ବିଦେଶୀ ନାଗରିକା ବା ଅନୁପ୍ରବେଶକାରୀଙ୍କୁ କ’ଣ ଆପେଆପେ ଭୋଟର ତାଲିକାରେ ସାମିଲ ହେବାକୁ ଅନୁମତି ମିଳିବ ? ଜନକଲ୍ୟାଣ ମୂଳକ ଯୋଜନା ଯଥା ସବସିଡି ରାସନ ପାଇଁ ବିଦେଶୀ ନାଗରିକ ମଧ୍ୟ ଆଧାର କାର୍ଡ ହାସଲ କରୁଛନ୍ତି। ଏଥିରେ କୌଣସି ପ୍ରକାରର ଅସୁବିଧା ନାହିଁ। କିନ୍ତୁ ସମସ୍ତ ଆଧାର କାର୍ଡଧାରୀଙ୍କୁ ଭୋଟିଂ ଅଧିକାର ମିଳିବ କି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି।




ଏସ୍ଆଇଆର ବେଳେ ସର୍ବୋଚ୍ଚ ଅଦାଲତ ୧୨ତମ ଦସ୍ତାବିଜ ଭାବେ ଆଧାର କାର୍ଡକୁ ବ୍ୟବହାର କରିବା ପାଇଁ ଅନୁମତି ଦେଇଛନ୍ତି। ବିହାର ଏସ୍ଆଇଆର ବେଳେ ସୁପ୍ରିମକୋର୍ଟ ଆଧାର କାର୍ଡକୁ ବୈଧ ଦସ୍ତାବିଜ ଭାବେ ଗ୍ରହଣ କରାଯାଇ ପାରିବ ବୋଲି ମତ ରଖିଥିଲେ। ତଥାପି ଏସ୍ଆଇଆର ବିରୋଧୀ ଆବେଦନ ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଆଧାରକୁ ନେଇ ଏପରି ପ୍ରଶ୍ନ କରିଛନ୍ତି।

ଆଧାର ଗୋଟିଏ ଆଇନଗତ କାଗଜ। କଲ୍ୟାଣକାରୀ ଯୋଜନାର ଲାଭ ପାଇବା ପାଇଁ ଆଧାର କାର୍ଡର ବ୍ୟବହାରକୁ ନେଇ କୌଣସି ବିବାଦ ନାହିଁ। କିନ୍ତୁ ମନେକରନ୍ତୁ ଯେ ଜଣେ ବ୍ୟକ୍ତି ପଡୋଶୀ ଦେଶରୁ ଭାରତକୁ ଆସୁଛନ୍ତି। ଏଠାରେ ସେ ଶ୍ରମିକ କିମ୍ବା ରିକ୍ସା ଚାଳକ ଭାବେ କାମ କରୁଛନ୍ତି। ସେ ଅତ୍ୟନ୍ତ ଗରିବ ହୋଇଥିବାରୁ ନିଜର ପିଲାମାନଙ୍କୁ ରାସନ ଦେବା ପାଇଁ ଆଧାର କାର୍ଡ ହାସଲ କରୁଛନ୍ତି। ଏହା ଆମର ସାମ୍ବିଧାନିକ ନୈତିକତା ଓ ମାନବିକତା। ଏହାର ଅର୍ଥ କ’ଣ ତାଙ୍କ ପାଖରେ ଆଧାର କାର୍ଡ ଥିବାରୁ ତାଙ୍କୁ ଭାରତର ମତଦାତା ବନେଇବା ଦେବା ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଆବେଦନକାରୀ ଓକିଲ କପିଲ ଶିବଲଙ୍କୁ ପ୍ରଶ୍ନ କରିଛନ୍ତି।

ନିର୍ବାଚନ କମିଶନଙ୍କ ପକ୍ଷରୁ ଚାଲିଥିବା ଏସ୍ଆଇଆରର ସାମ୍ବିଧାନିକ ବୈଧତା ଉପରେ ଉଠିଥିବା ପ୍ରଶ୍ନର ଶୁଣାଣି ବେଳେ ସୁପ୍ରିମକୋର୍ଟ ଏପରି କହିଛନ୍ତି। ଏହାର ଜବାବରେ ଶିବଲ କହିଛନ୍ତି ଯେ ନିଶ୍ଚିତ ଭାବେ ଏହା ସମ୍ଭବତଃ କିଛି ସୀମାନ୍ତ ରାଜ୍ୟରେ ସତ ହୋଇପାରେ। କିନ୍ତୁ ଏହା କେରଳ ଓ ବିହାର ଭଳି ରାଜ୍ୟ ପାଇଁ ସତ ନୁହେଁ। *(ଶେଷ ପୃଷ୍ଠା ଦେଖନ୍ତୁ)*

# ବିଦେଶକୁ ଇସ୍ପାତ ରପ୍ତାନୀ ଲଗାତାର କମୁଛି

**ଭୁବନେଶ୍ୱର,୨୭।୧୧: ତଥ୍ୟ**

ରାଜ୍ୟରେ ଇସ୍ପାତ ଉତ୍ପାଦନ ବଢୁଥିବାବେଳେ ବିଦେଶକୁ ଏହାର ରପ୍ତାନି ପରିମାଣ ହ୍ରାସ ପାଇବାରେ ଲାଗିଛି। ରପ୍ତାନି ହ୍ରାସ ଫଳରେ ରାଜ୍ୟକୁ ମିଳୁଥିବା ବୈଦେଶିକ ମୁଦ୍ରା ହ୍ରାସ ପାଉଥିବା ସୂଚନା ଦେଇଛନ୍ତି ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା।

ରାଜ୍ୟରୁ ଇସ୍ପାତ ଉତ୍ପାଦନ ଓ ରପ୍ତାନି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୦-୨୧ ବର୍ଷରୁ ଲଗାତାର ଭାବେ ଇସ୍ପାତ ଉତ୍ପାଦନ ବଢିବାରେ ଲାଗିଛି। ସେହିବର୍ଷ ରାଜ୍ୟରେ ୨୦.୫୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ହୋଇଥିବାବେଳେ ୨୦୨୪-୨୫ ବର୍ଷରେ ଏହା ୨୯.୬୫ ନିୟୁତ ଟନ୍‌ରେ ପହଞ୍ଚିଥିଲା।

ତେବେ ଏହି ବର୍ଷଗୁଡିକରେ ରାଜ୍ୟ ଭିତରେ ଇସ୍ପାତ ଚାହିଦା ବଢିଚାଲିଛି । ୨୦୨୦-୨୧ ବର୍ଷରେ ରାଜ୍ୟରେ ମାତ୍ର ୧.୪୫ ନିୟୁତ ଟନ୍ ଇସ୍ପାତ ଚାହିଦା ଥିବାବେଳେ ୨୦୨୪-୨୫ ବର୍ଷରେ ଏହା ୫.୭୩ ନିୟୁତ ଟନରେ ପହଞ୍ଚିଥିଲା। ରାଜ୍ୟ ବାହାରେ ବି ଅନୁରୂପ ଭାବେ ଇସ୍ପାତର ଚାହିଦା ବଢି ଚାଲିଛି । ୨୦୨୦-୨୧ ବର୍ଷରେ ରାଜ୍ୟ ବାହାରେ ୧୦.୭୬ ନିୟୁତଟନ୍ ଇସ୍ପାତ ଚାହିଦା ଥିବାବେଳେ ୨୦୨୪-୨୫ ବର୍ଷରେ ଏହି ପରିମାଣ ବୃଦ୍ଧି ପାଇ ୧୭.୪୩ ନିୟୁତ ଟନରେ ପହଞ୍ଚିଛି । କିନ୍ତୁ ରାଜ୍ୟରୁ ଇସ୍ପାତ ରପ୍ତାନି ପରିମାଣ ଲଗାତାର ଭାବେ ହ୍ରାସ ପାଇବାରେ ଲାଗିଛି। ୨୦୨୧-୨୨ ବର୍ଷରେ ଓଡିଶାରୁ ୪.୫୬ ନିୟୁତ ଟନ୍ ଇସ୍ପାତ ରପ୍ତାନି ହୋଇଥିବାବେଳେ ୨୦୨୪-୨୫ ବର୍ଷରେ ଏହା ୧ ନିୟୁତ ଟନ୍‌ରୁ ସାମାନ୍ୟ ଅଧିକ ରହିଥିଲା । ଏହା ପୂର୍ବବର୍ଷ ଅର୍ଥାତ୍ ୨୦୨୩-୨୪ ରେ ଓଡିଶାରୁ ୧.୬୭ ନିୟୁତ ଟନ୍ ଇସ୍ପାତ ରପ୍ତାନି ହୋଇଥିଲା ।



ଓଡିଶାରୁ ଉତ୍ପାଦିତ ହେଉଥିବା ଲୌହ ଏବଂ ଇସ୍ପାତ ବିଶ୍ୱର ବିଭିନ୍ନ ରାଷ୍ଟ୍ରକୁ ରପ୍ତାନି ହୋଇଥାଏ । ଏହିସବୁ ଦେଶ ମଧ୍ୟରେ ଆମେରିକା ଠାରୁ ଆରମ୍ଭ କରି ଚୀନ୍, କାନାଡା, ଓମାନ, ପେରୁ, ପୋଲାଣ୍ଡ, ଡେନମାର୍କ, ସୁଇଡେନ୍, ସୁଇଜରଲ୍ୟାଣ୍ଡ, ଋଷ୍, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ତାଇୱାନ, ଇଂଲଣ୍ଡ ଭଳି ଅନେକ ଛୋଟ ବଡ ଦେଶ ରହିଛନ୍ତି । ମନ୍ତ୍ରୀ ଦେଇଥିବା ସୂଚନା ଅନୁଯାୟୀ ୨୦୨୦-୨୧ ବର୍ଷରେ ବିଦେଶକୁ ୨୦,୨୯୯ କୋଟି ଟଙ୍କାର ଲୌହ ଓ ଇସ୍ପାତ ରପ୍ତାନି ହୋଇଥିବାବେଳେ ୨୦୨୪-୨୫ ବର୍ଷରେ ଏହିସବୁ ସାମଗ୍ରୀର ରପ୍ତାନି ହ୍ରାସ ପାଇବା ଯୋଗୁଁ ୧୬,୫୭୪ କୋଟି ଟଙ୍କା ଆୟ ହୋଇଥିଲା। ବର୍ଷକୁ ବର୍ଷ ଲୌହ ଓ ଇସ୍ପାତର ରପ୍ତାନି ପରିମାଣ ହ୍ରାସ ପାଇବା ଫଳରେ ଏଥିରୁ ଓଡିଶା ରାଜକୋଷକୁ ମିଳୁଥିବା ଟିକସ ମଧ୍ୟ ହ୍ରାସ ପାଇବାରେ ଲାଗିଛି।

## ବିନା ଡାକ୍ତରୀ ପ୍ରେସକ୍ରିପସନରେ ବିକ୍ରି ହେଉଛି ଔଷଧ

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ନିଆଳି ବ୍ଲକ୍ ଅଧୀନରେ ସହେରୁ ଉର୍ଦ୍ଧ୍ୱ ଔଷଧ ଦୋକାନ ରହିଛି। ଏହିସବୁ ଔଷଧ ଦୋକାନରୁ କେତେକ ଅଂଶ ଦୋକାନୀଙ୍କ ଅବଧି ସରିଗଲାଣି ତଥାଉ କେତେକ ଦୋକାନୀଙ୍କ ଲାଇସେନ୍ସ ନାହିଁ। ଔଷଧ ଦୋକାନିମାନେ ବିନା ଡାକ୍ତରୀ ପ୍ରେସକ୍ରିପସନରେ ଶିଶୁଠୁ ଆରମ୍ଭ କରି ବୟସ୍କ ଲୋକ ପର୍ଯ୍ୟନ୍ତ ରୋଗିକୁ ଖୁଲମଖୁଲା ମନ ଇଛାରେ ଔଷଧ ବିକ୍ରି କରୁଛନ୍ତି। ଯାହାଫଳରେ ରୋଗୀମାନେ ଗୋଟିଏ ରୋଗ ପାଇଁ ଔଷଧ ନେଇ ଅନ୍ୟ ରୋଗରେ ଶିକାର ହେଉଛନ୍ତି। ଅଧିକାଂଶ ଔଷଧ ଦୋକାନରେ ବେଆଇନ ଭାବେ ବିକ୍ରି ହେଉଛି ଗର୍ଭପାତ ବଟିକା। (ଏମ୍ ଟିପି କିଟ୍) ଓ କଫ ସିରଫ ବୋତଲ ଓ ବିଭିନ୍ନ ବ୍ରାଣ୍ଡର କୀଟକୁ ଔଷଧ ଦୋକାନରେ ରଖି ବିକ୍ରି କରୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଜିଲ୍ଲା ଡ୍ରଗ୍ସ ଅଧିକାରୀମାନେ ଔଷଧ ଦୋକାନୀମାନଙ୍କ ସହିତ ଭିତିରିଆ ବୁଝାମଣା କରି ଚଢ଼ାଉ କରୁନାହାନ୍ତି। ଯଦି କାଁ ଭା ଚଢ଼ାଉ ହେଉଛି ଦୋକାନୀମାନଙ୍କୁ ଆଗୁଆ ସୂଚନା ଦିଆଯାଉଛି। ଯାହାଫଳରେ ଦୋକାନୀମାନେ ଦୋକାନରୁ ଏସବୁ ଜିନିଷକୁ ଦୁରେଇ ଦେଉଛନ୍ତି। ବିନା ଡାକ୍ତରୀ ପ୍ରେସକ୍ରିପସନରେ ଔଷଧ ବିକ୍ରି ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଔଷଧ ଦୋକାନୀମାନେ ମାଲେ ମାଲ ହେଉଥିବା ବେଳେ ନାମିଦାମୀ କମ୍ପାନୀର ଔଷଧ ବଦଳରେ ନିମ୍ନମାନର ଔଷଧ ବିକି ରୋଗୀ ସଂଖ୍ୟା ବଢ଼ାଇ ବା ସହ ନିଜେ ମାଲେ ମାଲ ହେଉଛନ୍ତି। ଜିଲ୍ଲା ଡ୍ରଗ୍ସ ବିଭାଗ ଓ ରାଜ୍ୟ ଭେଷଜ ନିର୍ଦ୍ଦେଶାଳୟ ନିଆଳୀରେ ବେଆଇନ ଭାବରେ ଔଷଧ ବିକ୍ରି କରୁଥିବା ଦୋକାନୀ ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ଭଦ୍ରକ ଗ୍ରସ୍ତରେ ଜିଲ୍ଲା ପ୍ରଭାରୀ



**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଗୁରୁବାର ଭଦ୍ରକ ଜିଲ୍ଲା ଗ୍ରସ୍ତରେ ଜିଲ୍ଲା ପ୍ରଭାରୀ ଓଡିଶା ସରକାରଙ୍କର ସମବାୟ ବିଭାଗ ସଚ୍ଚିବ ରାଜେଶ ପ୍ରଭାକର ପାଟିଲ ଆସି ପ୍ରଥମେ ଆରଏମସି ଅଫିସ୍ ପରିସରରେ ନିର୍ମିତ ହୋଇଥିବା ଖାସୀ ମାଂସ ଦୋକାନ ଗୃହ ଗୁଡ଼ିକୁ ବିଧାୟକ ସିତାଂଶୁ ସେଖର୍ ମହାପାତ୍ରଙ୍କ ଉପସ୍ଥିତିରେ ଉନ୍ମୋଚ଼ନ କରିଥିଲେ। ଏହା ପରେ ଆରଏମସିର ବିଭିନ୍ନ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ଏହାପରେ ରାହାଞ୍ଜି ଓ ବ୍ରହ୍ମପୁର ପିଏସିଏସକୁ ଗ୍ରସ୍ତ କରି ଧାନ ମଣ୍ଡି ବୁଲି ଦେଖିଥିଲେ। ପାକ୍ସର କାର୍ଯ୍ୟକଳାପରେ ବିଭିଧତା ଆଣିବା ସହିତ ଏହାକୁ ସାଧାରଣ ସେବା କେନ୍ଦ୍ରରେ ପରିଣତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ପିପିଏଲ ଭିତ୍ତିଭୂମିର ନିର୍ମାଣର ପ୍ରଗତି ବିଷୟରେ ସମୀକ୍ଷା କରିଥିଲେ। ଏହା ପରେ ଟିଲୋ ଗ୍ରସ୍ତରେ ଆସି ସେଠାରେ ମତ୍ସ୍ୟ, ଉଦ୍ୟାନ ଓ ପ୍ରାଣୀ ଚ଼ିକିତ୍ସା ବିଭାଗର ବିଭିନ୍ନ ପ୍ରକଳ୍ପ ଗୁଡ଼ିକୁ ଗସ୍ତ କରି ଏହାର ଉନ୍ନତି ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସନ୍ଧ୍ୟାରେ ସଦ୍‌ଭାବନା ସଭାଗୃହରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀମାନଙ୍କର ଉନ୍ନୟନ କାର୍ଯ୍ୟର ସମିକ୍ଷା କରିଥିଲେ।

## ବେଆଇନ ବାଲି ଚ଼ାଲାଣ: ୩୧ଟି ହାଇଓ୍ୱା ସହ ୮ ଅଟକ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଜଳେଶ୍ୱର, ସୁବର୍ଣ୍ଣରେଖା ନଦୀରେ ବ୍ୟାପକ ଚୋରା ବାଲି ଉତ୍ତୋଳନ ଓ ପଶ୍ଚିମବଙ୍ଗକୁ ଚୋରା ଚ଼ାଲାଣ ହେଉଥିବା ନିକଟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣିରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଫଳରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବୁଧବାର ବିଳମ୍ବିତ ରାତିରେ ସୁବର୍ଣ୍ଣରେଖା ନଦୀର ଏକତାଳି ଅଞ୍ଚଳରୁ ହେଉଥିବା ଅବୈଧ ବାଲି ଉତ୍ତୋଳନ ଓ ପରିବହନ ବିରୋଧରେ ବଡ଼ ଧରଣର ଚ଼ଢ଼ାଉ କରାଯାଇଛି। ପ୍ରାୟ ରାତି ୧୧ଟାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ପ୍ରତ୍ୟୁଷ ଦିବାକର, ଉପଜିଲ୍ଲାପାଳ ଶିଭ ମାଳବିୟ ଓ ଡିଏସପି ସିଟି ମନିଷା ଶୌଗୁନ୍, ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଏସଡିପିଓ ସୁବ୍ରତ ବେହେରା, ଆଇଆଇସି ଅଶୋକ ବେହେରା, କନିଷ୍ଠ ଖଣି ଅଧିକାରୀ ତାପସ ବେହେରା, ଜିତେନ୍ଦ୍ର ଦାସ, ସମ୍ବିତ ମଣି, ଜଗନ୍ନାଥ ଦାସ ପ୍ରମୁଖ ଏହି ଚ଼ଢ଼ାଉରେ ସାମିଲ ଥିଲେ। ଚ଼ଢ଼ାଉ ସମୟରେ ବିନା ଅନୁମତିର୍ ବାଲି ପରିବହନ କରୁଥିବା ୩୧ଟି ହାଇଓ୍ୱା ଟ୍ରକ୍‌କୁ ଜବତ କରାଯାଇ ଲକ୍ଷ୍ମଣନାଥ ଡମ୍ପିଂୟାର୍ଡରେ



ରଖାଯାଇଥିବା ବେଳେ ୮ଜଣଙ୍କୁ ଅଟକ ରଖାଯାଇଛି। ସୂଚ଼ନାଯୋଗ୍ୟ ବସ୍ତା ବ୍ଲକର କାଦରାୟାଁ ବାଲି ସୈରାତକୁ ଭବେଶ ଘୋଷ ୫ ବର୍ଷ ଲାଗି ନିଲାମ ନେଇଥିଲେ। ପରେ ଏହାକୁ ଜନୈକ ବ୍ୟକ୍ତିକୁ ବାଲି ଉତ୍ତୋଳନ ଲାଗି ଦାୟିତ୍ୱ ଦେଇଥିଲେ। ବାଲି ଉତ୍ତୋଳନକାରୀମାନେ ବସ୍ତା ବ୍ଲକ ବଦଳରେ ଜଳେଶ୍ୱର ବ୍ଲକର ଏକତାଳି ନିକଟ ଜାତୀୟ ରାଜପଥ ୬୦ ଦେଇ ପଶ୍ଚିମବଙ୍ଗକୁ ଚ଼ାଲାଣ କରିଆସୁଥିଲେ। ଏହି ସୈରାତର ଅବଧି ଚ଼ଳିତମାସ ୩୦ ତାରିଖରେ ସରିବାକୁ ଥିବାବେଳେ ଏପରି ଚ଼ଢ଼ାଉ ଫଳରେ ଅବୈଧ ବାଲି ଉତ୍ତୋଳନ ଓ ବାଲି ମାଫିଆମାନଙ୍କ ମନରେ ଛନକା ପଶିଛି। ଏ ସଂପର୍କରେ ଜିଲ୍ଲାପାଳ ଅବୈଧ ଖନନ ବିରୋଧରେ ଶୂନ୍ୟ ସହିଷ୍ଣୁତା ନୀତି ଗ୍ରହଣ କରାଯିବା ସହିତ ଅଧିକ ଚ଼ଢ଼ାଉ ଜାରି ରହିବ ବୋଲି କହିଛନ୍ତି। ସୂଚ଼ନାଯୋଗ୍ୟ କଷ୍ଟାପାଳ ଠାରୁ ମାକିଦନିଆ ପର୍ଯ୍ୟନ୍ତ ନଦୀର ଦୁଇ ପାର୍ଶ୍ୱରେ ବିଭିନ୍ନ ସ୍ଥାନରେ ବାଲି ଚୋରା ଚ଼ାଲାଣ ହେଉଥିବାବେଳେ ଏହାକୁ ରୋକାଯାଇ ପାରୁନାହିଁ। ବ୍ଲକର କେତେକ ତଳିଆ କର୍ମଚ଼ାରୀ, ଅଧିକାରୀ, ରାଜନୈତିକ ଦଳର ଛତ୍ରଛାୟା ତଳେ ଥିବା କିଛି ସ୍ଥାନୀୟ କୁଜି ନେତା ଓ ଯୁବକମାନେ ଏଥିରେ ସାମିଲ ଥିବା କୁହାଯାଇଛି।

## ଚଣ୍ଡିମନ୍ଦିର ପୂଜାକୁ ନେଇ ଥାନାରେ ମାମଲା

**ଜଳେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ବ୍ଲକର କନକାଲ ଗାଁରେ ଥିବା ଚଣ୍ଡି ମନ୍ଦିରରେ ପୂଜା ଅର୍ଚ୍ଚନା ଓ ପରମ୍ପରାକୁ ନେଇ ବିବାଦ ଉପୁଜିଛି। ଏ ନେଇ ରାଇବଣିଆ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି। ସୂଚନା ଅନୁସାରେ ଗାଁରେ ଥିବା ଚଣ୍ଡି ମନ୍ଦିରର ପୂଜା ଓ ରକ୍ଷଣାବେକ୍ଷଣ ଲାଗି ବହୁବର୍ଷ ପୂର୍ବରୁ ବ୍ୟବସ୍ଥା ହୋଇଥିଲା । ମନ୍ଦିର ନାମରେ ଥିବା ଜମିକୁ ଗ୍ରାମର କିଛି ଲୋକ ବ୍ୟବହାର କରିବା ସହ ଏଥିରୁ ଆସୁଥିବା ଅର୍ଥରେ ବର୍ଷାଯାକର ପୂଜା କାର୍ଯ୍ୟ ସମ୍ପନ୍ନ ହେଉଥିଲା । ଗ୍ରାମର ଜନାର୍ଦ୍ଦନ ବେହେରା ମଧ୍ୟ କିଛି ଚଣ୍ଡି ଠାକୁରାଣୀଙ୍କ ନାମରେ ଥିବା ସମ୍ପତ୍ତିକୁ ବ୍ୟବହାର କରିଆସୁଥିଲେ । ସେ କୈବର୍ତ୍ତ ସଂପ୍ରଦାୟର ହୋଇଥିବାରୁ ତାଙ୍କୁ ଗ୍ରାମର କିଛି ବ୍ୟକ୍ତି ମନ୍ଦିରକୁ ପଶିବାକୁ ବାରଣ କରିଥିଲେ । ଏପରିକି ପୁରୀ ମୁକ୍ତି ମଣ୍ଡପରୁ ଏକ ଆଦେଶ ମାଳା ଆଣି ଜନାର୍ଦ୍ଦନକୁ ମନ୍ଦିରକୁ ବାରଣ କରିବା ସହିତ ତାଙ୍କ ପୁରହିତଙ୍କୁ ମଧ୍ୟ ତାଙ୍କ ଘରକୁ ଯିବାକୁ ବାରଣ କରାଯାଇଥିଲା । କେତେକ ଗ୍ରାମବାସୀ ଜାତିଆନା ଅକ୍ଷେପ ଲଗାଇ ମନ୍ଦିରକୁ ଆପଣେଇ ଥିବା ଥାନାରେ ଅଭିଯୋଗ ହୋଇଛି । ଏ ନେଇ ରାଇବଣିଆ ଥାନାରେ ୧୦୮/୨୫ରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ଏ ସଂପର୍କରେ ଗ୍ରାମ୍ୟ ମୁଖ୍ୟ ତପନ ଦାସଙ୍କୁ ପଚାରିବାରୁ ସମାଧାନ ଲାଗି ଚେଷ୍ଟା କରାଯାଉଥିବା କହିଛନ୍ତି । ସୂଚନା ଯୋଗ୍ୟ ସମସ୍ତ ଜାତି ସମାନ ଆଇନ୍ ରହିଥିବା ବେଳେ ପ୍ରାୟ ସମସ୍ତ ଗ୍ରାମରେ ଏଭଳି ସମସ୍ୟା ରହିଛି।

## ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷଙ୍କ ଦୁଇଦିନିଆ ଜଗତସିଂହପୁର ଗସ୍ତ

**ଜଗତସିଂହପୁର: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ଅବନିକାନ୍ତ ସାହୁ ଦୁଇଦିନିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଗୁରୁବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହ ଠାରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଅଧ୍ୟକ୍ଷ ଶ୍ରୀ ସାହୁ ଖାଦ୍ୟ ସୁରକ୍ଷା ଓ ଯୋଗାଣର ବିଭିନ୍ନ ଦିଗ ଉପରେ ଆଲୋଚ଼ନା କରିଥିଲେ। ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ୨୦୧୩ ଆଧାରରେ ଜିଲ୍ଲାରେ ଥିବା ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ଆଶ୍ରମ ବିଦ୍ୟାଳୟ, ନ୍ୟୁଟ୍ରି ଗାର୍ଡେନ ଆଦିରେ ଖାଦ୍ୟ ଯୋଗାଣ ଓ ଗୁଣବତ୍ତା ବିଷୟରେ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚ଼ନା କରିଥିଲେ। ନୂତନ ରାସନ୍ କାର୍ଡ ଯୋଗାଇବାରେ ସରକାରଙ୍କ ଆଭିମୁଖ୍ୟ ପାଇଁ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ



ଅଯୋଗ୍ୟ ହିତାଧିକାରୀଙ୍କୁ ସଠିକ୍ ଯାଞ୍ଚ କରି ତାଲିକାରୁ ବାଦ ଦେବାପାଇଁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଆସନ୍ତା ଏକ ମାସ ମଧ୍ୟରେ ତୃଣମୂଳ ସ୍ତରରେ ଯାଞ୍ଚ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। କାର୍ଡରେ ସଦସ୍ୟଙ୍କ ନାମ ଯୋଡିବା ନେଇ ଉପୁଜିଥିବା ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସରକାରଙ୍କ ସହ ଆଲୋଚ଼ନା କରିବେ ବୋଲି ସେ କହିଥିଲେ। ଜିଲ୍ଲାରେ ନିଜର କ୍ଷେତ୍ର ପରିଦର୍ଶନ ସମୟରେ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ ଓ ସେଠାକାର ଖାଦ୍ୟର ମାନ ଯାଞ୍ଚ କରି ନିଜର ସନ୍ତୁଷ୍ଟି ପ୍ରକାଶ କରିଥିଲେ। ଏଥିସହିତ ପ୍ରତ୍ୟେକ ବିଦ୍ୟାଳୟରେ ଷ୍ଟକ୍ ରେଜିଷ୍ଟର ନିୟମିତ ଯାଞ୍ଚ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅଙ୍ଗନୱାଡ଼ି କେନ୍ଦ୍ରର ସୁବ୍ୟବସ୍ଥା ପାଇଁ ଜିଲ୍ଲାକୁ ପ୍ରଶଂସା କରିଥିଲେ। ଏହାସହ ଅଙ୍ଗନୱାଡ଼ି ଓ ଏଠାରେ ପଢୁଥିବା ଶିଶୁଙ୍କୁ ଦେଶର ମେରୁଦଣ୍ଡ ବୋଲି ଅଭିହିତ କରି ନିର୍ମାଣାଧୀନ କେନ୍ଦ୍ରକୁ ତ୍ୱରିତ ସମ୍ପୂର୍ଣ୍ଣ କରିବା ସହ ଆବଶ୍ୟକୀୟ ଜରୁରୀ ସୁବିଧା ଯଥା ପାଇପ ଲାଇନ୍ ଜଳ, ଶୌଚ଼ାଳୟ, ରୋଷେଇ ଘର ଆଦି ଯୋଗାଇବାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଜିଲ୍ଲାରେ ଥିବା ଆଶ୍ରମ ବିଦ୍ୟାଳୟ ଗୁଡ଼ିକର ଭିତ୍ତି ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷ ଶ୍ରୀ ସାହୁ ସମସ୍ତ ବ୍ଲକ୍‌ର ବିଡ଼ିଓ, ମ୍ୟୁନିସପାଲିଟି ନିର୍ବାହୀ ଅଧିକାରୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚ଼ନା କରିଥିଲେ। ନିୟମିତ ଭାବେ କ୍ଷେତ୍ର ପରିଦର୍ଶନ କରି ଲୋକମାନଙ୍କ ପ୍ରକୃତ ସୁବିଧା ଅସୁବିଧା କଥା ବୁଝି ତାର ସମାଧାନ ପାଇଁ ସେ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ସମସ୍ତ ବିଡ଼ିଓ, ଦୁଇ ମ୍ୟୁନିସପାଲିଟିର ନିର୍ବାହୀ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ସିଡ଼ିପିଓ, ଏମଆଇ ପ୍ରମୁଖ ଉପସ୍ଥିତ ରହି ଆଲୋଚ଼ନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ଗଞ୍ଜେଇ ମାଫିଆ ଗିରଫ, ୨୬ କିଲୋ ଗଞ୍ଜେଇ ସମେତ କାର ଜବତ

**ଖୋର୍ଦ୍ଧା: ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଜିଲ୍ଲାରେ ବେଆଇନ ଭାବରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଏହାକୁ ରୋକିବା ନିମନ୍ତେ ଅବକାରୀ ସୁପରଟେଂଣ୍ଡ ସୁମତି ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ ଗଠନ କରିଥିଲେ । ଏହି ଟିମରେ ଆଇଓ ଭାବରେ ଦାଇତ୍ୱ ନେଇଥିଲେ । ଅବକାରୀ ବିଭାଗର ରେଞ୍ଜର ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ଆଇଆଇସି ଜିଲ୍ଲା ମୋବାଇଲ୍ ୟୁନିଟ୍ ତାପସ୍ୱିନି ବାରାଳ, ସୁଜିତ କୁମାର ନାଗ, ଓଆଇସି ସୁଜିତ କୁମାର ମୁଦୁଲି, ଏଏସଆଇ ସଞ୍ଜୟ କୁମାର ରାଉତ, ଏଏସଆଇ ଜିତେନ୍ଦ୍ର ହେମ୍ବ୍ର , ବାଲୁଁଗ ଅବକାରୀ ମୀନକେତନ ମହାଲିକ୍, ସତ୍ୟବନ୍ତ ମାଝୀ, ତପସ୍ୱିନୀ ବେହେରା, ଟିଟୁ ସାହୁ, ପ୍ରଣବ ବେହେରା ପ୍ରମୁଖ ୫୭ ନମ୍ବର ଜାତୀୟ ରାଜପଥ କଡରେ ପୂର୍ବ ସୂଚନା ଅନୁଯାଇ ଜଗିଥିବା ବେଳେ ଗଞ୍ଜେଇ ଚାଲାଣ କାରଟିକୁ ଅଟକାଇବା ପାଇଁ ପ୍ରୟାଶ କରିଥିଲେ ତେବେ ଗାଡିଟି ନ ଅଟକି ଦ୍ରୁତଗତିରେ ପଳାଇବା ପାଇଁ ଚେଷ୍ଟା କରି ଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା । ତଥାପି କାରଟି ନ ଅଟକି ପଳାଇବା ପାଇଁ ପ୍ରୟାଶ କରିଥିବା ବେଳେ ଅବକାରୀ ବିଭାଗର ଟିମ ଗୋଡ଼ାଇ ଖୋର୍ଦ୍ଧା ମୁଖ୍ୟଚିକିତ୍ସାଳୟ ସମୁଖ ରାସ୍ତାରେ କାବୁ କରିବାରେ ସମର୍ଥ ହୋଇଥିଲା ତେବେ ଅନ୍ୟ ଏକ କାର ପଳାଇବାରେ ସକ୍ଷମ ହୋଇଥିବା ବେଳେ ଜବତ କାରଟିକୁ ଯାଞ୍ଚ ସମୟରେ ୨୬ କିଲ ଗଞ୍ଜେଇ କାର ମଧ୍ୟରୁ ମିଳିଥିଲା ଏବଂ ଡ୍ରାଇଭର ଠାରୁ ଏକ ମୋବାଇ ଜବତ କରିବା ସହିତ ମାରୁତି ସୁଜୁକି ଡିଜିଆର ଓଡି୦୨ ସିସି ୧୧୨୨ ନମ୍ବର ଗାଡିକୁ ଜବତ କରିଛି ଅବକାରୀ ବିଭାଗ ଗିରଫ ଡ୍ରାଇଭର ନୟାଗଡ ଜିଲ୍ଲାର ବଳଭଦ୍ରପ୍ରସାଦ ପୁରୁଣା ସାହିର ପ୍ରକାଶ କୁମାର ପ୍ରଧାନ ବୟସ ୩୩ ପିତା ମଧୁ ପ୍ରଧାନଙ୍କୁ ଗିରଫ କରି ତାଙ୍କ ନାମରେ ଏକ ଏନଡିପିଏସ ଆକ୍ଟରେ ୨୧୫/୨୫ରେ କେଶ ରୁଜୁକରି କୋର୍ଟଚାଲାଣ କରିଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଅବକାରୀ ସୁପରଟେଣ୍ଡ ସୁମତି ତ୍ରିପାଠୀ।

## ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ଦଶପଲ୍ଲା : ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲା ବ୍ଲକ ପୋଖରୀଗୋଛା ପଞ୍ଚାୟତ ଉଦୁଡା ଗ୍ରାମ ନିକଟ ରାସ୍ତା କଡ଼ରୁ ଏକ ମୃତ ଦେହ ଠାବ କରାଯାଇଛି । ମୃତକ ଜଣକ ଚିନା ପହଁରା ଗ୍ରାମର ସୁବାସ ଥାଟୋଇଙ୍କ ୨୩ବର୍ଷର ପୁଅ ହରି ଥାଟୋଇ । ହରି କୌଣସି ଏକ କାମରେ ବ୍ରହ୍ମପୁର ଯାଇଥିଲେ । ସେଠାରୁ ବସ ଯୋଗେ ରାତି ୮.୩୦ ମି. ରେ ଦଶପଲ୍ଲା ଫେରି ହୋଟେଲରେ ଖାଇଥିଲେ । ପରେ ସେ ରଖି ଯାଇଥିବା ମୋଟର ସାଇକେଲ ଧରି ନିଜ ଗାଁ ଚିନା ପହଁରା ଯାଉଥିଲେ । ରାସ୍ତାରେ କଣ ହେଲା ଯାହା କି ସକାଳୁ ତାଙ୍କ ମୃତ ଦେହ ଉଦୁଡା ରାସ୍ତା ପାଖରେ ପଡ଼ିଥିବା ଲୋକମାନେ ଦେଖି ପୋଲିସକୁ ଖବର ଦେଇଥିଲେ । ପାରିପାର୍ଶ୍ୱିକ ଅବସ୍ଥାରୁ ଯାହା ଦେଖା ଯାଉ ଥିଲା ଏହା ଦୁର୍ଘଟଣା ହୋଇ ନ ପାରେ କାରଣ ମୃତକ ପାଖରେ ବାଇକଟି ରଖା ଯାଇଥିଲା । ପକେଟରେ ମୋବାଇଲ ଇତ୍ୟାଦି ଥିଲା। ପଡିଯିବା କିମ୍ବା କୌଣସି ଗଛରେ ପିଟି ହେଲା ଭଳି ଅବସ୍ଥା ମଧ୍ୟ ନଥିଲା । ତେବେ ଏହା ମାଓ ବାଦୀଙ୍କ କାର୍ଯ୍ୟ ହୋଇ ପାରେ ବୋଲି ଚର୍ଚ୍ଚା ଜୋର ଧରିଛି । ଆଜି ଡ଼ିଏସପି ଆସି ଦଶପଲ୍ଲା ଥାନା ଆଇଆଇସି ବିନୟ ରଞ୍ଜନ ପରିଡାଙ୍କ ସହ ଘଟଣାକୁ ଗୁରୁତର ସହ ନେଇ ଅନୁସନ୍ଧାନ ଚାଲୁ ରଖିଛନ୍ତି । ସମ୍ବାଦ ଲେଖା ହେବା ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ହୋଇ ନାହିଁ ।


**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No.5991 date-24-11- 2025. I Sudhir Swain, S/O- Jagabandhu Swain, Vill-Mugakani, Post.-Junapangara, P.S.- Rajnagar, Dist- Kendrapara, State-Odisha, PIN-754225, declare that, I have changed my minor sons name from Sudit Swain to Sudipta Swain. Henceforth, he shall be known as Sudipta Swain for all purposes.

S/d-
Sudhir Swain.

**AFFIDAVIT**

By virtue of affidavit sworn before Executive Magistrate, Rajnagar, vide affidavit No-9076, dt27-11-2025, I Gyanaranjan Rout, S/O- Sukadev Rout,Vill-Nagad, P.O.Bandhapatana, P.S-Rajnagar, Dist-Kendrapara,State - Odisha, PIN-7542246, declare that, I have changed my name from Gyan Ranjan Rout to Gyanaranjan Rout. Henceforth I shall be known as Gyanaranjan Rout for all purposes.

S/d-
Gyanaranjan Rout.

**AFFIDAVIT**

By virtue of affidavit sworn before Executive Magistrate, Rajnagar, vide affidavit No-9077 dt27-11-2025, I Amiyaranjan Rout, S/O- Abhiram Rout, Vill-Nagad, P.O.Bandhapatana, P.S-Rajnagar, Dist-Kendrapara,State - Odisha, PIN-7542246, declare that, I have changed my name from Amya Ranjan Rout to Amiyaranjan Rout. Henceforth I shall be known as Amiyaranjan Rout for all purposes.

S/d-
Amiyaranjan Rout.


## କବାଟ ଭାଙ୍ଗି ଏକ ଲକ୍ଷ ଟଙ୍କା ଲୁଟି

**କଣାସ : ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ଥାନା ଗଡବଳଭଦ୍ରପୁର ଗ୍ରାମପଞ୍ଚାୟତର ଅଶ୍ୱସ୍ତପାରି ଗ୍ରାମର ପ୍ରଭାତ ମଙ୍ଗରାଜଙ୍କ ବାସଗୃହ ଆଗ ଗ୍ରୀଲ ଭାଙ୍ଗି ଦୁର୍ବୃତମାନେ ଘରେ ପସି ନଗଦ ୨୦ ହଜାର ଟଙ୍କା ତାଙ୍କ ପତ୍ନୀ ପିନ୍ଧିଥିବା ମଙ୍ଗଳସୂତ୍ର ବେକରୁ କାଟି ନେଇଯାଇଥିବା ପ୍ରଭାତ କଣାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରି ଯାଇଥିବା ଜିନିଷର ମୂଲ୍ୟ ଏକ ଲକ୍ଷ ଟଙ୍କା ହେବା । ଖବର ପାଇ କଣାସ ପୁଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲେ ମଧ୍ୟ ଦୁର୍ବୃତର ସନ୍ଧାନ ପାଇ ନଥିବା ଜଣାପଡିଛି । କିଛି ଦିନ ହେଲା କଣାସ ଥାନା ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବା ଜଣାପଡିଛି । ଆଠ ଦିନ ତଳେ ବଳାଜିତପୁର ଗ୍ରାମରୁ ଦୁର୍ବୃତମାନେ କବାଟ ଭାଙ୍ଗି ଦୁଇ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱହେବ ସୁନା ରୂପା ଚୋରି କରିଥିବାବେଳେ କିଛି ଦିନ ତଳେ କୋଟକଣା ଓ ଅଣ୍ଡାଳସିଂହ ଗ୍ରାମରୁ ବାସଗୃହ ଦ୍ୱାରେ ଥିବା ଦୁଇଟ ମଟର ସାଇକେଲକୁ ଦୁର୍ବୃତମାନେ ଚୋରି କରି ନେଇଯାଇଥିଲେ । କଣାସ ଅଞ୍ଚଳରେ ଚୋରା ବ୍ରାଉନ ସୁଗାର କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବାରୁ ବ୍ରାଉନସୁଗାର ଖାଉଥିବା ଯୁବକମାନେ ଛୋଟବଡ ଚୋରିରେ ସକ୍ରିୟ ହେଉଥିବା ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହେଉଛି ।

## ଜରାଜୀର୍ଣ୍ଣ ଅବସ୍ଥାରେ ଚ଼ନ୍ଦନୀମାଳ ଗ୍ରାମୀଣ ପାର୍କ



**କୁଚ଼ିଣ୍ଡା: ଏକ୍ସପ୍ରେସ ନ୍ୟୁଜ୍**

କୁଚ଼ିଣ୍ଡା ବ୍ଲକ ଅନ୍ତର୍ଗତ ଚ଼ନ୍ଦନୀମାଳ ପଞ୍ଚାୟତର ଚ଼ନ୍ଦନୀମାଳଠାରେ ଥିବା ଗ୍ରାମୀଣ ପାର୍କ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଏହାର ସୌନ୍ଦର୍ଯ୍ୟକରଣ କାମ ଓ ରକ୍ଷଣାବେକ୍ଷଣ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନଥିବାରୁ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚ଼ନାରୁ ପ୍ରକାଶ ଗ୍ରାମାଞ୍ଚଳରେ ଲୋକଙ୍କ ବିଶେଷ କରି ଶିଶୁମାନଙ୍କ ମନୋରଞ୍ଜନ ପାଇଁ ପୂର୍ବ ସରକାର ଗ୍ରାମୀଣ ପାର୍କ ନିର୍ମାଣ କରିବା ପାଇଁ ଯୋଜନା କରିଥିଲେ। ଏଥିରେ ପାର୍କର ପାଚେରୀ ନିର୍ମାଣ, ବୃକ୍ଷରୋପଣ, ଶିଶୁଙ୍କ ଖେଳିବା ପାଇଁ ଦୋଳି ଏବଂ ଲୋକଙ୍କ ବସିବା ପାଇଁ ବେଞ୍ଚ ବ୍ୟବସ୍ଥା କରିବାକୁ ସ୍ଥିର ହୋଇଥିଲା। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ସରକାର ମନରେଗା ଯୋଜନାରେ ୧୦ ଲକ୍ଷ ଟଙ୍କାର ଅନୁଦାନ ସମସ୍ତ ପଞ୍ଚାୟତକୁ ପ୍ରଦାନ କରିଥିବା ବେଳେ ପାର୍କ ଗୁଡ଼ିକର ନିର୍ମାଣ ସମ୍ପୂର୍ଣ୍ଣ କରିବା ଓ ଏହାର ସୌନ୍ଦର୍ଯ୍ୟକରଣ କାମ ପାଇଁ ମନରେଗା ପାଣ୍ଠିରୁ ଅର୍ଥ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରକାରୀ କର୍ମଚ଼ାରୀଙ୍କ ଇଚ୍ଛାଶକ୍ତି ଅଭାବରୁ କୁଚ଼ିଣ୍ଡା ବ୍ଲକର ଅଧିକାଂଶ ଗ୍ରାମୀଣ ପାର୍କ ଅତି ଦୟନୀୟ ସ୍ଥିତିରେ ପଡ଼ିରହିଛି। ଚ଼ନ୍ଦନୀମାଳ ଗ୍ରାମୀଣ ପାର୍କର ଅବସ୍ଥା ମଧ୍ୟ ଅତି ଦୟନୀୟ ସ୍ଥିତିରେ ରହିଛି। ଏହି ପାର୍କର କାମରେ ଗତ ୨୦୧୯- ୨୦୨୦ ବର୍ଷରେ ମନରେଗା ଯୋଜନାର ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଥିବାବେଳେ ୨୦୨୦- ୨୦୨୧ ବର୍ଷରେ ମଧ୍ୟ ୧୫ତମ କେନ୍ଦ୍ରୀୟ ଅର୍ଥ କମିଶନ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ମାତ୍ର ଏହି ପାର୍କକୁ ଦେଖିଲେ ଏହି ଟଙ୍କା ପାର୍କ କାମରେ କମ୍ ଖର୍ଚ୍ଚ ହୋଇ ଆତ୍ମସାତ ହୋଇଥିବା ସାଧାରଣରେ ଚ଼ର୍ଚ୍ଚା ହେଉଛି। ପାର୍କର କେବଳ ପାଚେରୀ ନିର୍ମାଣ କରାଯିବା ସହିତ କିଛି ବୃକ୍ଷରୋପଣ କରାଯାଇଥିଲା। ଯାହାକି ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇ ଗଲାଣି। ପାର୍କର ରକ୍ଷଣାବେକ୍ଷଣ ପାଇଁ ଗତ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ପଞ୍ଚାୟତ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ସରପଞ୍ଚଙ୍କୁ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ କିଛି ସୁଫଳ ମିଳୁନଥିବା ଗ୍ରାମବାସୀ ଜଣାଇଛନ୍ତି। ତୁରନ୍ତ ଏଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ନିର୍ମାଣ କରିବାକୁଧ୍ୟାନ ଗ୍ରାମବାସୀ ଦାବି କରିଛନ୍ତି। ଯାହାଫଳରେ ଛୋଟ ଛୋଟ ଶିଶୁମାନେ ଖେଳିପାରିବେ।

### ବାଣିଜ୍ୟ

## ପୁଞ୍ଜି ବଜାରରେ ରେକର୍ଡ ଭାଙ୍ଗିଲା ନିଫ୍ଟି

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ସେୟାର ବଜାର ଉତ୍ସାହ। ୧୪ ମାସ ଭିତରେ ରେକର୍ଡ ସ୍ତରରେ ନିଫ୍ଟି। ପୁଞ୍ଜି ବଜାରରେ ରେକର୍ଡ ଭାଙ୍ଗିଲା ନିଫ୍ଟି। ୨୬୩୫୫ ଅଙ୍କ ସହ ଛୁଇଁଲା ସର୍ବୋଚ୍ଚସ୍ତର। ୮୬ ହଜାର ପାଖରେ କାରବାର କରୁଛି ସେନ୍‌ସେକ୍ସ। ବୁଧବାର ନିବେଶକମାନେ ବଜାରରୁ ପ୍ରାୟ ୪ ଲକ୍ଷ କୋଟି ଟଙ୍କା ରୋଜଗାର କରିଛନ୍ତି। ସେନସେକ୍ସର ଶୀର୍ଷ ୩୦ଟି କମ୍ପାନୀ ମଧ୍ୟରୁ ଗୁରୁବାର ୧୬ଟି କମ୍ପାନୀରେ ଉନ୍ନତି ପରିଲକ୍ଷିତ ହୋଇଥିବା ବେଳେ ୧୪ଟି କମ୍ପାନୀରେ ଏପର୍ଯ୍ୟନ୍ତ ହ୍ରାସ ଘଟୁଛି।

ବିଏସଇ ସେନସେକ୍ସ ୪୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇ ୮୬,୦୦୦ ଅତିକ୍ରମ କରିଛି। ସେହିପରି ଏନଏସଇ ନିଫ୍ଟି ୫୦ ୨୬,୩୦୦ ଉପରେ ରେକର୍ଡ ହାସଲ କରିଛି, ଯାହାକି ୧୪ ମାସ ମଧ୍ୟରେ ଏହାର ପ୍ରଥମ ଶୀର୍ଷ। ୩୦-ଷ୍ଟକ୍ ସେନସେକ୍ସରେ ବଜାଜ ଫାଇନାନ୍ସ, ଆକ୍ସିସ୍ ବ୍ୟାଙ୍କ, ଲାର୍ସନ୍ ଆଣ୍ଡ ଟୁବ୍‌ରୋ, ବଜାଜ ଫିନସର୍ଭ ଏବଂ ଏସିଆନ୍ ପେଣ୍ଟସ୍ ସର୍ବାଧିକ ଲାଭକାରୀ ରହିଛନ୍ତି, ଯାହା ୦.୮% ଏବଂ ୧.୫% ମଧ୍ୟରେ ବୃଦ୍ଧି ପାଇଛି। ମିଡ୍-କ୍ୟାପ୍ ସୂଚ଼କାଙ୍କ ୦.୧% ବୃଦ୍ଧି




ପାଇଥିବା ବେଳେ ସ୍ମଲ-କ୍ୟାପ୍ ସୂଚ଼କାଙ୍କ ମଧ୍ୟ ୦.୧% ବୃଦ୍ଧି ପାଇଛି। ଜାପାନ ବାହାରେ ଏମଏସସିଆଇ ସବୁଠୁ ବଡ ଏସୀୟ-ପ୍ରଶାନ୍ତ ଇଣ୍ଡେକ୍ସ ୦.୪% ବୃଦ୍ଧି ପାଇଛି, ଯାହା ୱାଲ ଷ୍ଟ୍ରିଟର ଲାଭକୁ ଅନୁସରଣ କରୁଛି। ଜାପାନର ନିକ୍‌କେଇ ଏବଂ ଦକ୍ଷିଣ କୋରିଆର କୋସ୍ପି ଉଭୟ ୧% ରୁ ଅଧିକ ବୃଦ୍ଧି ପାଇଛି। ସେହିପରି ଗୁରୁବାର ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ୦.୦୭% ଅଧିକ ଶକ୍ତିଶାଳୀ ହୋଇ ୮୯.୨୦୫୦ରେ ଖୋଲିଥିଲା, ଡିସେମ୍ବରରେ ଫେଡ୍ ସୁଧ ହାର ହ୍ରାସ ଏବଂ ଡଲାର ଦୁର୍ବଳ ହେବା ଦ୍ୱାରା ଏହା ଲାଭବାନ ହୋଇଛି। ତଥାପି, ବ୍ୟାଙ୍କରମାନେ କହିଛନ୍ତି ଯେ, ଦୀର୍ଘ ସମୟ ପାଇଁ ଏହି ଲାଭ ବଜାୟ ରଖିବା କଷ୍ଟକର ହୋଇପାରେ। ଏସୀୟ ବାଣିଜ୍ୟରେ ଡଲାର ସୂଚ଼କାଙ୍କ ଆହୁରି ହ୍ରାସ ପାଇଛି। ଏହି ସପ୍ତାହରେ ଏହା ପ୍ରାୟ ୦.୮% ହ୍ରାସ ପାଇଛି।

### ସିନେମାଫିନେମା ଟିଭିଫିବି

## 'ତେରେ ଇଶ୍କ ମେଁ' ଟ୍ରେଲର୍ ଆଉଟ୍




**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ଶୁକ୍ରବାର ମୁକ୍ତିଲାଭ କରିବ କ୍ରିତି ସାନନଙ୍କ ଅପକମିଂ ଫିଲ୍ମ 'ତେରେ ଇଶ୍କ ମେଁ'। ଫିଲ୍ମରେ ତାଙ୍କ ଅପୋଜିଟରେ ଅଛନ୍ତି ସାଉଥ୍ ସୁପରଷ୍ଟାର୍ ଧନୁଷ। ତେବେ ବୁଧବାର ବାରାଣସୀର ଆଇପି ମଲ ଫିଲ୍ମର ଟ୍ରେଲର୍ ରିଲିଜ୍ ହୋଇଛି। ଏହା ପରେ କ୍ରିତି ଓ ଧନୁଷ ବାବା ବିଶ୍ୱନାଥଙ୍କ ଦର୍ଶନ କରି ଫିଲ୍ମର ସଫଳତା ପାଇଁ ପୂଜା କରିଛନ୍ତି। ତା'ପରେ ଦଶାଶ୍ୱମେଧ ଘାଟରେ ଗଙ୍ଗା ଆରତୀ କରିଛନ୍ତି।

ଏ ନେଇ କ୍ରିତି କହିଛନ୍ତି, ବାରାଣସୀର ଆଧାତ୍ମିକ ଉର୍ଜା ଓ ସଂସ୍କୃତି ମୋତେ ଗଭୀର ଭାବେ ପ୍ରଭାବିତ କରିଛି। ଏଠାକୁ ଆସି ମୁଁ ଅତ୍ୟନ୍ତ ଭାଗ୍ୟଶାଳୀ ମନେକରୁଛି । 'ତେରେ ଇଶ୍କ ମେଁ' ଏକ ପ୍ରେମକାହାଣୀ, ଯାହା ତର୍କ, ସମୟ ଓ ଭାଗ୍ୟକୁ ଚ଼ାଲେଞ୍ଜ୍ ଦେଇଛି। ଶଙ୍କର ଓ ମୁକ୍ତିଙ୍କ ଉପରେ ଫିଲ୍ମର କାହାଣୀ ପର୍ଯ୍ୟବସିତ। ପୂର୍ବରୁ ଏହାର ଟିଜର୍ ରିଲିଜ୍ ହୋଇଛି, ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। କିଛି ଏହାକୁ ଧନୁଷଙ୍କ ସୁପରହିଟ୍ ଫିଲ୍ମ 'ରାଂଝଣା' ସହ ତୁଳନା କରୁଛନ୍ତି। ୨ ମିନିଟ୍ ୪ ସେକେଣ୍ଡ ଟିଜର୍‌ରେ ଧନୁଷ ଓ କ୍ରିତିଙ୍କ ଦମ୍‌ଦାର କେମିଷ୍ଟ୍ରି ଦେଖିବାକୁ ମିଳିଛି। ଫିଲ୍ମର କାହାଣୀ ଲେଖିଛନ୍ତି ହିମାଂଶୁ ଶର୍ମା, ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ ଏଲ୍. ରାୟ। ପ୍ରଥମ ଥର କ୍ରିତି-ଧନୁଷଙ୍କ ଯୋଡିକୁ ପରଦାରେ ଦେଖିବା ପାଇଁ ଦର୍ଶକ ଖୁବ୍ ଉତ୍ସାହିତ ଅଛନ୍ତି। ଫିଲ୍ମର ଗୀତକୁ ନେଇ ଭଲ ପ୍ରତିକ୍ରିୟା ମିଳୁଛି। ବକ୍ସ ଅଫିସ୍‌ରେ ଏହା ଭଲ ପ୍ରଦର୍ଶନ କରିବ ବୋଲି ଟିମ୍ର ବିଶ୍ୱାସ।

ଓଡ଼ିଶା

୩ ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର । ୨୮ ନଭେମ୍ବର ୨୦୨୫ । ଶୁକ୍ରବାର

# ବିନା ନିରୀକ୍ଷକରେ ଚାଲିଛି କେସିଙ୍ଗା ଡାକଘର






**୨୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲାର କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ମୁଖ୍ୟ ପୋଷ୍ଟ ଅଫିସରେ ୪ ମାସ ହେଲାଣି ଡାକ ନିରୀକ୍ଷକ ପଦବୀ ଖାଲି ଥିବାରୁ ବିଭିନ୍ନ ଉପ ଡାକ ଘରେ ଅନେକ ଦୁର୍ନୀତି ହେଉଥିବା ଜଣାପଡ଼ିଛି । ଏହା ପୂର୍ବରୁ ଯିଏ ଡାକ ନୀରିକ୍ଷକ ଥିଲେ ତାଙ୍କୁ ପ୍ରାୟ ଚାରି ମାସ ତଳେ ଅନ୍ୟତ୍ର ବଦଳି ହୋଇ ଯିବାପରେ ତାଙ୍କ ସ୍ଥାନରେ ବର୍ତ୍ତମାନ ପର୍ଯ୍ୟନ୍ତ ଡାକ ବିଭାଗ ନୂତନ ଡାକ ନିରୀକ୍ଷକଙ୍କୁ ନିଯୁକ୍ତି ଦେଇ ନ ଥିବାରୁ ବହୁ ଅସୁବିଧା ହେଉଛି । ନର୍ଲାରେ ଥିବା ଜଣେ ଡାକ ପରିଦର୍ଶକଙ୍କୁ କେସିଙ୍ଗା ମୁଖ୍ୟ ପୋଷ୍ଟ ଅଫିସର ଦାୟିତ୍ୱ ଦିଆଯାଇଛି । କିନ୍ତୁ ଦାୟିତ୍ୱରେ ଥିବା ଡାକ ପରିଦର୍ଶକ ଜଣକ ନର୍ଲାରେ ଅଧିକାଂଶ ସମୟ ବିତାଉଛନ୍ତି । କିନ୍ତୁ କେସିଙ୍ଗା ମୁଖ ଡାକ ଘରକୁ ଆସୁ ନ ଥିବାରୁ ଅନେକ ପୋଷ୍ଟ ଅଫିସ ଗୁଡିକରେ ବିଭିନ୍ନ ପ୍ରକାର ଦୁର୍ନୀତି ହେଉଥିବାର ଅଭିଯୋଗ ହେଉଛି ।

ପ୍ରକାଶ ଥାଉ କି, ଉକ୍ତ ପୋଷ୍ଟ ଅଫିସ ଅଧୀନରେ ୨୦ଟି ବ୍ରାଞ୍ଚ ପୋଷ୍ଟ ଅଫିସ ରହିଛି । ବ୍ରାଞ୍ଚ ପୋଷ୍ଟ ଅଫିସଗୁଡ଼ିକରେ କାଗଜଜାତ ତଦନ୍ତ କରିବାକୁ କେହି ନ ଥିବାରୁ ଘୋର ଅସୁବିଧା ହେଉଛି । ସମସ୍ତ ଉପ ପୋଷ୍ଟ ମାଷ୍ଟରଙ୍କ ଛୁଟି ମଞ୍ଜୁରର କ୍ଷମତା ମଧ ପରିଦର୍ଶକଙ୍କ ହାତରେ ରହିଛି । ଆଗାମୀ ଦିନରେ ଅନେକ ବ୍ରାଞ୍ଚ ପୋଷ୍ଟ ଅଫିସରେ ଅର୍ଥ ହେରଫେର ହେଉଥିବାର ଆଭିଯୋଗ ହେଉଛି । ଅଧିକାଂଶ ଉପ ଡାକ ଘରେ ଉପ ଡାକ ମାଷ୍ଟରମାନେ ଗୋଟିଏ ଓଳି କାମ ସାରି ଘରେ ବସୁଛନ୍ତି । ଇତି ମଧରେ କେସିଙ୍ଗାରେ ମଧ ଦୁଇ ଜଣ ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଟଙ୍କା ହେରଫେର ମାମଲାରେ ଜେଲ ମଧ ଯାଇଛନ୍ତି ।

ଅନେକ ସମୟରେ ଶୁଣିବାକୁ ମିଳୁଛି ଯେ, କିଛି ଅପହଞ୍ଚ ଗ୍ରାମାଞ୍ଚରେ ଥିବା ବ୍ରାଞ୍ଚ ପୋଷ୍ଟ ଅଫିସ ଦିନ ତମାମ ଖୋଲୁନାହାନ୍ତି । ଚିଠିପତ୍ର ମଧ ଠିକ ଭାବେ ବଣ୍ଟନ କରାଯାଉନାହିଁ । ବର୍ତ୍ତମାନ ବିନା ପୋଷ୍ଟ ନିରୀକ୍ଷକରେ କେସିଙ୍ଗା ଅଣ୍ଡରରେ ଥିବା ୨୦ଟି ସବ ପୋଷ୍ଟଅଫିସ କିପରି ଚାଲୁଥିବ ତାହା ଚିନ୍ତାର ବିଷୟ । କିଛି ବ୍ରାଞ୍ଚ ପୋଷ୍ଟ ଅଫିସରେ କାର୍ଯ୍ୟରତ ପୋଷ୍ଟ ମାଷ୍ଟରମାନେ କିଛି ଟଙ୍କା ଦେଇ ଅନ୍ୟ ଜଣଙ୍କୁ ପୋଷ୍ଟ ଅଫିସରେ ବସାଇ କାମ କରାଉଛନ୍ତି । ନିଜେ ଅନ୍ୟ କାମରେ ନିୟୋଜିତ ହେଉଥିବା ଦେଖିବାକୁ ମିଳୁଛି । କିଛି ବ୍ରାଞ୍ଚ ପୋଷ୍ଟ ମାଷ୍ଟରମାନେ ନିଜ ପୋଷ୍ଟ ଅଫିସ କାମ ଛାଡ଼ି ପୋଷ୍ଟାଲ ଏଜେଣ୍ଟ କାମ କରୁଥିବା ମଧ ଅନେକ ଉଦାହରଣ ରହିଥିଲେ ମଧ ବିଭାଗ ଜାଣି ଶୁଣି ଚୁପ ବସିଛି ।

ଅନ୍ୟପଟେ କେସିଙ୍ଗା ପୋଷ୍ଟ ଅଫିସ ଡାକ ପରିଦର୍ଶକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଦୁଇ ଜଣ ଓଭରସିଅର ମନଇଛା ଅଫିସ ଖୋଲୁଛନ୍ତି । ଦୁଇ ଜଣ ଙ୍କୁ ଯେତେବେଳେ ପଚାରିଲେ କେବଳ ପରିଦର୍ଶନରେ ଯାଇଥିଲୁ ବୋଲି ବାହାନା କହି ଚାଲି ଯାଉଛନ୍ତି । ଏତେ ବଡ ଡାକ ପରିଦର୍ଶକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ କେସିଙ୍ଗାରେ ଚାରିମାସ ହେଲା ଖାଲି ପଡ଼ିଛି । ଯେତେବେଳେ ଦେଖିଲେ ନିରୀକ୍ଷକଙ୍କ ଅଫିସ ତାଲା ବନ୍ଧ ରହିଥିବାର ଦେଖିବାକୁ ମିଳୁଛି । କିନ୍ତୁ ଜିଲା ମୁଖ୍ୟ ସୁପରିଣ୍ଟେଣ୍ଡେଣ୍ଟ ମଧ ଦୃଷ୍ଟି ଦେଉ ନାହାନ୍ତି । କିନ୍ତୁ ଅଞ୍ଚଳବାସୀ ବ୍ରାଞ୍ଚ ପୋଷ୍ଟ ଅଫିସଗୁଡିକରେ ନିଜ ଟଙ୍କା ନିବେଶ କରୁଥିବା ଟଙ୍କାର ସୁରକ୍ଷା ପାଇଁ ସରକାର ଦାୟିତ୍ୱ ଦେଇଥିବା ଡାକ ପରିଦର୍ଶକଙ୍କୁ ଶୀଘ୍ର ନିଯୁକ୍ତି ଦେବା ପାଇଁ ହିତାଧିକାରୀ ତଥା ଜନ ସାଧାରଣରେ ଦାବି ହେଉଛି । ଏ ସଂକ୍ରାନ୍ତରେ ଜିଲା ଡାକ ଅଧୀକ୍ଷକଙ୍କୁ ପଚାରିବାରୁ କମ ଦିନ ଭିତରେ ନିଯୁକ୍ତି ଦିଆଯିବ ବୋଲି ପ୍ରକାଶ କରି ଥିଲେ ।

## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର– ଅଷ୍ଟମୀ |
|---|---|
| ୨୮.୧୧.୨୦୨୫ | ନକ୍ଷତ୍ର– ଶତଭିଷା, କୁମ୍ଭଚନ୍ଦ୍ର |

| | |
|---|---|
| ମେଷ | : ଧନ ବୃଦ୍ଧି ପାଇବ । |
| ବୃଷ | : ସୁଖପ୍ରାପ୍ତି ହେବେ । |
| ମିଥୁନ | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| କର୍କଟ | : ଅପବାଦ ଭୟ ରହିଛି । |
| ସିଂହ | : ପାରିବାରିକ ସୁଖ ପାଇବେ । |
| କନ୍ୟା | : ବନ୍ଧୁ ମିଳନ ହେବେ । |
| ତୁଳା | : ବନ୍ଧୁଙ୍କ ସହ ମନାନ୍ତର ହୋଇପାରେ । |
| ବିଛା | : ମନସ୍ତାପରେ ରହିବେ । |
| ଧନୁ | : କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| ମକର | : ଅପମାନିତ ହେବେ । |
| କୁମ୍ଭ | : ସୁଖାଦ୍ୟପ୍ରାପ୍ତି ହେବେ । |
| ମୀନ | : ପଶୁ ଦ୍ୱାରା ଆଘାତ ପାଇବେ । |

## ଲୁହା ନଳାରେ ସ୍ତ୍ରୀ ମୁଣ୍ଡକୁ ବାଡେଇ ହତ୍ୟା

**କୁଚିଣ୍ଡା, ୨୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଜମନକିରା ଥାନା ଅନ୍ତର୍ଗତ ବଡମାଲ ପଞ୍ଚାୟତ ପାଲୋଖମନ୍ ଗାଁରେ ଘଟିଛି ଏକ ବୀଭତ୍ସ ହତ୍ୟାକାଣ୍ଡ । ମଙ୍ଗଳବାର ରାତି ୭ଟା ୩୦ରେ ଏକ ନିଆଁ ଫୁଙ୍କା ଲୁହା ନଳାରେ ସ୍ତ୍ରୀ ମୁଣ୍ଡକୁ ସ୍ୱାମୀ ଜୋର୍‌ରେ ବାଡ଼େଇ ହତ୍ୟା କରିଛି ।

ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ୭ଟା ୩୦ରେ ସ୍ତ୍ରୀ ମମତା ମାଝୀ (୫୦) ଘର ଭିତରେ ଅନ୍ୟ କାହାକୁ ଏକ ମୋବାଇଲ ଫୋନରେ କଥାବାର୍ତ୍ତା କରୁଥିଲେ । ଘର ବାହାରେ ଥିବା ସ୍ୱାମୀ ଶ୍ରୀକର ମମତାଙ୍କୁ ରନ୍ଧାବଢ଼ା କରିବାକୁ କହିଥିଲେ, କିନ୍ତୁ ସ୍ତ୍ରୀ ମମତା କିଛି ଶୁଣି ନ ଥିଲେ । ଏହାକୁ ନେଇ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ପରେ ଉକ୍ତ ସ୍ୱାମୀ ଶ୍ରୀକର୍ ମାଝୀ ଘର ଭିତରକୁ ପଶି ଚୂଲି ପାଖରେ ଥିବା ଏକ ନିଆଁଫୁଂକା ଲୁହା ନଳାକୁ ଧରି ସ୍ତ୍ରୀ ମମତା ମୁଣ୍ଡରେ ଜୋର୍‌ରେ ବାଡ଼େଇ ଦେବାରୁ ଘଟଣାସ୍ଥଳରେ ହିଁ ମମତା ଟଳି ପଡ଼ିଥିଲେ । କିଛି ସମୟ ପରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ଗତ ରାତିରେ ଏହି ଘଟଣା ଘଟିଥିଲେ ହେଁ ସାହି ପଡ଼ିଶା ଲୋକେ କେହି ଏହା ଜାଣି ପାରି ନଥିଲେ । ଆଜି ସକାଳେ ମମତା ଗାଁରେ ଦେଖା ନ ଦେବାରୁ ସ୍ୱାମୀ ଶ୍ରୀକରଙ୍କୁ କିଛି ଗାଁ ଲୋକ ପଚାରିଥିଲେ । ରାତିରେ ସ୍ତ୍ରୀଙ୍କୁ ମାରି ଦେଇଥିବା କହିବାରୁ ଘଟଣା ବିଷୟରେ ଜଣାପଡ଼ିଥିଲା । ଖବର ପାଇ ଆଇଆଇସି ପଦ୍ମାଳୟା ସାହୁଙ୍କ ନେତୃତ୍ୱରେ ପୁଲିସ୍ ଏସଆଇ ମନୋରଞ୍ଜନ ଦାଶ, ଏଏସଆଇ ନିରଞ୍ଜନ ପ୍ରଧାନ, କନେଷ୍ଟବଳ ଟିକେଶ୍ୱରି ନାଏକ, ଜୟରାମ ସିଂ ପ୍ରଭୃତି ଘଟଣାସ୍ଥଳକୁ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରିଥିଲେ । ଘଟଣାର ତଦନ୍ତ ପରେ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି । ଏନେଇ ଜମନକିରା ଥାନା କେସ ନ.୨୧୮/୨୫ (ଏସ ୧୦୩ (୧) ବିଏନଏସ ଆକ୍ଟରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରଖିଛି । ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ରାଧେ ରାଧେ ଧାମରେ ଚୋରି

**ଯାଜପୁର, ୨୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ସହର କଲ୍ୟାଣପୁର ଗ୍ରାମରେ ଥିବା ରାଧେ ରାଧେ ଧାମ ମନ୍ଦିରରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ମନ୍ଦିରର ପଛପଟ ତାଲା ଭାଙ୍ଗି କିଛି ଜିନିଷ ଚୋରି କରି ନେଇ ଯାଇଥିଲେ। ସକାଳେ ମନ୍ଦିରରେ ପୂଜା ପାଇଁ ଯେତେବେଳେ ଶ୍ରଦ୍ଧାଳୁ ଆସିଲେ ସେତେବେଳେ ଦେଖିବାକୁ ପାଇଲେ ମନ୍ଦିରର ପଛପଟ ତାଲା ଭଙ୍ଗା ଯାଇ ଠାକୁରଙ୍କ ପିତଳ ଧୂପ ଦାନୀ, ପିତଳ ଦୀପ, ନୋଟା, ଘଣ୍ଟ, ମାଇକ ସିଷ୍ଟମ, ହାରମୋନିୟମ ଓ ହୁଣ୍ଡି ବାକ୍ସ ଭଙ୍ଗା ଯାଇ ହୁଣ୍ଡିରେ ଥିବା ଅର୍ଥକୁ ଚୋରି କରି ନେଇଯାଇଥିବା ଜଣାପଡ଼ିଥିଲା। ଏ ନେଇ ଯାଜପୁର ଟାଉନ ଥାନାରେ ମନ୍ଦିର କର୍ତ୍ତୃପକ୍ଷ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଯାଜପୁର ଟାଉନ ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ଏକ ଚୋରି ମାମଲା ରୁଜୁ କରିଥିଲେ।

# ପଥର ପଡ଼ି କ୍ରସର ଶ୍ରମିକଙ୍କ ମୃତ୍ୟୁ

**ଓଡ଼ାପଡ଼ା, ୨୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**




ବେଆଇନ କ୍ରସରରେ ଅକାଳରେ ଜୀବନ ଚ଼ାଲିଯିବା ଏବେ ଢେଙ୍କାନାଳ ଜିଲ୍ଲାରେ ନୀତିଦିନିଆ କଥା ହୋଇଗଲାଣି, ଗତ ୬ ମାସ ଭିତରେ ଢେଙ୍କାନାଳ ଜିଲ୍ଲାର ନିହଲ ପ୍ରସାଦ ନିଶ୍ଚିତ ପାହାଡ଼, ଘଟିପିରି ଅମାତିପଡା ଭୂଆସୁଣୀ ପାହାଡ଼, ଇନ୍ଦିପୁର ଗୁଣ୍ଡୁରାପଶି ଭଳି ଅଞ୍ଚଳରେ ପ୍ରାୟ ୧୦ଜଣରୁ ଅଧିକ କାର୍ଯ୍ୟରତ ଶ୍ରମିକଙ୍କର ଏମିତି ବାରମ୍ବାର ମୃତ୍ୟ ହେଉଥିବା ବେଳେ ଆଇନ ଶୃଙ୍ଖଳାକୁ ରକ୍ଷା କରୁଥିବା ପୋଲିସ ଏବେ ମାଫିଆଙ୍କ ପାଇଁ ବଳ ଯୋଗାଇବା ସହ ମଧ୍ୟସ୍ଥି ସାଜୁଥିବା ଅଭିଯୋଗ ହେଉଛି । ଏପଟେ ଜିଲ୍ଲା ଖଣିଜ ବିଭାଗ ଓ ତହସିଲ ପ୍ରଶାସନ ସପୂର୍ଣ୍ଣ ନିଷ୍କ୍ରିୟ ଥିବା ବେଳେ ଜିଲ୍ଲାରେ କେତୋଟି କ୍ରସର, କେତୋଟି ଲଘୁ ଖଣି ଚ଼ାଲୁଛି ତାହାର ହିସାବ ରଖିନି । ଜିଲ୍ଲା ପ୍ରଶାସନ ଚ଼ାନ୍ଦା ଖାଇ ଅନ୍ଧ ମୁକ ବଧିର ପାଲଟିଯାଇଛି । ଏପଟେ ଅହରହ ଧୂଳି ଧୂଆଁ ଏବଂ କ୍ରସର ଗୁଣ୍ଡ ପରିବେଶକୁ ବିଷାକ୍ତ କରୁଛି। ଉଭୟ ଜଳ ଓ ବାୟୁ ପ୍ରଦୂଷଣ ପାଇଁ କିଡନୀ ଜନିତ ସମସ୍ୟା ଚ଼ିନ୍ତାର କାରଣ ପାଲଟିଥିବା ବେଳେ ଶ୍ୱାସ ରୋଗରେ ପୀଡିତ ହୋଇ କିଶୋର ବୟସର ଯୁବକ ଯୁବତୀ ମଧ ଅଳ୍ପ ବୟସରେ ମୃତ୍ୟୁ ବରଣ କରୁଛନ୍ତି । ପ୍ରଦୂଷଣ ବୋର୍ଡ କିନ୍ତୁ ହାତ ବାନ୍ଧି ବସିଥିବା କଥା ଅଭିଯୋଗ ହେଉଛି। ସେପଟେ ସ୍ୱାସ୍ଥ୍ୟ ବିଭାଗ ପାଖରେ ଏସବୁର ଖବର ନାହିଁ।

ସୂଚ଼ନାନୁସାରେ ଢେଙ୍କାନାଳ ଜିଲ୍ଲା ଓଡାପଡା ତହସିଲ ଅଞ୍ଚଳର ବଡରାଣୀବଣିଆ ବ୍ରାହ୍ମଣୀବସା ନିକଟସ୍ଥ ସନ୍ତୋଷ ପରିଡାଙ୍କ କ୍ରସର ୟୁନିଟରେ ଘଟିଛି ଅଘଟଣ। କାର୍ଯ୍ୟରତ ସମୟରେ ବଡ ଷ୍ଟଲ୍ ଖଣ୍ଡ ନିଜ ଉପରେ ପଡିଯିବାରୁ ଜଣେ ଶ୍ରମିକଙ୍କର ଅକାଳରେ ଜୀବନ ଚ଼ାଲିଯାଇଛି । ମୃତକଙ୍କ ନାମ ଗଣେଶ ମୁଣ୍ଡା (୨୩) ଓ ତାଙ୍କ ଘର କେନ୍ଦୁଝର ଜିଲ୍ଲା ବାଉଁଶପାଳ ଅଞ୍ଚଳର ବୋଲି ଜଣାପଡିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ, ଘଟଣାସ୍ଥଳରେ ମୋଟଙ୍ଗା ଥାନା ଅଧିକାରୀ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି ସତ, କିନ୍ତୁ କ୍ରସର ମାଲିକକୁ ବଞ୍ଚାଇବା ପାଇଁ ଏବେ ଘଟଣାର ମୋଡ଼ ବଦଳାଇ ସଡ଼କ ଦୁର୍ଘଟଣାର ରୂପ ଦେବାକୁ ବସିଛି ପୋଲିସ। ମୃତକଙ୍କ ପରିବାରକୁ ମାତ୍ର ଦୁଇ ଲକ୍ଷ ଟଙ୍କାର ଅଫର ଦେଇ ଅପରାଧିକ ମାମଲାକୁ ଦୁର୍ଘଟଣା ଦର୍ଶାଇ ଘଟଣାକୁ ଚ଼ପାଇବାକୁ ବସିଛି ପ୍ରଶାସନ। ସବୁଠାରୁ ଦୁଃଖ ଏବଂ ପରିତାପର ବିଷୟ ଜିଲ୍ଲା ଶ୍ରମ ବିଭାଗ ମଧ ଏଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଜି ପର୍ଯ୍ୟନ୍ତ କେବେ ଧ୍ୟାନ ଦେଇନି। ତାଳେ ତାଳେ ଗଭୀରର କଳା ମୁଗୁନି ପଥର ଖଣିରେ ବିନା କୌଣସି ସୁରକ୍ଷା ନିରାପା ବ୍ୟବସ୍ଥାରେ ବିପଦପୂର୍ଣ୍ଣ ଭାବରେ ଶ୍ରମିକମାନେ କାମ କରିବା ସହିତ ବିନା ହେଲେମେଟ ବିନା ସୁରକ୍ଷା ବେଲ୍ଟରେ ଗଭୀର ଖାଦାନ ଭିତରେ ପଶି କାମ କରୁଛନ୍ତି । କ୍ରସର ଗୁଡିକରେ ବି ସେଇଭଳି କେତେ କୁଶଳୀ କେତେ ଅଣ କୁଶଳୀ ଶ୍ରମିକ ନିୟୋଜିତ ହୋଇଛନ୍ତି ତାହାର ହିସାବ ମଧ ରଖୁନି ଶ୍ରମ ବିଭାଗ।। ଅହରହ ହେଉଛି ବିସ୍ଫୋରଣ। ଜନବସତି ପାଖରେ ବେଆଇନ କ୍ରସର ସ୍ଥାପନ ଯୋଗୁଁ ଧୂଳିଧୂଆଁରେ ପରିବେଶ ବିଷମୟ ପାଲଟିବା ସହିତ କ୍ରସର ଗୁଣ୍ଡ ଉଡ଼ିବା କାରଣରୁ ସହଜରେ ରାସ୍ତା ଦେଖାଯାଉନି। ଯାହା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ମଧ ଘଟୁଛି। ତାହା ସତ୍ତ୍ୱେ ବି ମୋଟା ଅଙ୍କର ଅର୍ଥ ନେଇ ପ୍ରଦୂଷଣ ବୋର୍ଡ ଜାଣିଶୁଣି ଦୃଷ୍ଟି ଦେଉନଥିବା କଥା ଜଣାପଡିଛି । ନିକଟରେ ଖୋଦ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ଏବଂ ଏସପି ସମ୍ମିଳନୀରେ ଚୋରା ଲଘୁ ଖଣିଜ କାରବାର ଉପରେ ରୋକ ଲଗାଇବାକୁ ପ୍ରତେକ ଜିଲ୍ଲାପାଳ ଏବଂ ଏସପିମାନଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଢେଙ୍କାନାଳ ଭଳି ରାଜସ୍ୱ ବହୁଳ ଜିଲ୍ଲାରେ ଏଭଳି ବେଆଇନ ଲଘୁ ଖଣିଜ କାରବାର ବୃଦ୍ଧି ହେବା ଏବଂ ବାରମ୍ବାର ଅକାଳରେ ଶ୍ରମିକଙ୍କ ଏଭଳି ମୃତ୍ୟ ହେବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ରାଜନୀତିଜ୍ଞ ଏବଂ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଖଣି କ୍ରସରରେ ବାରମ୍ବାର ଶ୍ରମିକ ମୃତ୍ୟକୁ ପୋଲିସିର ଏଭଳି ସଡ଼କ ଦୁର୍ଘଟଣାର ରୂପ ଦେବାକୁ ଦୃଢ଼ ନିନ୍ଦା କରିବା ଶହ ଏହାର ନ୍ୟାୟିକ ତଦନ୍ତ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହେଉଛି ।

## ପୁଅର ଚତୁର୍ଥୀ ଭୋଜି ପୂର୍ବରୁ ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ

**ଯାଜପୁର, ୨୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁଅର ଚତୁର୍ଥୀ ଭୋଜି ପୂର୍ବଦିନ ଦୁର୍ଘଟଣାରେ ଗଲା ବାପାର ଜୀବନ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯାଜପୁର–ବିଞ୍ଝାରପୁର ରାସ୍ତାର ଅଭୟ ନୃସିଂହ ଛକ ନିକଟରେ । ଘଟଣାରୁ ପ୍ରକାଶ ଯାଜପୁର ବ୍ଲକ ମାର୍କଣ୍ଡପୁର ପଞ୍ଚାୟତ ରାହାସୋଇ ଅଞ୍ଚଳର ଦେବବ୍ରତ ପଣ୍ଡାଙ୍କ ପୁଅର ଚତୁର୍ଥୀ ଭୋଜି ପାଇଁ ନିଜ ସମ୍ପର୍କୀୟ ଆନନ୍ଦଙ୍କ ସହ ଯାଜପୁର ସହରରୁ ଜିନିଷପତ୍ର କିଣାକଣି କରି ଘରକୁ ଫେରୁଥିବ ବାଟରେ ଅଭୟ ନୃସିଂହ ଛକ ନିକଟରେ ଭାରସାମ୍ୟ ହରାଇ ଏକ ସ୍କୁଟିକୁ ଧକ୍କା ଦେବା ଫଳରେ ବିଞ୍ଝାରପୁର ଚିକଣା ଅଞ୍ଚଳର ସ୍କୁଟି ଚାଳକ ଅନନ୍ତ ପଣ୍ଡା, ବାଇକ ଚାଳକ ଦେବବ୍ରତ ପଣ୍ଡା ଓ ତାଙ୍କ ସମ୍ପର୍କୀୟ ଆନନ୍ଦ ଏକ କଲଭର୍ଟରେ ପିଟି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତିନିଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତର ଦେବବ୍ରତ ପଣ୍ଡାକୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଦୁଇଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପୁଲିସ ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛି। ତେବେ ଦେବବ୍ରତଙ୍କ ମୃତ ଖବର ପ୍ରଚାରିତ ହେବା ମାତ୍ରେ ରାହାସୋଇ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହେବା ସହିତ ପୁଅର ଚତୁର୍ଥୀ ଭୋଜି ଅଧାରେ ରହିଯାଇଥିଲା ।

## ଚାଷୀଙ୍କୁ ଦଳି ଦେଲା ଦନ୍ତା

**ଦେବଗଡ଼ : ଏକ୍ସପ୍ରେସ୍ ନ୍ୟୁଜ୍**

ଦେବଗଡ କୁଣ୍ଡେଇଗୋଳା ବନାଞ୍ଚଳ ପଲସମା ସେକ୍ସନ୍ ଉଟୁଣିଆ ଗାଁରେ ଦନ୍ତା ଆତଙ୍କ ଦେଖିବାକୁ ମିଳିଛି । ଚାଷ ଜମିରେ ଚାଷୀଙ୍କୁ ଦଳି ଦେଲା ହାତୀ । ଧାନ କାଟିବା ପାଇଁ ଜଣେ ଚାଷୀ ବିଲକୁ ଯାଇଥିବାବେଳେ ଦନ୍ତା ତାଙ୍କୁ ଦଳି ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।ମୃତକଙ୍କ ପରିଚୟ ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡିନାହିଁ । ଖବର ପାଇ ବନ ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି ।

### ବାଲି ମାଫିଆଙ୍କ ତହସିଲଦାରଙ୍କୁ ମାଡ଼ ମରିବା ଘଟଣା ମହଙ୍ଗା ପଡିଲା

## ଅପରେସନ ବାଲିମାଫିଆରେ ଅଚାନକ ଚଢ଼ାଉ

**ବୈଶିଙ୍ଗା, ୨୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା –୨୬/୧୧– ବେତନଟୀ ତହସିଲଦାର ଙ୍କ ଦ୍ୱାରା ମଙ୍ଗଳବାର ଜବତ ହୋଇଥିବା ଦୁଇ ଗୋଟି ବାଲି ଟ୍ରାକ୍ଟର ଜବତ କରିବା ଫଳରେ ମାଫିଆଙ୍କ ଆକ୍ରୋଶ ର ଶିକାର ହୋଇଥିଲେ ଓ ତହସିଲଦାରକେଉଁଆଡେ ଯାଉଛନ୍ତି ବୋଲି ତାଙ୍କ ଗତିବିଧି ଉପରେ ନଜର ରଖିଥିଲେ ତହସିଲଦାର ମଙ୍ଗଳବାର ଅପରାହ୍ନରେ ତାଙ୍କ ଗାଡ଼ିରେ ବାରିପଦା ଯାଉଥିବା ସମୟରେ ତୁଳସୀଚଉରା ସ୍ଥିତ ପେଟ୍ରୋଲ ପମ୍ପରେ ତେଲ ଭର୍ତିକରି ପାମ୍ପରୁ ବାହାରୁଥିବା ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇ ଛକି ରହିଥିବା ଦଶ ରୁ ପନ୍ଦର ଜଣ ମାଫିଆ ଅଚାନକ ଆକ୍ରମଣ କରିବା ଓ ମାଡ଼ ମରିବା ଫଳରେ ତହସିଲଦାର ପ୍ରାଣ ବିକଳରେ ପମ୍ପ ଆଡକୁ ଦୌଡ଼ି ପଳାଇ ଯାଇଥିବାବେଳେ ଚାଳକ ଓ ପିଅନ କୁ ମାଡ଼ ମାରି ଫେରାର ହୋଇଯାଇଥିଲେ ତହସିଲଦାର ପ୍ରଥମେ ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣାଙ୍କୁ ଫୋନ ଯୋଗେ ଜଣାଇବାପରେ ସେ ପୁଲିସକୁ ଖବର ଦେଇଥିଲେ ଏହି ଘଟଣା ପ୍ରଚାରିତ ହେବା ପରେ ଥାନାରେ ଭିଡ଼ ଜମିଯାଇଥିଲା ଘଟଣାସ୍ଥଳରେ ଏସ ଡି ପି ଓ ମୀନତି ବିଶ୍ୱାଳ, ଥାନାଧିକାରୀ ସସ୍ମିତା ମହାନ୍ତ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିବାବେଳେ ବିଡ଼ିଓ ସୁଶାନ୍ତ କୁମାର ସୁତାର ଓ ସଦର ଉପ ଜିଲାପାଳ ଡ. ଦୟାସିନ୍ଧୁ ପରିଡା ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଦୁଇ ଭାଇଙ୍କୁ ଗରୁଡ଼ବସା ଠାରୁ ଉଠାଇଥିବା ବେଳେ ମୋଟ ୩ ଜଣଙ୍କୁ ଗିରଫ କରିବା ସହିତ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରଖିଛି ଏହି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଥିବାରୁ ଓ ମାଫିଆ ମାନେ କିଛି ଅସାଧୁ କର୍ମଚାରୀଙ୍କୁ ହାତ କରି ତାଙ୍କର ଏହି ବାଲି ସାମ୍ରାଜ୍ୟ ଅବାଧରେ ଚଳାଇ ଆସୁଥିଲ୍ଛବା ବେଳେ ବୁଧବାର ସଦର ଉପ ଜିଲାପାଳ ଡ. ପରିଡାଙ୍କ ତତ୍ତ୍ୱାବଧାନରେ ବାରିପଦା, ବଡ଼ସାହି ଓ ବେତନଟୀ ତହସିଲଦାର ଓ ଅତିରିକ୍ତ ତହସିଲଦାର, ସହକାରୀ ଜିଲାପାଳ ସୁଧାକର ମହାରଣା, ଖଣି ଅଧିକାରୀ ପ୍ରମୁଖ ବଡ଼ସାହି ତହସିଲ ଅଧୀନ ମାଧପୁର ଓ ବେତନଟୀ ତହସିଲ ଅଧୀନ ପାଟଲିପୁରା ପଞ୍ଚାୟତର କାଠପାଳ ଠାରେ ଥିବା ବେଆଇନ ଚୋରା ବାଲିଡିପୁ ଉପରେ ଅଚାନକ ଚଢ଼ାଉ କରି ଚୋରା ବାଲିକୁ ଜବତ କରିବା ସହ ନିଲାମ କରିଥିବା ଜଣାଯାଇଛି ଘଟଣାସ୍ଥଳରେ ବେତନଟୀ ବିଡ଼ିଓ ଶ୍ରୀ ସୁତାର ପହଁଞ୍ଚିବା ପରେ ଉପ ଜିଲାପାଳ ଡ. ପରିଡା ବାଲି ମାଫିଆଙ୍କ ଦ୍ୱାରା ସରକାରୀ ଜାଗାରେ ର୍ନିମିତ ଏକ ଇଟା କାନ୍ଥ ଘରକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେବା ସହ ସେଠାରେ ଥିବା ଜେସିବି କୁ ଜବତ କରିଥିଲେ ବେଆଇନ ଭାବେ ର୍ନିମିତ ଘରକୁ ବାଲି ମାଫିଆ ୩ ଦିନ ଭିତରେ ଭାଙ୍ଗିବ ବୋଲି ପ୍ରକାଶ କରିଥିଲେ ବଡ଼ସାହି ମାଧପୁରରେ ଥିବା ଚୋରା ବାଲିକୁ ୬୦ହଜାର ଓ ବେତନଟୀ ତହସିଲ ଅଧୀନ କାଠପାଳ ଚୋରାଡିପୁ ରେ ଗଛିତ ଥିବା ବାଲିକୁ ୯୦ହଜାର ଟଙ୍କାରେ ନିଲାମ ଦେଇଥିବା ଜଣାଯାଇଛି ଫଳରେ ସରକାରୀ ରାଜକୋଷ କୁ ଦେଢଲକ୍ଷ ଟଙ୍କା ଆସିଲାବୋଲି ଆଲୋଚିତ ହୋଇଛି ଏହି ଚଢ଼ାଉ ସମୟରେ ପୁଲିସ ଫୋର୍ସ ମୁତୟନ ଥିଲେ ଆହୁରି ବିଭିନ୍ନ ସ୍ଥାନରେ ଏହି ଚଢ଼ାଉ ଜାରି ରହିବ ବୋଲି ଉପ ଜିଲାପାଳ ପ୍ରକାଶ କରିଥିଲେ

## ସାମ୍ବାଦିକଙ୍କୁ ବାଲି ମାଫିଆଙ୍କ ହତ୍ୟା ଧମକ

**ନିଆଳି, ୨୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା କଣ୍ଟାପଡ଼ା ଅନ୍ତର୍ଗତ ପୋସ୍ତଳ ପଞ୍ଚାୟତ ରହମ୍ମା ମଲ୍ଲିକ ସାହିରେ ବେଆଇନ ଚୋରା ବାଲି ଘାଟ ଉପରେ ଗତ ୨୫ ତାରିଖ ଦିନ ଦୈନିକ ଖବର କାଗଜରେ ପ୍ରସାରଣ କରାଯାଇଥିଲା । ଖବର ପ୍ରସାରଣ ପରେ ଚୋରା ବାଲି ଘାଟରେ ସମ୍ପୃକ୍ତ ଥିବା ବୋଇତ ମଲ୍ଲିକ, ଭଗିଆ ମଲ୍ଲିକ, ପଦିଆ ମଲ୍ଲିକ, ଗମନ ମଲ୍ଲିକ ଓ ତାଙ୍କ ସାଥିରେ ୨୦ରୁ ଉର୍ଦ୍ଧ୍ୱ ଲୋକ ଆସି ସାମ୍ବାଦିକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ତା'ପରେ ଏରଞ୍ଚ ବଜାର ଥିବା କିଛି ଦୋକାନୀମାନଙ୍କୁ ମଧ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏଘଟଣାକୁ ନେଇ ଏରଞ୍ଚ ବଜାର ସଭାପତି ଅମର ଜ୍ୟୋତି ମହାପାତ୍ର କସର୍ଦା ଫାଣ୍ଡିରେ ମଧ ଲିଖିତ ଅଭିଯୋଗ କରିବା ସହିତ ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଏନେଇ ଆଜି ସାମ୍ବାଦିକ କସର୍ଦା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ସହିତ ମାଫିଆମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ନିଆଳି ଥାନା ପୋଲିସ ୫୭୩/୨୫ ରବ ମାମଲା ରୁଜୁ କରି ସାମ୍ବାଦିକଙ୍କ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି ଅନ୍ୟପଟେ ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କୁ ନେଇ ଟାସ୍କଫୋର୍ସ ଗଠନ କରାଯାଇ ଚୋରା ବାଲି ମାଫିଆଙ୍କ ବିରୋଧରେ ବିନା କୌଣସି ରାଜନୈତିକ ଚାପରେ ସାବାଡ କରିବାକୁ ନିର୍ଦ୍ଦେଶ ଦିଆ ଯାଇଥିବା ବେଳେ ରହମ୍ମା ମଲ୍ଲିକ ସାହି ଚୋରା ବାଲିଘାଟ ପଛରେ କେଉଁ ମହଲାର ଲିଙ୍କ ଅଛି । ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି ।

## ଟ୍ରାନ୍ସଫର୍ମରରେ ଚଢି ଆତ୍ମହତ୍ୟା କଲେ ଯୁବକ

**ବ୍ରହ୍ମପୁର, ୨୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚିକିତ୍ସା ପାଇଁ ଆସି ରାତିରେ ଚାଲି ଚାଲି ଯାଇ ବିଦ୍ୟୁତ ଟ୍ରାନ୍ସଫରମ ଉପରେ ଚଢି ଆତ୍ମହତ୍ୟା କଲେ ଯୁବକ । ମୃତ୍ୟୁ ଯୁବକ ଜଣକ ହେଲେ ଗଞ୍ଜାମ ଥାନା ଅଧିନ ଖଟିଆ ରାମଚନ୍ଦ୍ରପୁର ଗ୍ରାମର ରବିନ୍ଦ୍ର ଦାସ । ସୂଚନା ଥାଉକି ଗତକାଲି ରାତ୍ରରେ ଛତ୍ରପୁର ମେଡିକାଲକୁ ରବିନ୍ଦ୍ର ଚିକିତ୍ସା ପାଇଁ ଆସିଥିଲେ । ତାଙ୍କ ସହ ତାଙ୍କ ମା' ମହାଲି ଦାସ ଓ ସ୍ତ୍ରୀ ମାମି ଦାସ ମଧ ଉପସ୍ଥିତ ଥିଲେ । ଏପରିକି ଡାକ୍ତରଙ୍କ ଚିକିତ୍ସା ପରେ ଓ୍ୱାର୍ଡ ମଧ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ ।



ବିଳମ୍ବିତ ରାତ୍ରରେ ସେ ଲୁଚି ଚାଲି ଚାଲି ବ୍ୟାରେକ ସାହି ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫରମ ପାଚେରି ଉପରେ ଚଢି ଆତ୍ମହତ୍ୟା କରିଥିଲେ । ବିଦ୍ୟୁତ ଆଘାତ ସେ ସେଠାରେ ହିଁ ଲାଗି ରହିଯାଇଥିଲେ । ସେ ଚାଲି ଚାଲି ଆସିବା ବେଳେ ତାଙ୍କ ସ୍ତ୍ରୀ ଓ ମା ମଧ ପିଛା କରିଥିବା ବେଳେ ତାଙ୍କୁ ଏହି ଆତ୍ମହତ୍ୟାରୁ ଉଦ୍ଧାର କରିପାରି ନଥିଲେ । ଏପରିକି ସେହି ଅଞ୍ଚଳର ଦୀର୍ଘ ସମୟ ପ୍ରର୍ଯ୍ୟନ୍ତ ବିଦ୍ୟୁତ ମଧ ବନ୍ଦ ହୋଇଯାଇଥିଲା । ଘଟଣାର ଖବର ପାଇଁ ଛତ୍ରପୁର ପୁଲିସ, ଅଗ୍ନିଶ୍ରମ ବିଭାଗ ଓ ବିଦ୍ୟୁତ ବିଭାଗ କର୍ମଚାରୀ ପହଞ୍ଚିଥିଲେ । ସେଠାରୁ ଅଗ୍ନିଶ୍ରମ ବିଭାଗ ଉଦ୍ଧାର କରିଥିବା ବେଳେ ପୁଲିସ ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ୨୯/୨୫ ରୁଜୁ କରିଥିଲା । ରବିନ୍ଦ୍ର ଜଣେ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କରି ମୁଣ୍ଡ ଦୋଷ ରହିଥିବା ପରିବାର ପକ୍ଷରୁ କୁହାଯାଇଛି । ଛତ୍ରପୁର ମେଡିକାଲ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପହଂଚି ପରିବାରକୁ ସମବେଦନା ଜଣାଇଥିଲେ । ରେଡକ୍ରସରୁ ପରିବାରକୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା ।

# ଅନୁଦାନ ଅଭାବରୁ ଅଧାରେ ଅଟକିଛି ସ୍ମାର୍ଟ ଶ୍ମଶାନ

**ନବରଙ୍ଗପୁର, ୨୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନବରଙ୍ଗପୁର ସହର ଇନ୍ଦ୍ରାବତୀ ନଦୀ ପାର୍ଶ୍ୱରେ ଥିବା ଇନ୍ଦ୍ରାବତୀ ଶ୍ମଶାନ ଓ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ୨୦୨୨–୨୩ ଆର୍ଥିକ ବର୍ଷରେ ଶ୍ମଶାନ ଉନ୍ନୟନ ପାଇଁ ଏକ କୋଟି ଟଙ୍କା ଅନୁଦାନ ଆସିଥିଲା । ପୌରପାଳିକା ପକ୍ଷରୁ ସ୍ମାର୍ଟ ଶ୍ମଶାନ ନିର୍ମାଣ ପାଇଁ ଡିପିଆର ବି ପ୍ରସ୍ତୁତ ହୋଇଥିଲା । ଟେଣ୍ଡର ହୋଇଥିଲା । ଜଣେ ଠିକାଦାର ଏହି କାମ ପାଇଥିଲେ । ତେବେ ପରବର୍ତ୍ତୀ ସମୟରେ ସେ କିଛି କାମ କରି ନାହାନ୍ତି । ନବରଙ୍ଗପୁର ଜିଲ୍ଲା ନାଗରିକ କମିଟି, ସାମାଜିକ ସଂଗଠନ ଆଇକୋନ ଇନ୍ ମୋସନ ସହ ବିଭିନ୍ନ ସାମାଜିକ ସଂଗଠନ ତୁରନ୍ତ ଏଦିଗରେ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ।

ସହରରେ ମହିଳା ମହାବିଦ୍ୟାଳୟ ନିକଟରେ ଥିବା ଛତ୍ରବଟ ଶ୍ମଶାନ ପରେ ଇନ୍ଦ୍ରାବତୀ ନଦୀକୂଳରେ ରହିଛି ଏହି ଶ୍ମଶାନ । ସହରର ବିଭିନ୍ନ ସମ୍ପ୍ରଦାୟର ଲୋକେ ନିଜ ସମ୍ପର୍କୀୟ ମରିଯିବା ପରେ ଏଠାରେ ଶେଷକୃତ୍ୟ ସମ୍ପର୍ଣ୍ଣ କରିଥାନ୍ତି । ତେବେ ଦୀର୍ଘ ଦିନ ହେବ ପୌରପାଳିକା ଏହାର ଦେଖାରଖା, ରକ୍ଷଣାବେକ୍ଷଣ ନ କରିବାରୁ ଏବେ ଏହା ଶୋଚନୀୟ ଅବସ୍ଥାରେ ରହିଛି । ଗତ ୪ବର୍ଷ ହେବ ସହରବାସୀ ସ୍ମାର୍ଟ ଶ୍ମଶାନ ହେବା ସଭାସମିତିରେ ଲୋକପ୍ରତିନିଧିଙ୍କ ଭାଷଣରେ ପ୍ରତିଶ୍ରୁତି ଶୁଣି ଆସୁଛନ୍ତି । ତାହା ଏଯାଏଁ କାର୍ଯ୍ୟକାରୀ ହୋଇପାରୁନି । ବାରମ୍ବାର ପ୍ରଶାସନକୁ ଅବଗତ କରିବା ପରେ କିଛି ପଦକ୍ଷେପ ନ ନେବାରୁ ଜିଲ୍ଲାର ସାମାଜିକ ସଂଗଠନ ଆଇକୋନ ଇନ୍ ମୋସନର ଯୁବ ସ୍ୱେଚ୍ଛାସେବୀ ମାନେ ନିଜ ଉଦ୍ୟମରେ ଶ୍ମଶାନ ସଫେଇ କରିବା ସହ ରାସ୍ତାରେ କ୍ରସର ଗୁଣ୍ଡ ପକାଇ ଜେସିବି ଲଗାଇ ସାମୟିକ ମରାମତି କରାଇଛନ୍ତି ।




ରାଜ୍ୟ ସରକାର କୋଟିଏ ଟଙ୍କା ଅନୁଦାନ ଦେଇଥିଲେ ସେହି ଟଙ୍କାରେ ୨୦୨୨–୨୩ ଆର୍ଥିକ ବର୍ଷରେ ନିର୍ମାଣ କରିଥିଲେ ସୁରଖୁରରେ ନିର୍ମାଣ ସରିଥାନ୍ତା । ଦୀର୍ଘ ୪ବର୍ଷ ହେବ ସେହି ଟଙ୍କା ଖର୍ଚ୍ଚ ନ ହୋଇ ସେଭଳି ପଡି ରହିଛି । ଠିକା ନେଇଥିବା ଠିକାଦାର ଜଣକ ପୌରପାଳିକା ଓ ସହରବାସୀଙ୍କୁ ଠକି ଦେଇଛନ୍ତି । ନୂଆରେ ଏହି ଶ୍ମଶାନର ପୁନଃରୁଦ୍ଧାର ଓ ରାସ୍ତା କାମ ଆଦି ହେବ ଭାବି ପେରପାଳିକା ଆଉ କିଛି କାମ କରିନାହିଁ । ଫଳରେ ଏବେ ଶ୍ମଶାନ ଅବସ୍ଥା ଶୋଚନୀୟ । ଶ୍ମଶାନର ଲାଇଟ ସହ ରାସ୍ତାରେ ଥିବା ଲାଇଟ୍‌ଗୁଡିକ ଲାଗୁନାହିଁ । ସାମାନ୍ୟ ବର୍ଷା ହେଲେ ରାସ୍ତା ଅବସ୍ଥା ନ କହିବା ଭଲ । ଛୋଟ ବଡ କୃତ୍ରିମ ପୋଖରୀ ଦେଖିବାକୁ ମିଳୁଛି ।

ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହେବା ପରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ପୌରପାଳିକା ଅଧକ୍ଷ କୁନୁ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ଅଶୋକ କୁମାର କର୍ଣ୍ଣ, ନନ୍ଦାହାଣ୍ଡି ବିଡିଓ କ୍ଷେତ୍ରବାସୀ ସାହୁ ଯାଇ ତଦାରଖ କରିଥିଲେ । ନନ୍ଦାହାଣ୍ଡି ବିଡିଓ ତୁରନ୍ତ ରାସ୍ତାର ପ୍ରଶସ୍ତିକରଣ ସହ ଅନ୍ୟାନ୍ୟ ଅନୁସଙ୍ଗିକ ସମସ୍ୟାର ସୁଧାର କରିବେ ବୋଲି କହିଥିଲେ । ନିର୍ବାହୀ ଅଧିକାରୀ ଡ.କର୍ଣ୍ଣ ବି ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାରି ମଧ୍ୟରେ ୬ମାସ ବିତିଯାଇଥିଲେ ହେଁ ବିଧାୟକଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିନି । ବିଡିଓଙ୍କ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଯାଇଛି । ଅପରପକ୍ଷରେ ପୌରନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଏହି ୪ବର୍ଷ ମଧ୍ୟରେ କଞ୍ଚାମାଲ, ବାଲି, ସିମେଣ୍ଟ, ଲୁହାଛଡ ଓ ଅନ୍ୟାନ୍ୟ ଅତ୍ୟାଧୁନିକ ସାମଗ୍ରୀର ଦରଦାମ ବୃଦ୍ଧି ହୋଇଛି । ତେଣୁ ୨୦୨୨–୨୩ ଆର୍ଥିକ ବର୍ଷରେ ଦେଇଥିବା କୋଟିଏ ଟଙ୍କା ଅନୁଦାନରେ ସ୍ମାଟ ଶ୍ମଶାନ ନିର୍ମାଣ ହୋଇପାରିବ ନାହିଁ । ତେଣୁ ଅନୁଦାନ ରାଶି ବୃଦ୍ଧି କରିବାକୁ ଅନୁରୋଧ କରିଛନ୍ତି । ଏହା ସହ ନୂଆ ଡିପିଆର ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ଦିଆଯାଇଛି ବୋଲି କହିଛନ୍ତି ନିର୍ବାହୀ ଅଧିକାରୀ ।

: ସାଧାରଣ ଲୋକେ ସେମାନଙ୍କ ପ୍ରତିନିଧି ବାଛିଛନ୍ତି ବିଧାନସଭାରେ ସେମାନଙ୍କ ସମସ୍ୟା ଉତ୍ଥାପନ କରିବା ପାଇଁ । ତେଣୁ ସାଧାରଣ ଲୋକଙ୍କ ସ୍ୱର ଶୁଣାଯିବା ଉଚିତ୍ ବିଧାନସଭାରେ । ବିଧାନସଭା ହେବା ଉଚିତ୍ ରାଜ୍ୟର ଏକ ସ୍ୱଚ୍ଛ ଆଇନା । କିନ୍ତୁ ସବୁବେଳେ ଦେଖାଯାଏ ମୂଳତବୀ ମୂଳତବୀରେ ବିଧାନସଭା ଶେଷ ହୁଏ ଏବଂ ଶେଷ ଦିନରେ ଦଳମତ ନିର୍ବିଶେଷରେ ନେତାମାନେ କୋଳାକୋଳି ହୁଅନ୍ତି । ବେଶ୍ ହସଖୁସିର ଏକ ମାହୋଲ ଦେଖିବାକୁ ମିଳେ ବିଧାନସଭାର ଶେଷଦିନରେ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୮ ନଭେମ୍ବର, ୨୦୨୫ | ଶୁକ୍ରବାର

ଓଡ଼ିଶା ଏକ୍ସପ୍ରେସ୍

## ବିଧାନସଭା ଅଧିବେଶନ ରାଜ୍ୟର ଆଇନା ହେବା ଉଚିତ୍

ଆରମ୍ଭ ହୋଇଛି ବିଧାନସଭାର ଶୀତ ଅଧିବେଶନ । ଡିସେମ୍ବର ୩୧ ତାରିଖ ଯାଏଁ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ୍ ୨୯ଟି କାର୍ଯ୍ୟଦିବସ ରହିଛି । ଅଧିବେଶନର ଦ୍ୱିତୀୟ ଦିବସରେ ଅର୍ଥାତ୍ ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ ହେବ । ବଜେଟ୍ ଦାବି ଉପରେ ଆଲୋଚନା ହୋଇ ୮ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ପାରିତ ହେବ । ପ୍ରତିବର୍ଷ ବିଧାନସଭା ଅଧିବେଶନ ୬୦ଦିନ ବସିବାର ନିୟମ ରହିଛି । ପୂର୍ବ ଦୁଇଟି ଅଧିବେଶନରେ ଗୃହ ୩୧ ଦିନ ଚାଲିସାରିଛି । ତେଣୁ ନିୟମ ଅନୁଯାୟୀ ଆଉ ୨୯ ଦିନ ବସିବ ବିଧାନସଭା ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନସଭାରେ ବିଧାୟକମାନଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତିଙ୍କ ଅଭିଭାଷଣ ଶୁଣିବା ପାଇଁ ସମସ୍ତ ବିଧାୟକଙ୍କ ବ୍ୟତୀତ ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ କେତେକ ବିଶିଷ୍ଟ ବ୍ୟକ୍ତିଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି ।

ବିଧାନସଭାରେ ବିରୋଧୀଙ୍କୁ କିଭଳି ଉଚିତ୍ ଢଙ୍ଗରେ ମୁକାବିଲା କରାଯିବ ସେ ଦିଗରେ ବିଜେପି ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ ହୋଇଛି ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ କଂଗ୍ରେସର ବୈଠକ ବସି ସେମାନେ ମଧ୍ୟ ରଣନୀତି ପ୍ରସ୍ତୁତ କରିଛନ୍ତି କିଭଳି ଶାସକ ବିଜେପିକୁ ଘେରିହେବ । ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସମେତ ଦଳର ବିଧାୟକମାନେ ରାଜ୍ୟର ବିକାଶମୂଳକ କାର୍ଯ୍ୟ କିଭଳି ଅର୍ଥ ଅଭାବରୁ ଠପ୍ ହୋଇଯାଇଛି ସେ କଥା ବିଧାନସଭାରେ ଉଠାଇବେ ବୋଲି ଜଣାଯାଇଛି । ତୃଣମୂଳ ସ୍ତରରେ ଉନ୍ନୟନ କାର୍ଯ୍ୟ ଅଟକି ଯାଇଛି । ଏହା ସହିତ ନାରୀ ସୁରକ୍ଷା, ବେକାରୀ ସମସ୍ୟା, ନିଯୁକ୍ତି ଦୁର୍ନୀତି, ଦାଦନ ପ୍ରସଙ୍ଗ, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି ନେଇ ସରକାରଙ୍କଠାରୁ କଂଗ୍ରେସ ଜବାବ ମାଗିବ ବୋଲି ଜଣାଯାଇଛି ।

ବିଧାନସଭା ଅଧିବେଶନ ପାଇଁ ବିଜେଡି ମଧ୍ୟ ତା'ର ରଣନୀତି ପ୍ରସ୍ତୁତ କରିଛି । ଶଙ୍ଖ ଭବନରେ ଅନୁଷ୍ଠିତ ବୈଠକରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି– ରାଜ୍ୟରେ ଆଇନ୍ ଶୃଙ୍ଖଳା ଭୁଶୁଡ଼ି ପଡ଼ିଛି, ମହିଳାମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ଏହା ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି । ଆଉ କେତେ ଘଟଣା ଘଟିବା ପରେ ସରକାରଙ୍କ ନିଦ ଭାଙ୍ଗିବ ବୋଲି ନବୀନ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ଶାନ୍ତି ଓ ସଦ୍‌ଭାବ ପାଇଁ ସୁନାମ ଥିବା ଓଡ଼ିଶାରେ ସାଂପ୍ରଦାୟିକ ଉତ୍ତେଜନା ବଢ଼ିଚାଲିବା ବେଦନାଦାୟକ ବୋଲି ଶ୍ରୀ ପଟ୍ଟନାୟକ ବୈଠକରେ କ୍ଷୋଭ ପ୍ରକାଶ କରିଛନ୍ତି । କେବଳ ସେତିକି ନୁହେଁ ରାଜ୍ୟରେ ଚାଷୀ ଓ ମହିଳା ଦୁଃଖରେ ଅଛନ୍ତି । ସରକାର ଠିକ୍ ସମୟରେ ଚାଷୀଙ୍କୁ ସାର ଯୋଗାଇ ପାରୁନାହାନ୍ତି । ମା' ମାନଙ୍କୁ ବିରଣ ସହାୟତା ମିଳୁନାହିଁ । ଏହାର ଦୃଢ଼ ବିରୋଧ କରାଯିବା ସହିତ ନିଯୁକ୍ତି ପରୀକ୍ଷା ତ୍ରୁଟିଶୂନ୍ୟ ହୋଇପାରୁନାହିଁ ଏ ପ୍ରସଙ୍ଗକୁ ମଧ୍ୟ ବିଧାନସଭାରେ ଉଠାଯିବ ବୋଲି ନବୀନ ପଟ୍ଟନାୟକ କହିଛନ୍ତି ।

ପ୍ରଶ୍ନ ଉଠୁଛି ବିଧାନସଭାରେ ସାଧାରଣ ଲୋକଙ୍କ ସମସ୍ୟା କେତେ ସ୍ଥାନ ପାଇବ? ରାଜ୍ୟର ପ୍ରମୁଖ ସମସ୍ୟାଗୁଡ଼ିକର ସମାଧାନ ହୋଇନପାରିଲେ ଏହା ଲୋକଙ୍କ ପାଇଁ ମଧ୍ୟ ପୀଡ଼ାଦାୟିକ ହେବ । ରାଜ୍ୟର ସମସ୍ୟାଗୁଡ଼ିକୁ ବିରୋଧୀ ଦଳମାନେ ନିଶ୍ଚିତ ଭାବରେ ପଦାକୁ ଆଣିବେ । ଏହାର ଜବାବ ଶାସକ ଦଳ କିଭଳି ଦେବ ସେଇଟା ହିଁ ମୂଳ ପ୍ରଶ୍ନ । କେବଳ ପ୍ରଶ୍ନ ଉତ୍ତର ମଧ୍ୟରେ ବିଧାନସଭା ଶେଷ ହୋଇଗଲେ ଏଥିରେ ସାଧାରଣ ଲୋକେ କେତେ ଲାଭବାନ ହେବେ ସେକଥା ନକହିବା ଭଲ । ସମସ୍ୟାର ସମାଧାନ କିଭଳି ହୋଇପାରିବ ସେ ଦିଗକୁ ଶାସକ ଦଳ କେତେ ଗୁରୁତ୍ୱ ଦେବ ସେଇଟା ହିଁ ମୂଳ ପ୍ରଶ୍ନ ।

ସାଧାରଣ ଲୋକେ ସେମାନଙ୍କ ପ୍ରତିନିଧି ବାଛିଛନ୍ତି ବିଧାନସଭାରେ ସେମାନଙ୍କ ସମସ୍ୟା ଉତ୍ଥାପନ କରିବା ପାଇଁ । ତେଣୁ ସାଧାରଣ ଲୋକଙ୍କ ସ୍ୱର ଶୁଣାଯିବା ଉଚିତ୍ ବିଧାନସଭାରେ । ବିଧାନସଭା ହେବା ଉଚିତ୍ ରାଜ୍ୟର ଏକ ସ୍ୱଚ୍ଛ ଆଇନା । କିନ୍ତୁ ସବୁବେଳେ ଦେଖାଯାଏ ମୂଳତବୀ ମୂଳତବୀରେ ବିଧାନସଭା ଶେଷ ହୁଏ ଏବଂ ଶେଷ ଦିନରେ ଦଳମତ ନିର୍ବିଶେଷରେ ନେତାମାନେ କୋଳାକୋଳି ହୁଅନ୍ତି । ବେଶ୍ ହସଖୁସିର ଏକ ମାହୋଲ ଦେଖିବାକୁ ମିଳେ ବିଧାନସଭାର ଶେଷଦିନରେ ।

# ଓଡ଼ିଶାରେ ମାଣବସା ଗୁରୁବାର ଓଷା



## ଜିଜ୍ଞାସା

**ନିରଞ୍ଜନ ଶତପଥୀ**

ଆମ ଓଡ଼ିଶା ଏକ ଆଧାତ୍ମିକ ରାଜ୍ୟ ଭାବରେ ସମଗ୍ର ଦେଶରେ ପରିଚିତ ହୋଇଆସୁଅଛି । ପର୍ବପର୍ବାଣୀଗୁଡ଼ିକ ମଧ୍ୟରୁ ଅନେକ ଓଡ଼ିଶାର ନିଜସ୍ୱ ପର୍ବ ପାଳିତ ହେଉଛି ଯାହାକି କେବଳ ଓଡ଼ିଶା ବ୍ୟତୀତ ଅନ୍ୟ କୌଣସି ରାଜ୍ୟରେ ପାଳିତ ହେଉନାହିଁ । ପର୍ବଗୁଡ଼ିକ ମଧ୍ୟରୁ ଅନେକ ଆଧାତ୍ମିକ ପର୍ବ ଭାବରେ ପାଳନ କରାଯାଉଛି । ସେଗୁଡ଼ିକ ମଧ୍ୟରୁ ଶାମ୍ବ ଦଶମୀ, ଶିବରାତ୍ରି, ହୋଲି, ରଥଯାତ୍ରା, ଶ୍ରୀଗଣେଶ ପୂଜା, ଦଶହରା, ଗଜଲକ୍ଷ୍ମୀ ପୂଜା, କାଳୀ ପୂଜା ଓ ମା' ସରସ୍ୱତୀ ପୂଜା ଇତ୍ୟାଦି । ଠିକ୍ ସେହିପରି ମାଣବସା ଓଷା ମଧ୍ୟ ପାଳନ କରାଯାଉଛି । ଏହି ଓଷା ଆଦ୍ୟ ମାର୍ଗଶୀର ମାସରେ ହିଁ ହେବା ନିୟମ ରହିଛି । ଏହି ଓଷା ଓଡ଼ିଶାର ଘରେ ଘରେ ଅନୁଷ୍ଠିତ ହୋଇଆସୁଛି । ଏହି ଓଷାରେ ମା' ମହାଲକ୍ଷ୍ମୀଙ୍କୁ ଯଥାବିଧିରେ ପୂଜା କରାଯାଏ । ଏହି ଓଷା କେବଳ ମାର୍ଗଶୀର ମାସ ଗୁରୁବାର ଦିନରେ ହୋଇଥାଏ । ମାଆ ମହାଲକ୍ଷ୍ମୀଙ୍କର ସବୁଠାରୁ ପ୍ରିୟବାର ହେଉଛି ଗୁରୁବାର । କାର୍ତ୍ତିକ ମାସର ପୂର୍ଣ୍ଣମୀ ପରେ ଯେଉଁ ପ୍ରଥମ ଗୁରୁବାର ପଡ଼ିଥାଏ ଏହି ମାଣବସା ଓଷା ହୋଇଥାଏ । ମାର୍ଗଶୀର ମାସ ଶେଷ ପର୍ଯ୍ୟନ୍ତ ଯେତୋଟି ଗୁରୁବାର ପଡ଼ିଥାଏ ସେହି ଦିନମାନଙ୍କରେ ଏହି ଓଷା ହୋଇଥାଏ । ଆମ ଓଡ଼ିଆ କୁଳବଧୂମାନଙ୍କର ଏହା ସର୍ବଶ୍ରେଷ୍ଠ ଓଷା। ଭାବ, ଭକ୍ତି ଓ ବିଶ୍ୱାସର ସହିତ କୁଳବଧୂମାନେ ଏହି ଦିନ ମାଆ ମହାଲକ୍ଷ୍ମୀର ପୂଜା ଯଥା ବିଧିବିଧାନରେ କରିଥାନ୍ତି । ସେହିଦିନ ମା' ମହାଲକ୍ଷ୍ମୀ ପ୍ରତ୍ୟେକଙ୍କ ଗୃହକୁ ଆଗମନ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ। ଏହି ମାର୍ଗଶୀର ବର୍ଷର ପ୍ରଥମ ଓ ଶ୍ରେଷ୍ଠ ମାସ ଭାବରେ ବର୍ଣ୍ଣନା କରାଯାଇଛି। ସେଥିପାଇଁ ଏହି ମାସକୁ ଆଦ୍ୟ ମାର୍ଗଶୀର ବୋଲି କୁହାଯାଏ। ଶ୍ରୀମଦ୍‌ଭଗବତ ଗୀତାରେ ଲେଖାଅଛି–

'ବୃହତ୍ସାମ ତଥା ସାମ୍ନାଂ
ଗାୟତ୍ରୀ ଛନ୍ଦସାମହମ୍
ମାସାନଂ ମାର୍ଗଶୀର୍ଷୋହ
ମୃତୁନାଂ କୁସୁମାକରଃ ।'

ତେଣୁ ଏହି ମାର୍ଗଶୀର ମାସକୁ ଶ୍ରେଷ୍ଠ ମାସ ଭାବରେ ବର୍ଣ୍ଣନା କରାଯାଇଛି । ମାସମାନଙ୍କ ମଧ୍ୟରୁ ଏହି ମାର୍ଗର ମାସଟି ହେଉଛି ମାଆ ମହାଲକ୍ଷ୍ମୀଙ୍କର ଅତି ପ୍ରିୟ ମାସ ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି । ମୃଗଶୀରା ନକ୍ଷତ୍ର ଅନୁସାରେ ଏହି ମାର୍ଗଶୀର ମାସଟିକୁ ନାମିତ କରାଯାଇଛି। ଏହି ମାସଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ମାସ । ଏହି ମାର୍ଗଶୀର ମାସରେ ଆକାଶ ନିର୍ମଳ ଓ ମେଘମୁକ୍ତ ରହିଥାଏ । ଏହି ସମୟ ହେଉଛି ଧାନ ଅମଳ ସମୟ। ପକ୍ୱଶାଳୀ ପୂର୍ଣ୍ଣ କୃଷିକ୍ଷେତ୍ର କୃଷକମାନେ ଦର୍ଶନ ଆନନ୍ଦରେ ଆତ୍ମହରା ହୋଇପଡ଼ିଥାନ୍ତି । ଅତି ଆନନ୍ଦ ମନରେ ଶସ୍ୟ କାଟି ଆଣିଥାନ୍ତି । ଏହି ଆନନ୍ଦମୁଖର ପରିବେଶ ମଧ୍ୟରେ ମା' ମହାଲକ୍ଷ୍ମୀ ପୂଜା ପ୍ରତ୍ୟେକଙ୍କ ଘରେ ଅନୁଷ୍ଠିତ ହୋଇଥାଏ। ଏହି ସମୟରେ ମାହା ମହାଲକ୍ଷ୍ମୀଙ୍କର ଆବିର୍ଭାବ ଘଟିଥାଏ ବୋଲି ବିଶ୍ୱାସ କରାଯାଏ ।

ମା' ମହାଲକ୍ଷ୍ମୀଙ୍କୁ ଏହି ପବିତ୍ର ମାର୍ଗଶୀର ମାସର ଗୁରୁବାର ଦିନ ଭାବ, ଭକ୍ତି, ଶ୍ରଦ୍ଧା ଓ ବିଶ୍ୱାସର ସହିତ ପୂଜାର୍ଚ୍ଚନା କଲେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଏହି ଚତୁର୍ବର୍ଗ ଫଳ ଲାଭ ହୋଇଥାଏ। ମାଆ ମହାଲକ୍ଷ୍ମୀଙ୍କୁ ମହାଶକ୍ତି, ଆଦ୍ୟାଶକ୍ତି, ଜଗଜ୍ଜନନୀ ଓ ପରଂବ୍ରହ୍ମ ସ୍ୱରୂପିଣୀ ଭାବରେ ବର୍ଣ୍ଣନା କରାଯାଇଛି । ସେ ମଧ୍ୟ ଧନଦାତ୍ରୀ ଦେବୀ । ମାଆ ମହାଲକ୍ଷ୍ମୀଙ୍କ କୃପା ଲାଭ କଲେ ଧନର ଅଭାବ ହୁଏ ନାହିଁ । ସେ କୃପା କଲେ କୁବେର ସମାନ ଧନଲାଭ ହୋଇଥାଏ । ଧନର ଏକମାତ୍ର ଦେବୀ ହେଉଛନ୍ତି ମାଆ ମହାଲକ୍ଷ୍ମୀ, ଅମର କୋଷରେ ଏହି ମାଆ ମହାଲକ୍ଷ୍ମୀଙ୍କର ଏଗାରଟି ନାମ ଥିବାର ଉଲ୍ଲେଖ କରାଯାଇଛି । ସେଗୁଡ଼ିକ ହେଉଛି 'ଲକ୍ଷ୍ମୀ ପଦ୍ମାଳୟା ପଦ୍ମା କମଳା ଶ୍ରୀ ହରିପ୍ରିୟା। ଇନ୍ଦିରା ଲୋକମାତା ମା' କ୍ଷୀରାବ୍‌ଧିତନୟା ରମା।' ମାଆ ମହାଲକ୍ଷ୍ମୀ ହେଉଛନ୍ତି ଭଗବାନ ବିଷ୍ଣୁଙ୍କ ଘରଣୀ, ତାଙ୍କର ମହିମା ଅପାର। ତାଙ୍କର କୃପାଲାଭ ନିମିତ୍ତ ଗୃହର ନାରୀମାନେ ମାଆ ମହାଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା କରିଥାନ୍ତି । ଆମ ଓଡ଼ିଶାରେ ବହୁ ପୁରାତନ କାଳରୁ ମା' ମହାଲକ୍ଷ୍ମୀଙ୍କର ପୂଜା ପ୍ରଚଳିତ ହୋଇଆସୁଅଛି । ପ୍ରତ୍ୟେକ ପରିବାରରେ ଏକ ଖଟୁଲୀ ମଧ୍ୟରେ ଧାନ କେଣ୍ଡାରେ ମାଣ ତିଆରି କରାଯାଇ ଦୈନନ୍ଦିନ ପୂଜାର୍ଚ୍ଚନା କରାଯାଉଛି । ଘରର ପତିବ୍ରତା ନାରୀମାନେ ହିଁ ଏହି ପୂଜା କରିବାରେ ଅବହେଳା କରିନଥାନ୍ତି । ମା' ମହାଲକ୍ଷ୍ମୀଙ୍କ ପ୍ରସାଦ କେବଳ ପରିବାର ସଦସ୍ୟମାନେ ହିଁ ସେବନ କରିବାର ବିଧି ରହିଛି । ଏପରିକି ବିବାହିତା କନ୍ୟାକୁ ମଧ୍ୟ ଏ ପ୍ରସାଦ ସେବନ କରିବାକୁ ଲକ୍ଷ୍ମୀ ପୁରାଣରେ ବାରଣ କରାଯାଇଛି । ଏ ବିଷୟରେ ଲକ୍ଷ୍ମୀ ପୁରାଣରେ ଲେଖାଅଛି–

'ମହାଲକ୍ଷ୍ମୀ ପ୍ରସାଦ ଯେ ପରକୁ ନଦେବ
ବିଭା ହୋଇଥିବା ଝିଅ ସୁଦ୍ଧା ନ ଖାଇବ ।'

ଏହିପରି ଭାବରେ ମାଆ ମହାଲକ୍ଷ୍ମୀଙ୍କର ଅନେକ ପ୍ରକାର ନୀତି ନିୟମମାନ ରହିଛି। ସେଗୁଡ଼ିକୁ ନାରୀମାନେ ସେମାନଙ୍କ ଜୀବନରେ ପାଳନ କରିଥାନ୍ତି ।

ମାର୍ଗଶୀର ମାଣବସା ଗୁରୁବାର ଓଷାରେ ପ୍ରତ୍ୟେକ ପରିବାର ଉତ୍ସବମୁଖର ହୋଇଉଠେ । ପରିବାରର ସମସ୍ତ ସଦସ୍ୟ ଆନନ୍ଦିତ ହୋଇଥାନ୍ତି । ନାରୀମାନେ ମାର୍ଗଶୀର ମାସର ଗୁରୁବାର ଦିନ ଖୁବ୍ ତତ୍ପର ହୋଇ ଉଠନ୍ତି । ନାରୀମାନେ ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟା ତ୍ୟାଗ କରି ସ୍ନାନାଦି ନିତ୍ୟକର୍ମ ସମାପନ କରି ମା' ମହାଲକ୍ଷ୍ମୀଙ୍କ ପୂଜା ପାଇଁ ପ୍ରସ୍ତୁତ ହୁଅନ୍ତି । ଗୋମୟ ଜଳରେ ଘରଦ୍ୱାର ଲିପାପୋଛା କରି ଚିତା ଓ ଝୋଟି ଆଦିରେ ଘରକୁ ଚିତ୍ରବିଚିତ୍ର କରିଥାନ୍ତି । ଏହି ପୂଜା ବିଷୟରେ ସମସ୍ତ ବିଷୟ ଲକ୍ଷ୍ମୀ ପୁରାଣରେ ବର୍ଣ୍ଣନା କରାଯାଇଛି । ସେହି ଅନୁସାରେ ଏକ ଖଟୁଲୀରେ ନୂଆ ଧାନ, ଧାନକେଣ୍ଡା ଓ ଗୋଟାଗୁଆ ଇତ୍ୟାଦିରେ ନୂଆ ମାଣରେ ଠାକୁରାଣୀ କରି ନବବସ୍ତ୍ର ଓ ବିଭିନ୍ନ ଫୁଲ ସଜାଇ ଚନ୍ଦନ ସିନ୍ଦୂର ଦେଇ ପୂଜାର୍ଚ୍ଚନା କରିଥାନ୍ତି । ଧୂପ ଓ ଦୀପ ଅର୍ପଣ କରି ହୁଳହୁଳୀ ଧ୍ୱନୀ କରିଥାନ୍ତି । ସେମାନଙ୍କର ହୁଳହୁଳୀ ଧ୍ୱନୀରେ ଗଗନ ପବନ ପ୍ରକମ୍ପିତ ହୋଇଥାଏ । ମହାଲକ୍ଷ୍ମୀ ପୁରାଣ ପାଠ କରାଯାଏ । ଏହି ପୁରାଣକୁ ଶ୍ରଦ୍ଧାର ସହିତ ସମସ୍ତେ ଶ୍ରବଣ କରିଥାନ୍ତି । ଏହି ପବିତ୍ର ମହାଲକ୍ଷ୍ମୀପୁରାଣ ଘରେ ଘରେ ପାଠ କରାଯାଏ । ଏହି ପୁରାଣକୁ ରଚନା କରିଥିଲେ ପଞ୍ଚସଖା ଯୁଗର କବି ବଳରାମ ଦାସ । ସେଥିଲେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଜଣେ ପରମ ଭକ୍ତ। ସେ ସମୟରେ ସମାଜରେ ପ୍ରଚଳିତ ଥିବା କୁସଂସ୍କାର, ଜାତିଭେଦ ଓ ଲିଙ୍ଗ ଭେଦ ଆଦି ଅନେକ କଥା ଏହି ଲକ୍ଷ୍ମୀପୁରାଣରେ ବର୍ଣ୍ଣନା କରାଯାଇଛି। ଏହି ପୁସ୍ତକରେ ସର୍ବପ୍ରଥମେ ମାଆ ମହାଲକ୍ଷ୍ମୀଙ୍କର ସ୍ତୁତି ଗାନ କରାଯାଇଛି ।

'ନମସ୍ତେସ୍ତୁ ମହାମାୟେ
ଶ୍ରୀପୀଠେ ସୁରପୂଜିତେ
ଶଙ୍ଖ ଚକ୍ର ଗଦାହସ୍ତେ
ମହାଲକ୍ଷ୍ମୀ ନମୋସ୍ତୁତେ।'

ବାସ୍ତବରେ ଏହି ଆଧାତ୍ମିକ ତତ୍ତ୍ୱ ସମ୍ବଳିତ ପୁସ୍ତକଟି ଓଡ଼ିଶାର ଲୋକମାନଙ୍କ ହୃଦୟରେ ଏକ ଧର୍ମଭାବ ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଓଡ଼ିଶାରେ ବିଭିନ୍ନ ଓଷାବାର ଓ ବ୍ରତ ପାଳନ କରାଯାଏ । ବାଟଓଷା, ରବିନାରାୟଣ ବ୍ରତ, ସାବିତ୍ରୀ ବ୍ରତ, ସୁଦଶାବ୍ରତ ଇତ୍ୟାଦି ଅନେକ ଆମ ଓଡ଼ିଶାରେ ପାଳନ କରାଯାଉଛି । ଏହିସବୁ ପାଳନ ପାଇଁ ବିଧିବିଧାନ ବ୍ୟବସ୍ଥା ବିଷୟରେ ଶାସ୍ତ୍ର ପୁରାଣଗୁଡ଼ିକରେ ଲେଖାଯାଇଛି । କିନ୍ତୁ ମାଣବସା ଗୁରୁବାର ବିଧିବ୍ୟବସ୍ଥା ସ୍ୱତନ୍ତ୍ର । ଭକ୍ତମାନଙ୍କ ଦୁଃଖ ବିଦୂରିତ କରୁଛନ୍ତି । ଶ୍ରୀଜଗନ୍ନାଥଙ୍କ ବ୍ୟତୀତ ଓଡ଼ିଆମାନଙ୍କର ଆଉ ଶ୍ରେଷ୍ଠ ବିଭବ କିଛି ନାହିଁ । ଏହି ଓଡ଼ିଶାର ବଡ଼ଠାକୁର ଶ୍ରୀଜଗନ୍ନାଥ ଓ ମାଆ ମହାଲକ୍ଷ୍ମୀଙ୍କୁ ଆଧାର କରି ଭକ୍ତ କବି ବଳରାମ ଦାସ ଯେଉଁ ଲକ୍ଷ୍ମୀପୁରାଣ ରଚନା କରିଛନ୍ତି ତାହା ଅତ୍ୟନ୍ତ ଆକର୍ଷଣୀୟ। ଚିତ୍ତାକର୍ଷକ ଓ ଉପଦେୟ ହୋଇପାରିଛି । ଏହା ଓଡ଼ିଆମାନଙ୍କର ସାମାଜିକ ଜୀବନ ସହିତ ଓତପ୍ରୋତ ଭାବେ ଜଡ଼ିତ । ଏକ ସୁସ୍ଥ ସମାଜ ଗଠନରେ ଏହି ଲକ୍ଷ୍ମୀପୁରାଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଆମ ଓଡ଼ିଶାର ଘରେ ଘରେ ମାର୍ଗଶୀର ମାସରେ ଏହି ମାଣବସା ଗୁରୁବାର ଓଷା ପାଳନ କରାଯାଉଅଛି । ଏହି ଓଷା କରି ଦରିଦ୍ର ଶ୍ରୀୟା ଚାଣ୍ଡାଳୁଣୀ ସକଳ ଐଶ୍ୱର୍ଯ୍ୟ ଲାଭ କରିଥିଲା । ଏହି ବିଷୟରେ ଲକ୍ଷ୍ମୀପୁରାଣରେ ବର୍ଣ୍ଣିତ ଅଛି–

'ଘାସରେ ଛାଉଣୀ ତା'ର କୁଟୀର ଯେ ଥିଲା
ମହାଲକ୍ଷ୍ମୀଙ୍କ କୃପାରେ ପ୍ରାସାଦ ହୋଇଲା।
ଅନ୍ନାଭାବ ରହିଥିଲା ସଦା ତା'ର ଘରେ
ସୁବର୍ଣ୍ଣ ଭରିଲା ପୁଣି ତାହାର ଭଣ୍ଡାରେ ।'

ମହାଲକ୍ଷ୍ମୀ ଶ୍ରୀୟାଙ୍କ ବରଦାନ ପରେ ଗୁରୁବାର ଦିନ ଯାହା କରଣୀୟ ନୁହେଁ ସେଗୁଡ଼ିକ ବୁଝାଇ କହିଥିଲେ ଯାହାକି ଏଯାବତ୍ ଆମ ସମାଜରେ ପ୍ରଚଳିତ ହୋଇଆସୁଅଛି । ଶ୍ରୀୟା ଚାଣ୍ଡାଳୁଣୀ ଘରେ ଲକ୍ଷ୍ମୀ ଠାକୁରାଣୀ ବିଜେ କରିଥିବା ଜାଣି ଜ୍ୟେଷ୍ଠଭ୍ରାତା ଶ୍ରୀବଳରାମ ଶ୍ରୀମନ୍ଦିରୁ ମହାଲକ୍ଷ୍ମୀଙ୍କୁ ବର୍ଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କରୀ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲା ଓ ଲକ୍ଷ୍ମୀ ଠାକୁରାଣୀ ବିଦାୟ ନେଲେ । ଲକ୍ଷ୍ମୀ ଠାକୁରାଣୀ ବିଦାୟ ନେବା ପରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳରାମ ଲକ୍ଷ୍ମୀଛଡ଼ା ହୋଇ ବାରଦ୍ୱାରେ ବୁଲି କି ଦୁଃଖକଷ୍ଟ ଭୋଗ କରିଥିଲେ ତାହା ଲକ୍ଷ୍ମୀ ପୁରାଣରେ ଭକ୍ତ କବି ବଳରାମ ଦାସ ବିଷଦ ଭାବରେ ବର୍ଣ୍ଣନା କରିଛନ୍ତି । ଶେଷରେ ଏହି ଦୁଇଭାଇ ଲକ୍ଷ୍ମୀଙ୍କ ମନ୍ଦିରରେ ପ୍ରବେଶ କରି ଅନ୍ନଭୋଜନ କରି ତୃପ୍ତିଲାଭ କରିଥିଲେ । ଶ୍ରୀଜଗନ୍ନାଥ ଓ ବଳରାମ ଲକ୍ଷ୍ମୀ ଠାକୁରାଣୀଙ୍କ ଶ୍ରେଷ୍ଠତ୍ୱ ଓ ମହିମା ବିଷୟରେ ଅନୁଭବ କରି ନିଜର ଦୋଷତ୍ରୁଟି ସ୍ୱୀକାର କରି ଲକ୍ଷ୍ମୀ ଠାକୁରାଣୀଙ୍କୁ 'ସାଥୀରେ ଧରି ବଡ଼ ଦେଉଳକୁ ପ୍ରତ୍ୟାବର୍ତ୍ତନା କରିଥିଲେ । ଲକ୍ଷ୍ମୀ ଠାକୁରାଣୀଙ୍କ ସର୍ତ୍ତ ଅନୁସାରେ ବଡ଼ ଦେଉଳରେ ଜାତିପ୍ରଥାର ବିଲୋପ ଘଟିଲା । ବ୍ରାହ୍ମଣଠାରୁ ଚାଣ୍ଡାଳ ପର୍ଯ୍ୟନ୍ତ ସମସ୍ତ ଜାତିର ଲୋକ ବଡ଼ଦେଉଳରେ ମହାପ୍ରସାଦ ସେବନ କଲେ । ସେଠାରେ ଅଦ୍ୟାବଧି ସେହି ପ୍ରଥାର ପ୍ରଚଳନ ଅଛି । ସର୍ବପ୍ରଥମେ ଲକ୍ଷ୍ମୀ ପୁରାଣରେ ଜାତିପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯାଇଛି । ଓଡ଼ିଶାର ତତ୍କାଳିନ ସାମାଜିକ ସ୍ଥିତି ଓ ପରିବେଶକୁ ବିଶ୍ଳେଷଣ କରି ଭକ୍ତ କବି ବଳରାମ ଦାସ ଲକ୍ଷ୍ମୀ ପୁରାଣ ନାମକ ଏକ ମହାନ ଗ୍ରନ୍ଥ ରଚନା କରି ଏ ଦିଗହରା ସମାଜକୁ ଏକ ଶ୍ରେଷ୍ଠ ଉପହାର ପ୍ରଦାନ କରିଛନ୍ତି । ଯାହାକି ଆଜି ସମଗ୍ର ଓଡ଼ିଶାର ଘରେ ଘରେ ଆଦୃତି ଲାଭ କରିଛି । ଦିଗଭ୍ରଷ୍ଟ ସମାଜକୁ ଏହା ଦିଗ୍‌ଦର୍ଶନ ଦେବାରେ ବିଶେଷ ସହାୟକ ହୋଇପାରିଛି । ଆମ ଓଡ଼ିଶାରେ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନ ନିମନ୍ତେ ଲକ୍ଷ୍ମୀପୁରାଣ ହେଉଛି ଏକ ମାର୍ଗଦର୍ଶିକା । ଓଡ଼ିଶାର ନାରୀମାନେ ମାର୍ଗଶୀର ମାସକୁ ଅନାଇ ବସିଥାନ୍ତି । ଏହି ମାସରେ ସମସ୍ତେ ମା' ଲକ୍ଷ୍ମୀ ଠାକୁରାଣଙ୍କ ପୂଜା ପାଇଁ ଖୁବ୍ ତତ୍ପର ହୋଇ ଉଠନ୍ତି । ଜଗନ୍ନାଥ ଦାସଙ୍କ ରଚିତ ଶ୍ରୀମଦ୍ ଭାଗବତ ଘରେ ଘରେ ପାଠ କରାଯାଉଥିଲା ବେଳେ ବଳରାମ ଦାସଙ୍କ ଦ୍ୱାରା ରଚିତ ଶ୍ରୀମଦ୍ ଭାଗବତ ଘରେ ଘରେ ପାଠ କରାଯାଉଥିଲାବେଳେ ବଳରାମ ଦାସଙ୍କ ଦ୍ୱାରା ରଚିତ ଲକ୍ଷ୍ମୀପୁରାଣ ପ୍ରତ୍ୟେକ ଗୁରୁବାର ଦିନ ପାଠ କରାଯାଏ । ଆମ ସମାଜରେ ନାରୀ ଓ ପୁରୁଷ ପରସ୍ପର ପରିପୂରକ । ନାରୀ ବିନା ପରିବାରରେ ସୁଖଶାନ୍ତି ତିରୋହିତ ହୋଇଯାଏ । ନାରୀମାନଙ୍କ ଦ୍ୱାରା ପରିବାରରେ ଧର୍ମ ସଂସ୍ଥାପନ ହୁଏ। ନାରୀମାନେ ହେଉଛନ୍ତି ପରିବାରର ଲକ୍ଷ୍ମୀ ସଦୃଶ। ତେଣୁ ନାରୀମାନଙ୍କୁ ଅବହେଳା ପ୍ରଦର୍ଶନ କରାନଯାଇ ଯଥେଷ୍ଟ ସମ୍ମାନ ଦେବା ଉଚିତ୍ ।

*କୁରୁଣ୍ଡି, ରାଜନଗର, କେନ୍ଦ୍ରାପଡ଼ା*
*ମୋ. ୮୯୧୭୨୧୩୦୭୩*

# ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମଶତବାର୍ଷିକୀ ପାଳନ ଏକ ଉତ୍ତମ ନିଷ୍ପତ୍ତି



## ଦୁନିଆର ହାଲ୍

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**

ଏବେ ଇଲେକ୍ଟ୍ରୋନିକ ମିଡିଆରେ ଓ ସମ୍ବାଦପତ୍ରର ପୃଷ୍ଠାମାନଙ୍କରେ ଏକ ସମ୍ବାଦ ସମ୍ମୁଖକୁ ଆସିଲା ଯେ ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ବୈଠକ ହୋଇଥିଲା। । ଏହି ବୈଠକରେ ଆଲୋଚନା ପରେ ସ୍ଥିର ହେଲା ଯେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯିବ । ଏହା କଂଗ୍ରେସ ଦଳର କିଛି ବନ୍ଧୁଙ୍କ ପକ୍ଷରୁ ଆହୁତି ହୋଇଥିଲା, ତଥାପି ସବୁଦଳର ପ୍ରତିନିଧିମାନେ ନିମନ୍ତ୍ରିତ ହୋଇ ଏଥିରେ ଯୋଗ ଦେଇଥିଲେ । ଏପରି ପଦକ୍ଷେପ ଅଭିନନ୍ଦନୀୟ । ଜାନକୀ ବାବୁଙ୍କ ଜନ୍ମ ଶତବାର୍ଷିକୀ କୌଣସି ଦଳ ପକ୍ଷରୁ ହେଉ ବୋଲି କହିବା ଠିକ ହେବନାହିଁ । ଜାନକୀ ବାବୁଙ୍କର ବିୟୋଗ ପରେ ଖୋର୍ଦ୍ଧା ସହରରେ ତାଙ୍କ ପାଇଁ ଏକ ସ୍ମୃତି ଉଦ୍ୟାନ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ ହେଲା । ଏହା ନିର୍ଦ୍ଦଳୀୟ ଥିଲା । ସବୁ ବର୍ଗର ପ୍ରତିନିଧି ଏଥିରେ ଥିଲେ, ସବୁଦଳର ନେତୃବୃନ୍ଦ ଏକାଠି ହୋଇଥିଲେ । ଆର୍ଥିକ ଅନୁଦାନ ସରକାର, ସାଂସଦମାନେ, ବିଧାୟକମାନେ ଓ ସାଧାରଣ ଲୋକମାନେ ଦେଇଥିଲେ। ଯଦିଓ ଅତୀତର ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଓ ଆମ ରାଜ୍ୟର ଜଣେ ବିଶିଷ୍ଟ ସାହିତ୍ୟିକ, ଲେଖକ ଓ ସାମ୍ବାଦିକ ସୌମରଞ୍ଜନ ପଟ୍ଟନାୟକ ଅଗ୍ରଣୀ ଭୂମିକା ନେଇଥିଲେ (ଏପର୍ଯ୍ୟନ୍ତ ମଧ୍ୟ ନେଉଛନ୍ତି) । ତଥାପି ଖୋର୍ଦ୍ଧା ଅଞ୍ଚଳର ଅନେକ ଯୁବକ ସଂଜୟ ପଟ୍ଟନାୟକ, ପ୍ରକାଶ ସାମନ୍ତରାୟ, ଗୁରୁଚରଣ ପଟ୍ଟନାୟକ ପ୍ରଭୃତି ଅନେକ ଏଥିପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ଏହି କାର୍ଯ୍ୟଟିକୁ ସମ୍ପାଦନା କରିବା ପାଇଁ ବହୁ ବ୍ୟକ୍ତିବିଶେଷମାନେ ଧର୍ମେନ୍ଦ୍ର ପ୍ରଧାନ, ସ୍ୱର୍ଗତ ପାରୀମୋହନ ମହାପାତ୍ର, ଜ୍ୟୋତିରିନ୍ଦ୍ରନାଥ ମିତ୍ର, ରାଜେନ୍ଦ୍ର କୁମାର ସାହୁ ପ୍ରଭୃତି ଆର୍ଥିକ ଦାନ କରିଥିଲେ ଦଳମତ ନିର୍ବିଶେଷରେ ।

ଜାନକୀ ବଲ୍ଲଭ ପଟ୍ଟନାୟକ ଆମ ରାଜ୍ୟ ପାଇଁ ଓ ଆମ ଦେଶ ପାଇଁ ଜଣେ ଏପରି ଜନନେତା, ମନ୍ତ୍ରୀ, ରାଜ୍ୟପାଳ, ସମାଜସେବୀ, ସାହିତ୍ୟିକ, ଲେଖକ ତାଙ୍କୁ ସବୁବେଳେ ସ୍ମୃତିରେ ରଖିବା ଆବଶ୍ୟକ । ସେ କାଳଜୟୀ ଲେଖକ । ସେ ଓଡ଼ିଶାର, ରାଜ୍ୟବାସୀଙ୍କ ହୃଦୟରେ ଅଛନ୍ତି । ତାଙ୍କୁ ଓଡ଼ିଶାର ଜନମାନସରେ ସ୍ଥାୟୀ ଭାବରେ ରଖିବା ପାଇଁ ଆବଶ୍ୟକ । ମୁଁ ଅନେକ ସଭାରେ ବକ୍ତବ୍ୟ ରଖିଥାଏ ଯେ ଜାନକୀ କେବଳ ମନ୍ତ୍ରୀ କି ମୁଖ୍ୟମନ୍ତ୍ରୀ ନଥିଲେ । ଶେଷରେ କର୍ତ୍ତବ ଆହ୍ୱାନରେ ସହିଦ ହୋଇଗଲେ । ସେଦିନର କଥାଟିକୁ ସ୍ମୃତିକୁ ଆଣନ୍ତୁ । ଟିକେ ଅସୁସ୍ଥ ଅନୁଭବ କଲେଣି । ସନ୍ଧ୍ୟାରେ ତିରୁପତି ଯିବେ, ସ୍ୱତନ୍ତ୍ର ବିମାନରେ । ଗଲାପରଦିନ କୁଳାଧିପତି ଭାବରେ ସେଠି ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ରହି ଉଦ୍‌ବୋଧନ ଦେବେ ଓ ଉପାଧି ବିତରଣ କରିବେ । ସେ ଯାଇ ନଥାନ୍ତେ । ଏହି କାର୍ଯ୍ୟ କାହାକୁ ଦେଇପାରିଥାନ୍ତେ । କିନ୍ତୁ ସେ ଗଲେ । ସେ କୁଳପତି ନଯିବେ କିପରି? ବିଭିନ୍ନ ବୈଠକରେ ଯୋଗଦେଲେ । ତିରୁପତିରେ ଭଗବାନଙ୍କୁ ଦର୍ଶନ କଲେ । ରାତିରେ ବେଶି ଅସୁସ୍ଥ ହୋଇପଡିଲେ ଓ ମୃତ୍ୟୁବରଣ କଲେ । କର୍ତ୍ତବର ଆହ୍ୱାନରେ ସହିଦ ହୋଇଗଲେ । ସେଦିନ ହୁଏତ ବିମାନଟିକୁ ଫେରାଇ ଦେଇ ପାରିଥାଆନ୍ତେ ।

ମୁଁ ଏଠି ତାଙ୍କୁ ପ୍ରଶଂସା କରି ଲେଖିଛି ବୋଲି ହୁଏତ କିଏ କ'ଣ ଭାବି ପାରନ୍ତି । କିନ୍ତୁ ମୁଁ ତାଙ୍କ ଜନ୍ମମାଟିରେ ଦୁଇଟି ସ୍ନାତକ କଲେଜମାନଙ୍କରେ ଅଧ୍ୟାପନା ଓ ଅଧ୍ୟକ୍ଷତା କରୁଥିଲି । ସେଥିପାଇଁ ପରିଚିତ ହୋଇଥିଲି । ମୁଁ ତାଙ୍କ ବ୍ୟକ୍ତିତ୍ୱର ନିଲିପ୍ତ ଆକଳନ କରିଛି ।

କେନ୍ଦ୍ରରେ ଦେଶରକ୍ଷା ରାଜ୍ୟମନ୍ତ୍ରୀ, ଲୋକସମ୍ପର୍କ ବିଭାଗର କ୍ୟାବିନେଟ ମନ୍ତ୍ରୀପଦରେ, ଆସାମର ରାଜ୍ୟପାଳ ପଦରେ ଓ ଆମ ରାଜ୍ୟର ତିନି ତିନି ଥର ମୁଖ୍ୟମନ୍ତ୍ରୀ ଭାବରେ ଅନେକ ପ୍ରତ୍ୟୁତ୍ପନ୍ନମତି ପ୍ରକାଶ କରିଛନ୍ତି ତାହା ଅବର୍ଣ୍ଣନୀୟ। ।

ଜନ୍ମ ଶତବାର୍ଷିକୀରେ କ'ଣ କରାଯାଇପାରିବ, ମୋ ସହର ଖୋର୍ଦ୍ଧାରେ ବନ୍ଧୁମାନଙ୍କ ସହିତ ଆଲୋଚନା କରୁଥିଲି । ୩ ଜାନୁଆରୀ ୨୦୨୬ରୁ ଜାନୁଆରୀ ୨୬ ପର୍ଯ୍ୟନ୍ତ ଏକବର୍ଷ ପାଇଁ ଶତବାର୍ଷିକ ପାଳନ କରାଯିବ । ଏଥିପାଇଁ ମୋର କେତେକ ପ୍ରସ୍ତାବ ରହିଛି । ରାଜ୍ୟସ୍ତରୀୟ ସମିତି ଏହାର ବିଚାର କଲେ ମୁଁ ସନ୍ତୋଷ ପାଇବି । ତାଙ୍କ ନାଁରେ ଗୋଟିଏ ଟିକଟ ଓ ସ୍ୱତନ୍ତ୍ର ଲଫାପା ପ୍ରକାଶ ପାଇବା ଆବଶ୍ୟକ । ଗୋଟିଏ ରେଳଗାଡି (ଏକ୍ସପ୍ରେସ ଟ୍ରେନ) ତାଙ୍କ ନାଁରେ ନାମିତ ହେବା ଆବଶ୍ୟକ। ସେ ଟ୍ରେନଟି ଓଡ଼ିଶାରୁ ପୁରୀରୁ ବାହାରି ଦିଲ୍ଲୀ କି ଶ୍ରୀନଗର ଯାଉ । ଜାତୀୟ ରାଜପଥରେ ଗୋଟିଏ ଅଂଶରେ ତାଙ୍କ ନାମରେ ନାମିତ ହେବ । ସେ ଏପରି ସାହିତ୍ୟିକ ଯେ ଏ ନେଇ ତାଙ୍କ ଅବଦାନ ଅତୁଳନୀୟ । ବହୁତ ବହି ଲେଖିଛନ୍ତି ଓ ପ୍ରକାଶ କରିଛନ୍ତି । ପ୍ରଜାତନ୍ତ୍ର, ଇଷ୍ଟର୍ଣ୍ଣ ଟାଇମସ ଓ ପୌରୁଷରେ ସମ୍ପାଦନା କରିଛନ୍ତି । ମୁଖ୍ୟ ସଂପାଦକ ହୋଇଛନ୍ତି । ତାଙ୍କ ସ୍ମୃତି ନେଇ ଗୋଟିଏ ୫୦୦ ପୃଷ୍ଠାର ସ୍ମରଣିକା ପ୍ରକାଶ କରିବା ନାହିଁ? ଏହି ଅବସରରେ ଗୋଟିଏ ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ ହେବା ଆବଶ୍ୟକ । ସେମାନେ ଏଇ ବର୍ଷକ ମଧ୍ୟରେ କୌଣସି ଗୋଟିଏ ସ୍ଥାନରେ ଏକାଠି ହୋଇ ଯୁବଉତ୍ସବ କରନ୍ତେ । ପ୍ରତ୍ୟେକ ଜିଲ୍ଲା, ପ୍ରତ୍ୟେକ ସଙ୍ଗଠନ, ପ୍ରତ୍ୟେକ ବ୍ୟକ୍ତି ଏଥିପାଇଁ ସ୍ୱତପ୍ରବୃତ୍ତ ଭାବରେ ଦାନ ଦିଅନ୍ତେ । ବର୍ତ୍ତମାନ ଆମ ରାଜ୍ୟର ସରକାର ଏଥିପାଇଁ ଦାୟିତ୍ୱ ନେବେ ବୋଲି ଆଶା କରିବା । ମୁଁ ଏତେ ସୁସ୍ଥ ନାହିଁ । ଭୁବନେଶ୍ୱର ଯାଇ ରାଜ୍ୟସ୍ତରୀୟ କମିଟି ସମ୍ମୁଖରେ ମୋ ମତ ରଖିପାରିବି ନାହିଁ । କିନ୍ତୁ ମୋର ସ୍ୱର ସମସ୍ତଙ୍କ ପାଖରେ ପହଞ୍ଚୁ । ଜାନକୀ ବଲ୍ଲଭ ପଟ୍ଟନାୟକ ଜନ୍ମ ଶତବାର୍ଷିକୀ ମହାସମାରୋହ ପାଳିତ ହେଉ । ଆମ ଖୋର୍ଦ୍ଧାର ବିଧାୟକ ପ୍ରଶାନ୍ତ ଜଗଦେବ ଓ ସମ୍ମାନନୀୟା ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ ସେ କମିଟିରେ ସ୍ଥାନ ପାଇ ସକ୍ରୀୟ ପଦକ୍ଷେପ ନିଅନ୍ତୁ ।

*ଜେଲରୋଡ଼, ଖୋର୍ଦ୍ଧା,*
*ମୋ ୯୪୩୭୩୦୨୪୧୭*

# ଶବ୍ଦ ପ୍ରଦୂଷଣର ବିପଦ

**■ ଗିରିଧାରୀ ସାମଲ ■**

ପରିବେଶ ପ୍ରଦୂଷଣ ପରେ ଶବ୍ଦ ପ୍ରଦୂଷଣ ଆଉ ଏକ ଗୁରୁତର ସମସ୍ୟା ଭାବେ ଆଧୁନିକ ସଭ୍ୟତାରେ ମୁଣ୍ଡ ଟେକିଛି । ଏଥିଯୋଗୁ ଆଜିର ମଣିଷ, ମୁଖ୍ୟତଃ ସହରର ମଣିଷ ବିଭିନ୍ନ ପ୍ରକାର ମାନସିକ ଓ ଶାରୀରିକ ରୋଗରେ ଆକ୍ରାନ୍ତ ହୋଇଛି । ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ବ୍ୟକ୍ତି ସ୍ୱାଧୀନତା ମିଳୁଥିବା ଯୋଗୁ ବାକ୍ ସ୍ୱାଧୀନତା ତାର ହକ୍ ବୋଲି ସମସ୍ତେ ଧରି ନିଅନ୍ତି । କିନ୍ତୁ ବାକ୍ ସ୍ୱାଧୀନତାର ଅର୍ଥ ନୁହେଁ ଚିତ୍କାର କରିବା ଓ ଅନ୍ୟର ସ୍ୱାଧୀନତାକୁ ଅପହରଣ କରିବା। ଆମର ଅଜ୍ଞାତସାରରେ ଶବ୍ଦ ପ୍ରଦୂଷଣ ଆମର କେତେ କ୍ଷତିକରେ ଆମେ ଜାଣୁନା। ଫଳରେ ସାମାନ୍ୟ ସାମାନ୍ୟ କଥାରେ ଆମେ ଉଚ୍ଚ ଶବ୍ଦରେ ବିଭିନ୍ନ କାରବାର କରିବାରେ ଗର୍ବକରୁ ଓ ଆନନ୍ଦ ଅନୁଭବ କରୁ । ଶବ୍ଦ ପରିବେଷଣରେ ଆମେ ସିନା କ୍ଷଣିକ ଆନନ୍ଦ ଅନୁଭବ କରୁଛେ, କେବେ ଚେଷ୍ଟା କରିଛେ କି ନୀରବତାର ସ୍ୱର ଶୁଣିବା ପାଇଁ? କୁହାଯାଏ ନିରବତାର ଗଭୀରତାରେ ଲୁଚିରହିଥାଏ ଈଶ୍ୱରଙ୍କ ସ୍ୱର। ତାକୁ ଶୁଣିବା ପାଇଁ କେବେ ଚେଷ୍ଟା କରିଛେ କି? ସେଥିପାଇଁ ତ ମୁନି ଋଷିମାନେ ସହରର ଚାକଚକ୍ୟ ଓ ଶବ୍ଦ ଆଡ଼ମ୍ବର ଛାଡ଼ି ସୁଦୂର ବଣ ଜଙ୍ଗଲ ଓ ପାହାଡ଼ ପର୍ବତର ଗହ୍ୱର ଭିତରେ ବସି ଈଶ୍ୱର ପ୍ରାପ୍ତି ପାଇଁ ଧ୍ୟାନସ୍ଥ ହୁଅନ୍ତି। ସେଥିପାଇଁ ପ୍ରଦୂଷଣମୁକ୍ତ ହୋଇ ସୁସ୍ଥ ଶରୀର ରଖିବା ସହିତ ଦୀର୍ଘଜୀବୀ ହୁଅନ୍ତି, ପ୍ରଜ୍ଞା ପ୍ରାପ୍ତ ହୁଅନ୍ତି।

ସହର ଓ ସହରତଳିଗୁଡ଼ିକରେ ଯନ୍ତ୍ରପାତି ମାଧ୍ୟମରେ ଉଚ୍ଚ ଶବ୍ଦ ସୃଷ୍ଟି କରିବା ଏକ ଆଭିଜାତ୍ୟ ବୋଲି ମନେକରନ୍ତି। ଏହା ମୁଖ୍ୟତଃ ମଧ୍ୟବି, ଉଚ୍ଚମଧ୍ୟବି ଓ ଧନିକ ଶ୍ରେଣୀ ବ୍ୟକ୍ତିମାନଙ୍କ ପାଖରେ ଦେଖାଯାଏ। ସବୁ କଥାରେ ବାଣ, ବାଜା ନହେଲେ ଚଳେନା। ତାହା ପୁଣି ଉଚ୍ଚ ଶବ୍ଦରେ। ଆମର ବାହାଘର ଓ ଭୋଜିଘରେ ବାଣ ଓ ବାଜାର ରୋଷଣୀ ହୁଏ। ତାହା ପୁଣି ସାଧାରଣ ଭାବେ ନୁହେଁ, କାନକୁ ତାଳ୍ବା କଲା ଭଳି ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଡିଜେ ସାଉଣ୍ଡରେ ଓ ବୋମା ଫୁଟିବା ଭଳି ବାଣରେ। ଜନ୍ମ ଦିନରେ ବାଜାବାଣ, ବ୍ରତଘରେ ବାଜାବାଣ, ବିବାହରେ ବାଜାବାଣ, ନିର୍ବାଚନ ଜିତିଲେ ବାଜାବାଣ, ଶୋଭାଯାତ୍ରାରେ ବାଜାବାଣ, ନେତାଙ୍କୁ ସଂଖୋଳିବାରେ ବାଜାବାଣ, ପୂଜା ପାର୍ବଣରେ ବାଜାବାଣ ସବୁଠି ଉଚ୍ଚ ଶବ୍ଦ। ଦୀପାବଳୀ ଦିନ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଉଚ୍ଚ ଶବ୍ଦରେ ଯେଭଳି ବାଣ ଫୁଟାଯାଏ ତାହା କେବଳ ମଣିଷକୁ ନୁହେଁ ଗୃହପାଳିତ ପଶୁପକ୍ଷୀଙ୍କୁ ମଧ୍ୟ ଆତଙ୍କିତ କରିପକାଏ। ଦେଖାଯାଇଛି ଯଦି କୌଣସି ଗଛ ମୂଳେ ବିସ୍ଫୋରଣ କଲା ଭଳି ବାଣ ଫୁଟାଯାଏ ତେବେ ସେ ଗଛର ପତ୍ରଗୁଡ଼ିକ ଝାଉଁଣି ପଡ଼ନ୍ତି। କାରଣ ସେମାନେ ମଧ୍ୟ ଉଚ୍ଚ ଶବ୍ଦର ସହିବାର ଶକ୍ତିକୁ ହରାଇ ବସିଥାନ୍ତି । ଶବ୍ଦକୁ ଭଲ ପାଉ ନଥିବା ଲୋକମାନଙ୍କ କଥା ସେତେବେଳେ ସମସ୍ତେ ଭୁଲି ଯାଇଥାନ୍ତି। ସଂଗୀତ ପ୍ରତି ସାଧାରଣତଃ ଲୋକମାନଙ୍କ ଆଗ୍ରହ ନଥାଏ । କିନ୍ତୁ ଯେଭଳି ଭାବେ ଉଚ୍ଚ ଶବ୍ଦ ପ୍ରଦୂଷଣ କରୁଥିବା ଯନ୍ତ୍ରପାତି ମାଧ୍ୟମରେ ସଂଗୀତ ପରିବେଷଣ କରାଯାଉଛି ତାହା ଆନନ୍ଦ ଅପେକ୍ଷା ବିରକ୍ତି ଭାବ ଉଦ୍ରେକ କରୁଛି ଏବଂ କାନକୁ ଅସୁଖକର ଲାଗୁଛି ।

ଏବେ ସହରମାନଙ୍କରେ ଯାନବାହନ ଚଳାଚଳ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। କାର, ଟ୍ରକ, ଟ୍ରାକ୍ଟର, ବସ୍, ମିନି ବସ୍, ମଟର ସାଇକେଲ, ସ୍କୁଟର ଇତ୍ୟାଦି ଯାନବାହନଗୁଡ଼ିକ ହର୍ଣ୍ଣ ବଜେଇବା ଠାରୁ ଆରମ୍ଭ କରି ଯାନବାହନ ଚାଲିବାର ଶବ୍ଦ, ଆକାଶରେ ଅତି ପାଖରେ ଉଡୁଥିବା ଜେଟ ପ୍ଲେନ, ହେଲିକପ୍ଟର, ମନ୍ଦିର ଓ ମସ୍‌ଜିଦ୍‌ରେ ବାଜୁଥିବା ଲାଉଡ ସ୍ପିକର ଇତ୍ୟାଦି ପରିବେଷଣକୁ ଆହୁରି ଉତ୍କଟ କରୁଛି । ଶିଳ୍ପାଞ୍ଚଳଗୁଡ଼ିକରେ ଶବ୍ଦ ନିୟନ୍ତ୍ରଣ ସୀମା ୭୫ ଡେସିବଲ ରହିଥିବା ବେଳେ ଏହା ୧୧୫ ଠାରୁ ଅଧିକ ରହୁଛି। ଫଳରେ ସେ ଅଞ୍ଚଳରେ ବସବାସ କରୁଥିବା ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ବିଭିନ୍ନ ପ୍ରକାର ମାନସିକ ଓ ଶାରୀରିକ ରୋଗରେ ପୀଡ଼ିତ ହୁଅନ୍ତି। ଘରେ ମଧ୍ୟ ଫୁଡ୍ ମିକ୍ସର, ଗ୍ରାଇଣ୍ଡର, ଭକ୍ୟୁମ୍‌କୁଲର, ୱାସିଂମେସିନ୍, ଏସି, ଟିଭି, ଆଇପଡ୍ସ, ଇୟରଫୋନ, ଦୀର୍ଘ ସମୟ ଧରି କୁକୁର ଭୋକିବା ଆଦିରୁ ସୃଷ୍ଟି ଶବ୍ଦ ମଧ୍ୟ ପ୍ରଦୂଷଣର ଅନ୍ୟତମ କାରଣ। ସେହିପରି ସହରଗୁଡ଼ିକରେ ଦିନରାତି ଲାଗି ବହୁତଳ ପ୍ରାସାଦ ନିର୍ମାଣରେ ବ୍ୟବହୃତ ଯନ୍ତ୍ରପାତିରୁ ଯେଉଁ ଶବ୍ଦ ସୃଷ୍ଟି ହୁଏ ତାହା ମଧ୍ୟ ଅତ୍ୟନ୍ତ ଅସହ୍ୟକର। ଖାଲି ସ୍ଥଳ ଭାଗରେ ନୁହେଁ, ଜଳ ଭାଗରେ ମଧ୍ୟ ବ୍ୟବହୃତ ଟ୍ରଲର, ସବ୍‌ମ୍ୟାରିନ୍ ଓ ବୁଡ଼ାଜାହାଜରୁ ନିର୍ଗତ ହେଉଥିବା ଶବ୍ଦ ଦ୍ୱାରା ଜଳଜୀବୀମାନେ ଆଘାତ ପ୍ରାପ୍ତ ହୁଅନ୍ତି । ଏପରିକି ଅସହ୍ୟ ଶବ୍ଦ ଯୋଗୁଁ ତିମି ଭଳି ବିରାଟକାୟ ମାଛମାନେ ମଧ୍ୟ ମରିଯାଉଥିବା ନଜିର ରହିଛି । ଶବ୍ଦ ପ୍ରଦୂଷଣ ଶରୀର ଉପରେ ଅନେକ କୁପ୍ରଭାବ ପକେଇଥାଏ । ଏହା ମାନସିକ ସ୍ତରରେ ଚାପ ସୃଷ୍ଟି କରିବା ସହ ଉଦ୍‌ବେଗ ଓ ନିଦ୍ରାହୀନତାର କାରଣ ହୋଇଥାଏ । କାନକୁ ଶୁଣା ନଯିବା, ଭଲ କଥା ନକହିପାରିବା, ଉଚ୍ଚତମ ପ୍ରଯୋଜନ ଶକ୍ତି ହରାଇବା, ଉଚ୍ଚରକ୍ତଚାପ ବଢ଼ାଇବା ଓ ହୃଦ୍‌ରୋଗର ମଧ୍ୟ କାରଣ ହୋଇଥାଏ । ସେଥିପାଇଁ ଚିକିତ୍ସାଳୟ, ବିଚାରାଳୟ, ଛୋଟ ପିଲାଙ୍କ ସ୍କୁଲ, ବାସୋପଯୋଗୀ ଅଞ୍ଚଳରେ ଉଚ୍ଚ ଶବ୍ଦ ବ୍ୟବହାରର ବାରଣ ଅଛି। ସେଥିପାଇଁ ମଧ୍ୟ ଭାରତ ସରକାର ପରିବେଶ ସୁରକ୍ଷା ଆଇନ ପ୍ରଣୟନ କରିଛନ୍ତି । ଏହାକୁ ଯେଉଁମାନେ ଭଙ୍ଗ କରିବେ ସେମାନଙ୍କୁ ଏକ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିବା ସହ ଜାମିନ୍‌ବିହୀନ ଗିରଫ କରିବା ସହ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ରହିଛି। ଅଥଚ ଜନସଚେତନତାର ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ । ଭାରତୀୟ ନାଗରିକମାନେ ଆଇନକାନୁନ୍‌କୁ ଡରନ୍ତି ସିନା କିନ୍ତୁ ତାକୁ ସମ୍ମାନ ଦେଇ ନିଜକୁ ପରିବର୍ତ୍ତନ କରନ୍ତି ନାହିଁ। ଫଳରେ ଦେଖାଯାଇଛି ବଡ଼ ବଡ଼ ସହରମାନଙ୍କରେ ମାନସିକ ରୋଗୀ ବଢିବା ସହ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇଛି । ଏଥିରୁ ଦିଲ୍ଲୀ, ବମ୍ବେ, ଲକ୍ଷ୍ନୌ, କଲିକତା, ବେଙ୍ଗାଲୁର ପ୍ରଭୃତି ସହର ବାଦ୍ ପଡ଼ିନାହାନ୍ତି। ଏବେ ସମୟ ଆସିଛି ଶବ୍ଦ ପ୍ରଦୂଷଣ ପ୍ରତି ଆମେ ଜନ ସଚେତନତା ବଢ଼ାଇବା ଓ ଅଯଥା ଉଚ୍ଚ ଶବ୍ଦ ସୃଷ୍ଟି କରିବାରୁ ନିଜେ ନିବୃତ ରହିବା ସହ ଅନ୍ୟ ମାନଙ୍କୁ ସଚେତନ କରିବା ।

*ଶ୍ରୀବିହାର କଲୋନୀ,*
*ତୁଳସୀପୁର, କଟକ*

# ଓଡ଼ିଶା ଏକ୍ସପ୍ରେସ୍

**ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ**

ଭୁବନେଶ୍ୱର ୨୮ ନଭେମ୍ବର ୨୦୨୫ ଶୁକ୍ରବାର ପୃଷ୍ଠା ୫


ଯେଉଁମାନେ ଚା', କଫିରେ ଅଭ୍ୟସ୍ତ ଠିକ୍ ସମୟରେ ନପିଇଲେ ସେମାନେ ବ୍ୟସ୍ତ ହୋଇଯାଆନ୍ତି । ଚା', କଫିର ଲାଭ କ୍ଷତି ବିଷୟରେ ସବୁବେଳେ ଚର୍ଚ୍ଚା ଏବଂ ବିତର୍କ ହୁଏ । ଅନେକ ଗବେଷଣା ଏବଂ ଅଧ୍ୟୟନ ସତ୍ତ୍ୱେ ଏହାର ଏପର୍ଯ୍ୟନ୍ତ କୌଣସି ସଠିକ୍ ପରିଣାମ ବାହାରିପାରି ନାହିଁ । ଡାଏଟିସିଆନ୍‌ମାନେ କହନ୍ତି ଚା' ଓ କଫି ଉଭୟରେ କାଫିନ୍‌ର ମାତ୍ରା ଅଧିକ ଥାଏ । ଚା' ତୁଳନାରେ କଫିରେ କାଫିନ୍‌ର ମାତ୍ରା ତିନିଗୁଣ ଅଧିକ । ତା'ହେଲେ ଆସନ୍ତୁ ଜାଣିବା ଚା' କଫିରେ ଲାଭ କ'ଣ, କ୍ଷତି କ'ଣ? କାରଣ ଏହି ଦୁଇ ପାନୀୟ ଏବେ ଆମ ଜୀବନଶୈଳୀରେ ସାମିଲ ହୋଇଯାଇଛି । ସକାଳ ଓ ସନ୍ଧ୍ୟାରେ ସମସ୍ତଙ୍କ ପାଇଁ ଖୁବ୍ ଜରୁରୀ ହୋଇଯାଇଛି ।

# ଚା' ଓ କଫି



### କାଫିନ୍‌ର ଲାଭ

- କାଫିନ୍ ମସ୍ତିଷ୍କକୁ ସକ୍ରିୟ କରେ, ଫଳରେ ଆପଣ ସତେଜ ଅନୁଭବ କରନ୍ତି ।
- କିଛି ସମୟ ପାଇଁ ହେଲେ ବି ଏହା ଥକ୍କାପଣ ଦୂରେଇ ଦିଏ ।
- ହାଲ୍‌କା ମୁଣ୍ଡବିନ୍ଧାରେ ଚା' କଫି ପିଇବା ଲାଭଜନକ ହୁଏ ।
- ଆଜ୍‌ମା ରୋଗୀଙ୍କ ପାଇଁ ଏହା ଖୁବ୍ ସ୍ୱାସ୍ଥ୍ୟପ୍ରଦ ।
- ଚା'ରେ ଥିବା ଟାନିନ୍ ଶରୀରରୁ ଭୂତାଣୁ ନଷ୍ଟ କରେ ।
- ଚା' ଶରୀରରେ କୋଲେଷ୍ଟ୍ରୋଲ ହାର କମ୍ କରେ ।
- ବ୍ଲାକ୍ ହେଉ ବା ଗ୍ରୀନ୍ ହେଉ, ଚା' ମହିଳାଙ୍କଠାରେ ଓଭାରିଆନ୍ କ୍ୟାନ୍‌ସରର ବିପଦ କମ୍ କରେ ।
- ମୁଖ ଦୁର୍ଗନ୍ଧ ଦୂର କରେ ।
- କମ୍ ମାତ୍ରାରେ କଫି ପିଇବା ଆଲ୍‌ଜାଇମର, ଲିଭର ସମସ୍ୟା, ପାର୍କିନ୍‌ସନ

ଏବଂ ଟାଇପ୍-୨ ଡାୟାବେଟିସ୍‌ର ବିପଦ କମ୍ କରେ ।

### କାଫିନ୍‌ର କ୍ଷତି

କାଫିନ୍ ଦ୍ୱାରା ଶରୀରର ଏନର୍ଜି ଲେଭୁଲ୍ ଉପରେ ଖରାପ ପ୍ରଭାବ ପଡେ । ପ୍ରଥମେ ଏହା ଶରୀର ଏବଂ ମସ୍ତିଷ୍କର ଆଭ୍ୟନ୍ତରୀଣ ଶକ୍ତି ବଢ଼ାଏ, କିନ୍ତୁ କିଛି ସମୟ ପରେ ଥକ୍କାପଣ ବଢ଼ାଇଦିଏ ।

ଅତ୍ୟଧିକ କାଫିନ୍ କୋଲେଷ୍ଟ୍ରୋଲ ସ୍ତର ବଢ଼ାଇଦିଏ । ଚାରି କପି ପିଇଲେ ଶରୀରରେ କୋଲେଷ୍ଟ୍ରୋଲ ସ୍ତର ୫ ପ୍ରତିଶତ ବଢ଼ିଯାଏ । ଅଧିକ କାଫିନ୍ ଅନ୍ତ୍ରାଶୟର ଭିତର ପାଖରେ ଏକ ପରସ୍ତ ଜମାକରିଦିଏ । ଯାହାଦ୍ୱାରା ପାଚନ ପ୍ରକ୍ରିୟା ଉପରେ ଖରାପ ପ୍ରଭାବ ପଡେ । ଅଧିକ ଚା' କଫି ପିଉଥିବା ଲୋକମାନେ କୋଷ୍ଠକାଠିନ୍ୟ ଏବଂ ମୁଣ୍ଡବିନ୍ଧାର ଶିକାର ହୁଅନ୍ତି ।

ଏହା ଶରୀରକୁ ଦୁର୍ବଳ କରି ରକ୍ତଚାପ ବଢ଼ାଇଦିଏ । ଅଧିକ ଚା' କଫି ଶରୀରରେ ଅମ୍ଳର ପରିମାଣ ବଢ଼ାଇବା ସହ ନିଦ୍ରାକୁ ଅନିୟନ୍ତ୍ରିତ କରିଦିଏ । ଏହା ଆମର ସ୍ନାୟୁ ପ୍ରଣାଳୀକୁ ଉତ୍ତେଜିତ କରିବା ଦ୍ୱାରା ନିଦ ହୁଏ ନାହ ଁ । ଅଧିକ କାଫିନ୍‌ର ଅଭ୍ୟାସ ମୁଣ୍ଡବିନ୍ଧା ସହ ଚିଡ଼୍‌ଚିଡ଼ାପଣ ସୃଷ୍ଟି କରେ ।

ତା'ହେଲେ ଚା' କଫିକୁ ଆମେ ସ୍ୱାସ୍ଥ୍ୟକାରକ ମାନିବା ନା କ୍ଷତିକାରକ? ଏ ସଂପର୍କରେ ଡାଇଟିସିଆନ୍‌ମାନେ କୁହନ୍ତି- ଦୁଗ୍ଧ ଯୁକ୍ତ ଚା' କଫି ବଦଳରେ ଆପଣ ବ୍ଲାକ୍ ବା ଗ୍ରୀନ୍ ଟି' ପିଇଲେ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହେବ । ଏହି ଦୁଇପ୍ରକାର ଚା' ଆପଣଙ୍କୁ ହୃଦାଘାତ, ଡାୟାବେଟିସ୍, ଫୁଡ୍ ପଏଜନିଂ ଓ ଷ୍ଟ୍ରୋକ୍ ପରି ବିପଜ୍ଜନକ ରୋଗରୁ ରକ୍ଷା କରିବ । ଲଣ୍ଡନରେ ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ବ୍ଲାକ୍ ଟି' ପିଇଲେ ଆପଣଙ୍କ ଦାନ୍ତ ଅଧିକ ଦିନ ସୁସ୍ଥ ରହିବ । ବ୍ଲାକ୍ ଟି' ଦାନ୍ତ ନଷ୍ଟ କରୁଥିବା ବ୍ଲାକ୍ଟେରିଆ ସହ ଲଢ଼ିପାରେ । ନେଦରଲାଣ୍ଡରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଚା' ପିଉଥିବା ଲୋକଙ୍କଠାରୁ ନପିଉଥିବା ଲୋକଙ୍କର ହୃଦାଘାତ ସମସ୍ୟା ୪୫ ପ୍ରତିଶତ କମ୍ ।





### ଆସିଲାଣି କଫି ସ୍ପ୍ରେ

ଯଦି ଆପଣ କଫିର ଭକ୍ତ, ସମୟ ଅସମୟରେ ଆପଣଙ୍କୁ କଫି ପିଇବାକୁ ଇଚ୍ଛାହୁଏ ତା'ହେଲେ ଆପଣଙ୍କ ପାଇଁ ଖୁସି ଖବର । ହ । ଭ ́ । ଡ ୟୁନିଭର୍ସିଟର ବୈଜ୍ଞାନିକମାନେ କଫି ସ୍ପ୍ରେ ପ୍ରସ୍ତୁତ କରିବାରେ ସଫଳ ହୋଇଛନ୍ତି । ଖୁବ୍‌ଶୀଘ୍ର ଏହା ବଜାରକୁ ଆସିବ । ଏହା ସ୍ପ୍ରେରେ ପାଣି, କାଫିନ୍ ଓ ଆମିନୋ ଏସିଡ୍‌ର ମିଶ୍ରଣ ରହିବ । ଯାହାକୁ ଶରୀର ଖୁବ୍‌ଶୀଘ୍ର ଗ୍ରହଣ କରିପାରିବ । ନାକ ଏବଂ ହାତ ପାପୁଲିରେ ଏହାକୁ ସ୍ପ୍ରେ କରିବା ଦ୍ୱାରା ଆପଣଙ୍କୁ ଛୋଟ କପ୍ କଫି ସମାନ କାଫିନ୍ ମିଳିବ ।

### ଚା'ର ଇତିହାସ ୫ ହଜାର ବର୍ଷ ପୁରୁଣା

ସାରା ଦୁନିଆରେ ପାଣି ପରେ ଲୋକମାନେ ସବୁଠାରୁ ଅଧିକ ପାନ କରୁଥିବା ପାନୀୟ ଚା' । ଚା'ର ଇତିହାସ ୨୭୩୭ ଖ୍ରୀଷ୍ଟପୂର୍ବ ଠାରୁ ପୁରୁଣା । ଚା' ସବୁଠାରୁ ପ୍ରଥମେ ଆରମ୍ଭ ହୋଇଥିଲା ଚୀନ୍‌ରେ । କୃଷିର ପିତା କୁହାଯାଉଥିବା ଚୀନ୍‌ର ଦ୍ୱିତୀୟ ସମ୍ରାଟ୍ ଶେନ ନୁଙ୍ଗ ହିଁ ପ୍ରଥମେ ଚା'କୁ ଖୋଜି ବାହାର କରିଥିଲେ । ଚାଇନିଜ୍ ହର୍ବାଲ ମେଡିସିନ୍ ଖୋଜିବାରେ ତାଙ୍କର ଅସାଧାରଣ ଦକ୍ଷତା ଥିଲା । ଏହି ଅଭିଯାନ ସମୟରେ ଅଚାନକ ଚା' ମିଳିଗଲା । ଦିନେ ସେ ବଗିଚାରେ ବସିଥିବାବେଳେ କିଛି ଶୁଖିଲା ପତ୍ର ଉଡିଆସି ତାଙ୍କ ଗରମ ପାଣି ଗ୍ଲାସରେ ପଡିଗଲା । ପତ୍ରଟି ଗରମ ପାଣିରେ ପଡିବାର କିଛି ସମୟ ମଧ୍ୟରେ ଏକ ସୁନ୍ଦର ମହକ ସୃଷ୍ଟି ହେଲା । ଶେନ ନୁଙ୍ଗ ଏହି ପାଣିକୁ ପାଖକୁ ନେଇ ଶୁଙ୍ଘିଲେ ଆଉ ସ୍ୱାଦ ଚାଖିଲେ । ଚା' ଅସ୍ତିତ୍ୱ ଆସିଗଲା । ବାସ୍ ଏଇଠୁ ମିଳିଗଲା ଆମ ସମସ୍ତଙ୍କ ପ୍ରିୟ ପାନୀୟ ଚା' ।

ଭାରତ ସାରା ବିଶ୍ୱରେ କଳା ଚା'ର ସବୁଠାରୁ ବଡ଼ ଉତ୍ପାଦକ ଦେଶ ।



ସମୁଦାୟ ଉତ୍ପାଦନର ୮୩ ପ୍ରତିଶତ ଚା' ଦେଶ ମଧ୍ୟରେ ହିଁ ଖର୍ଚ୍ଚ ହୋଇଯାଏ । ଦେଶର ଚା' ଉତ୍ପାଦନ ମୁଖ୍ୟତଃ ଆସାମ, ପଶ୍ଚିମବଙ୍ଗ, ଦାର୍ଜିଲିଂ ଓ ନୀଳଗିରିରେ ପ୍ରମୁଖ ଭାବରେ କରାଯାଏ । ଏହା ବ୍ୟତୀତ ତାମିଲନାଡୁ ଓ କର୍ଣ୍ଣାଟକରେ ମଧ୍ୟ ଚା' ଉତ୍ପାଦନ କରାଯାଏ ।

୨୦୧୧ ମସିହାରେ ଭାରତରୁ ୧୯୩.୩ ମିଲିୟନ କେଜି ଚା' ରପ୍ତାନି ହୋଇଥିଲା । ଏହାର ସମୁଦାୟ ମୂଲ୍ୟ ଥିଲା ୨୫୯୫ କୋଟି ଟଙ୍କା । ୨୦୧୦ ମସିହାରେ ଏହା ୧୯୮୬ କୋଟିକୁ ହ୍ରାସ ପାଇଥିଲା । ଚା' ଉତ୍ପାଦକମାନଙ୍କ ଆଶା ୨୦୧୨ରେ ଏହି ସ୍ଥିତିରେ ପରିବର୍ତ୍ତନ ଘଟିବ ।



### ପାକ୍‌ରେ ପ୍ରିୟ ଭାରତୀୟ ଚା'

ଭାରତର ଚା'କୁ ପଡୋଶୀ ଦେଶ ପାକିସ୍ତାନର ଲୋକମାନେ ଅଧିକ ପସନ୍ଦ କରନ୍ତି । ତେଣୁ ଦିନକୁ ଦିନ ପାକ୍‌କୁ ଚା' ରପ୍ତାନି ବୃଦ୍ଧି ପାଇଛି । ୨୦୧୧ ମସିହାରେ ଏଠାକୁ ୨୪ ପ୍ରତିଶତ ଚା' ରପ୍ତାନି ହୋଇଥିବା ବେଳେ ଚଳିତ ବର୍ଷ ଏହି ପରିମାଣ ୫୦ ପ୍ରତିଶତକୁ ବୃଦ୍ଧି ପାଇବ । ଏଥିନେଇ ଭାରତୀୟ ଓ ପାକିସ୍ତାନୀ ଚା' ଆସୋସିଏସନ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷର ହୋଇଯାଇଛି । ବୁଝାମଣା ଅନୁଯାୟୀ ଭାରତରୁ ଚା' ରପ୍ତାନି ଏମିତି ଭାବରେ ଜାରି ରହିଲେ ୨୦୧୫ ମସିହା ବେଳକୁ ପାକିସ୍ତାନ ଭାରତରୁ ଚା' ଆମଦାନୀ କରୁଥିବା ଦ୍ୱିତୀୟ ବୃହତ୍ତମ ଦେଶ ହେବ ।

ଭାରତରେ ଦୁଇ ଟଙ୍କାରେ ବି ଚା' କପେ ମିଳିଯାଏ । ସ୍ୱାଦ ଓ ମହକ ଅନୁଯାୟୀ ସାଧାରଣ ଦାର୍ଜିଲିଂ ଚା'ର ଦାମ କିଲୋଗ୍ରାମ ପିଛା ୧୬୦୦ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ । ମାତ୍ର ଦୁନିଆର ସବୁଠାରୁ ଦାମୀ ଚା' ହେଉଛି ଚୀନ୍‌ର 'ଦା ହୋଙ୍ଗ ପାଓ' । ଏହି ଚା'ର ପ୍ରତି ୨୦ ଗ୍ରାମ ପ୍ୟାକେଟ୍‌ର ଦାମ ୧.୨୦ ମିଲିୟନ ଟଙ୍କା । ଏହାର ବିଶେଷତ୍ୱ ହେଉଛି ଏହି ଚା' ୩୫୦ ବର୍ଷ ପୁରୁଣା ଗଛରୁ ହିଁ ସଂଗ୍ରହ କରାଯାଏ । ଏହି ଗଛକୁ ୧୯୯୮, ୨୦୦୨ ଓ ୨୦୦୪ରେ ନିଲାମ ପାଇଁ ମଧ୍ୟ ରଖାଯାଇଥିଲା ।

### କାହିଁକି ପିଇବେ ଚା'

- ମେଦ କମ୍ କରେ ।
- ଶରୀରରେ ଜଳୀୟ ଅଂଶର ପରିମାଣ ସନ୍ତୁଳିତ ରଖେ ।
- ଏଥିରେ ଆଣ୍ଟି ଅକ୍ସିଡେଣ୍ଟ ପ୍ରଚୁର ପରିମାଣରେ ଥାଏ ।
- ହାଡ ଦୁର୍ବଳ ଓ ଭଙ୍ଗୁର ହେବାରୁ ରକ୍ଷା କରେ ।
- ମାନସିକ ଚାପ କମ୍ କରି ମସ୍ତିଷ୍କ କ୍ଷମତା ବଢାଏ ।
- ଏହା କ୍ୟାଲୋରୀ ମୁକ୍ତ ।
- ପାଚନକ୍ରିୟା ତ୍ୱରାନ୍ୱିତ କରେ ।
- ହୃଦାଘାତ ଓ ହୃଦରୋଗର ଆଶଙ୍କା କମ୍ କରେ ।
- ଆଲ୍‌କୋହଲ ଯୋଗୁଁ ଲିଭର ଉପରେ ପଡୁଥିବା କୁପ୍ରଭାବ କମ୍ କରିଦିଏ ।
- ଏଥିରେ ଥିବା ଭିଟାମିନ୍ 'ଇ', ବୟସ୍କ ହେବାର ପ୍ରକ୍ରିୟାକୁ ମନ୍ଥର କରେ ।

# ଶୀତରେ ଦାନ୍ତର ଯତ୍ନ



ଆମ ମୁଖଗହ୍ୱର ଆମ ଶରୀରର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହା ଆମର ଖାଦ୍ୟନଳୀର ପ୍ରଥମ ବିସ୍ତାରିତ ଅଂଶ । ତେଣୁ ମୁଖଗହ୍ୱର ମଧ୍ୟ ଋତୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହୁଏ । ଏବେ ଚାରିଆଡ଼େ ଶୀତର ଲହରି । ତେଣୁ ଆମେମାନେ ଏଠାରେ ଶୀତ ଦିନରେ ହେଉଥିବା ଦାନ୍ତ ଏବଂ ମାଢ଼ିର ସମସ୍ୟା ବିଷୟରେ ଜାଣିବା ଏବଂ ଏସବୁ ଅସୁବିଧା ହେବା ଆଗରୁ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ।

**ଶୀ**ତଦିନେ ଲୋକମାନେ ବାହାରକୁ ବେଶୀ ବାହାରିବାକୁ ଭଲ ପାଆନ୍ତି ନାହିଁ । ଯେତେବେଳେ ବାହାରକୁ ବାହାରନ୍ତି ଭଲଭାବରେ ଘୋଡ଼ି ହୋଇ ବାହାରନ୍ତି ତେଣୁ ଶରୀରକୁ ବାହାରର ମୁକ୍ତ ପବନ ଏବଂ ସୂର୍ଯ୍ୟରଶ୍ମି ମିଳେ ନାହିଁ । ଏହାଛଡ଼ା ଶୀତଦିନରେ ସୂର୍ଯ୍ୟକିରଣ ତେରେଛା ହୋଇଥିବାରୁ କାଟେ ନାହିଁ । ସୂର୍ଯ୍ୟକିରଣ ଆମ ଚର୍ମ ଉପରେ ପଡ଼ି ପ୍ରଚୁର ପରିମାଣରେ ଭିଟାମିନ ଡି ତିଆରି କରେ । କ୍ୟାଲସିୟମ ସହିତ ମିଶି ଭିଟାମିନ-ଡି, ଆମ ଶରୀରର ପ୍ରାୟ ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗକୁ କାର୍ଯ୍ୟକ୍ଷମ ହେବାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଆମର ଦାନ୍ତ ଏବଂ ହାଡ଼କୁ ଶକ୍ତ କରେ । ଏହା ମଧ୍ୟ ଦେଖାଯାଇଛି ଯେ ଭିଟାମିନ-ଡି' ଆମ ଶରୀରରେ ରୋଗ ପ୍ରତିରୋଧଶକ୍ତି ବଢ଼ାଇବାରେ ସାହାଯ୍ୟ କରେ । ଶୀତଦିନରେ ଆମ ଶରୀରରେ ଭିଟାମିନ-ଡ଼ିର ମାତ୍ରା କମିଯାଏ । ତେଣୁ ଆମର ରୋଗ ପ୍ରତିରୋଧକ ଶକ୍ତି କମିଯାଏ । ଆମ ଶରୀର ବିଭିନ୍ନ ପ୍ରକାର ଜୀବାଣୁ ଏବଂ ଭୂତାଣୁ ଜନିତ ରୋଗରେ ଆକ୍ରାନ୍ତ ହୁଏ ।

ପାୟାରିଆ ଆମ ଦାନ୍ତର ମାଢ଼ିରେ ହେଉଥିବା ଏକ ଜୀବାଣୁ ଜନୀତ ରୋଗ । ଏହି ରୋଗରେ ଦାନ୍ତ ମାଢ଼ି ଏବଂ ଦାନ୍ତ ଫାଙ୍କରେ ଜମା ହୋଇ ରହିଥିବା ଜୀବାଣୁ ବିଷାକ୍ତ ଦ୍ରବ୍ୟ ନିର୍ଗତ କରି ମାଢ଼ି ଏବଂ ମାଢ଼ିର ହାଡ଼କୁ ନଷ୍ଟ କରିଦିଅନ୍ତି । ଏହି ରୋଗରେ ଆମ ମାଢ଼ିରୁ ରକ୍ତ ପଡ଼େ । ମାଢ଼ି ଫୁଲେ ମାଢ଼ିରୁ ପୂଜ ବାହାରେ, ଦାନ୍ତ ହଲେ ଏବଂ ପାଟିଗନ୍ଧ ହୁଏ ।

ଶୀତଦିନେ ପାୟାରିଆ ରୋଗର ଲକ୍ଷଣ ଗୁଡ଼ିକ ବଢ଼ିଯାଏ । ଆମ ଶରୀର ପ୍ରତିରକ୍ଷା ଶକ୍ତି କମି ଯାଉଥିବାରୁ ଜୀବାଣୁମାନେ ବାହାର କରୁଥିବା ବିଷାକ୍ତ ଦ୍ରବ୍ୟ ମାଢ଼ିକୁ ବେଶୀ କ୍ଷତି ପହଞ୍ଚାନ୍ତି । ଏହାଛଡ଼ା ଗବେଷଣା ଦ୍ୱାରା ଏହା ମଧ୍ୟ ଦେଖାଯାଇଛି ଯେ ଭିଟାମିନ-ଡି'ର ଅଭାବରେ ଏହି ବିଷାକ୍ତ ଦ୍ରବ୍ୟ ମାଢ଼ିର ହାଡ଼କୁ ବେଶୀ ମାତ୍ରାରେ ନଷ୍ଟ କରନ୍ତି । ଶୁଖିଲାପାଟି ଏବଂ ପାଣି ବ୍ୟବହାର କରିବାର ଅନିଚ୍ଛା ଯୋଗୁ ମଧ୍ୟ ଦାନ୍ତ ସନ୍ଧିରେ ଖାଦ୍ୟପଦାର୍ଥ ଲାଖିରହି ପାୟାରିଆ ରୋଗ ବଢ଼ିବାରେ ସାହାଯ୍ୟ କରେ । ପାୟାରିଆ ରୋଗର ଚିକିତ୍ସା ପାଇଁ ଦାନ୍ତ ଡାକ୍ତରଙ୍କ ପରାମର୍ଶ କରି ଦାନ୍ତ ସଫା କରାଇବାକୁ ହୁଏ । ଏବେ ଅତ୍ୟାଧୁନିକ ଅସ୍ତ୍ରୋପଚାର କରି କ୍ଷୟ ହୋଇଥିବା ମାଢ଼ିକୁ ପୁନର୍ଗଠନ କରାଯାଇ ପାରୁଛି । ପାନ ଏବଂ ଅନ୍ୟାନ୍ୟ ତମାଖୁ ଜାତୀୟ ପଦାର୍ଥର ସେବନ ବନ୍ଦ କରନ୍ତୁ । ଦିନକୁ ୨ଥର ଭଲ ଭାବରେ ଦାନ୍ତ ଘଷନ୍ତୁ । ଦିନକୁ ଅତ୍ୟନ୍ତ ଥରେ ଫ୍ଲସ କରନ୍ତୁ । ନିୟମିତ ବ୍ୟାୟାମ କରନ୍ତୁ । ଖରାରେ କିଛି ସମୟ ବାହାରେ ବୁଲନ୍ତୁ । ଲେମ୍ବୁ, ଅଁଳା, କମଳା, ଶାଗ ଇତ୍ୟାଦି ଭିଟାମିନ-ସି ଯୁକ୍ତ ଖାଦ୍ୟ ମାଢ଼ି ପାଇଁ ଅତ୍ୟନ୍ତ ଭଲ । ଡାକ୍ତରଙ୍କୁ ପରାମର୍ଶ କରି ଡାଇବେଟିସ୍ ପାଇଁ ରକ୍ତ ପରୀକ୍ଷା କରାନ୍ତୁ ଏବଂ କ୍ୟାଲସିୟମ ଏବଂ ଭିଟାମିନ୍-ଡି' ଯୁକ୍ତ ବଟିକା ବ୍ୟବହାର କରନ୍ତୁ ।



ଦାନ୍ତ ପୋକକଟା ବା ଡେଣ୍ଟାଲ କ୍ୟାରିଜ୍ ଏକ ଜୀବାଣୁ ଜନୀତ ରୋଗ । ଦାନ୍ତ ଉପରେ ଜୀବାଣୁ ସ୍ତର ମିଠା ଜାତୀୟ ଖାଦ୍ୟରୁ ଏସିଡ୍ ପ୍ରସ୍ତୁତ କରନ୍ତି । ଏହି ଏସିଡ୍ ଦାନ୍ତକୁ କଳା ପକାଇ କଣା କରିଦିଏ । ଜୀବାଣୁ ଏହି କଣା ଦେଇ ଦାନ୍ତ ରସ ମଝିକୁ ଚାଲିଯାଆନ୍ତି । ଫଳରେ ଦାନ୍ତ ବିନ୍ଧା ହୁଏ । ଏହି ରୋଗରେ ପ୍ରଥମେ ଦାନ୍ତ ଉପରେ କଳା ଦାଗ ହୁଏ । ଏହି ଦାଗ ଧୀରେ ଧୀରେ ବଢ଼ି ଦାନ୍ତ କଣା ହୁଏ ଏବଂ ଥଣ୍ଡାପାଣି ଗରମ ପାଣିରେ ବିନ୍ଧେ । ଧୀରେ ଧୀରେ ଦାନ୍ତ ମୂଳରେ ପୂଜ ହୁଏ । ସର୍ଭେରୁ ଦେଖାଯାଇଛି ଯେ ଶୀତଦିନରେ ଦାନ୍ତ ବିନ୍ଧା ଏବଂ ପୂଜ ହେବା ବଢ଼ିଯାଏ । ଏହାର ମୁଖ୍ୟ କାରଣ ହେଉଛି ଶୀତଦିନରେ ଆମେ ପାଣି କମ୍ ପିଉ ଏବଂ ମାଢ଼ି ଧୋଇବାକୁ ଭଲ ପାଉନାହିଁ ଦାନ୍ତ ମୂଳରେ ଖାଦ୍ୟ କଣିକା ଲାଗି ରହେ । ଏଥିପାଇଁ ଦାନ୍ତ ଡାକ୍ତରଙ୍କ ପରାମର୍ଶ କରି ଉପଯୁକ୍ତ ଚିକିତ୍ସା କରାଇ ନିଅନ୍ତୁ । ମନକୁ ମନ ଔଷଧ ଦୋକାନୀକୁ ପଚାରି ଔଷଧ ବ୍ୟବହାର କରିବା ଶରୀର ପାଇଁ କ୍ଷତିକାରକ । ଏହାର ନିରାକରଣ ହେଉଛି ମିଠା ଜାତୀୟ ଖାଦ୍ୟର ମାତ୍ରା କମାଇ ଦିଅନ୍ତୁ । ଖାଦ୍ୟ ଖାଇସାରି ପରିଷ୍କାର ଭାବରେ ବ୍ରସ୍ କରନ୍ତୁ । ଦିନକୁ ଅତ୍ୟନ୍ତ ୨ଥର ଫ୍ଲୋରାଇଡ୍ ଯୁକ୍ତ ପେଷ୍ଟରେ ଦାନ୍ତ ଘଷନ୍ତୁ । ଶୀତଦିନରେ ଓଠ ଫାଟିବା ଏବଂ ସାଧାରଣ ସମସ୍ୟା ଏହାର କାରଣ ଶୀତଦିନର ଶୁଷ୍କ ବାୟୁ ।

**ଚିକିତ୍ସା ଏବଂ ନିରାକରଣ** : ଓଠରେ ତୈଳଜାତୀୟ ପଦାର୍ଥ (ଗୁଆଘିଅ କିମ୍ବା ଭେସେଲିନ୍) ଇତ୍ୟାଦି ବାରମ୍ବାର ଲଗାନ୍ତୁ । ପ୍ରଚୁର ପାଣି ପିଅନ୍ତୁ । ସୁଗାର ଫ୍ରି ଚୁଇଙ୍ଗମ ବ୍ୟବହାର କରନ୍ତୁ ।

**ଜରସଣ୍ଢା** : (ହରପିସ୍) ଏହା ଏକ ଭୂତାଣୁ ଜନୀତ ରୋଗ । ଏହା ବିଶେଷ ଭାବରେ ଥଣ୍ଡା ଜ୍ୱର ହେବାପରେ ହୋଇଥାଏ । ଏହା ଓଠରେ ଗୋଟିଏ କୋଣରେ ଦେଖାଦିଏ । ପ୍ରଥମେ ଏହି ସ୍ଥାନଟି ବଧିରା ହେବାପରି ଲାଗେ । ଧୀରେ ଧୀରେ ଛୋଟ ଛୋଟ ଫୋଟକା ଉଠେ ଏବଂ ବିନ୍ଧା ହୁଏ । ଦିନେ ଦୁଇଦିନ ପରେ ଫୋଟକାଗୁଡ଼ିକ ଫୁଟି ସେଥିରୁ ପାଣି ବାହାରେ ଏବଂ ଏଗୁଡ଼ିକ ଶୁଖି ଖୋଳପା ବାହାରେ । ଜରସଣ୍ଢା ପାଟି ଭିତରେ ଯଥା ତାଳୁ ଏବଂ ମାଢ଼ିରେ ମଧ୍ୟ ଦେଖାଯାଏ । ଏହାର ପ୍ରଭାବରେ ପାଟି ଭିତର ଛିଡ଼ିଯାଏ ଏବଂ ପୋଡ଼ାଜଳା ହୁଏ, ଖାଇବା ପିଇବାରେ ମଧ୍ୟ କଷ୍ଟ ହୁଏ । ଶୀତଦିନେ ଆମ ଦେହର ପ୍ରତିରକ୍ଷା ଶକ୍ତି କମିଯାଉଥିବାରୁ ଏହି ଭୂତାଣୁ ଜନୀତ ରୋଗ ବେଶୀ ମାତ୍ରାରେ ଦେଖାଯାଏ । ଏହାଛଡ଼ା ଲୋକମାନେ ବାହାରକୁ ନଯାଇ ବେଶୀସମୟ ଘର ଭିତରେ କବାଟ ଝରକା ବନ୍ଦ କରି ରହୁଥିବାର, ବାୟୁବାହିତ ରୋଗ ଗୁଡ଼ିକ ଜଲଦି ଜଲଦି ବ୍ୟାପିଥାଏ । ଏହାମଧ୍ୟ ଦେଖାଯାଇଛି ଯେ ଶୁଷ୍କ ଥଣ୍ଡାବାୟୁରେ ଜୀବାଣୁ ଗୁଡ଼ିକ ବହୁତ ସମୟ ରହି ପାରନ୍ତି ଏବଂ ବହୁତ ଜଲଦି ବଂଶ ବିସ୍ତାର କରନ୍ତି । ଏହି ରୋଗ ଆପଣା ଛାଏଁ ୭-୧୦ ଦିନ ଭିତରେ ଭଲ ହୋଇଯାଏ । ଆବଶ୍ୟକତା ପଡ଼ିଲେ ଶୀତ ଦିନେ ବେଶୀ ସମୟ ଘର ଭିତରେ ନରହି ଖୋଲା ଆକାଶ ଏବଂ ସୂର୍ଯ୍ୟକିରଣରେ କିଛି ସମୟ ବିତାନ୍ତୁ । କବାଟ ଝରକା ଖୋଲା ରଖି ଘର ଭିତରକୁ ପବନ ଚଳାଚଳ ହେବାକୁ ଦିଅନ୍ତୁ । ଥଣ୍ଡାଜର ହୋଇଥିବା ବ୍ୟକ୍ତିଙ୍କ ଠାରୁ ଯଥା ସମ୍ଭବ ଦୂରରେ ରହିବାକୁ ଚେଷ୍ଟା କରନ୍ତୁ । କାଶିବା ବା ଛିଙ୍କିବା ବେଳେ ମୁହଁରେ ରୁମାଲ ଦିଅନ୍ତୁ । ହାତକୁ ପରିଷ୍କାର ଭାବରେ ଧୋଇ ଖାଦ୍ୟ ଖାଆନ୍ତୁ । ଜରସଣ୍ଢା ହୋଇଥିବା ବ୍ୟକ୍ତିର ଅଇଁଠା କାହାକୁ ଖାଇବାକୁ ଦିଅନ୍ତୁ ନାହିଁ । ନିୟମିତ ବ୍ୟାୟାମ କରନ୍ତୁ । ଆମେମାନେ ସାଧାରଣତଃ ଋତୁକୁ ଆମ ଦେହଖରାପ ପାଇଁ ଦୋଷ ଦେଉ । ନିଜ ଚାଲିଚଳନ ପ୍ରତି ଦୃଷ୍ଟି ଦେଉନା । ଆମେ ଆଲୋଚନା କରିଥିବା ପ୍ରାୟ ସମସ୍ତ ରୋଗର କାରଣ ଗୁଡ଼ିକୁ ତର୍ଜମା କଲେ ଦେଖାଯାଏ ଯେ ରୋଗଗୁଡ଼ିକ ଆରମ୍ଭ ହେବାର ମୁଖ୍ୟକାରଣ ହେଉଛି ଆମର ଚାଲିଚଳନ ଯାହାକି ଋତୁ ଅନୁସାରେ ବଦଳି ଥାଏ । ତେଣୁ ଆମେ ଉପରୋକ୍ତ ସମସ୍ତ ରୋଗର କାରଣ, ଚିକିତ୍ସା ଏବଂ ନିରାକରଣକୁ ଅନୁଧ୍ୟାନ କରି ଆମ ଚାଲିଚଳନରେ ପରିବର୍ତ୍ତନ ଆଣିପାରିଲେ ପ୍ରକୃତିରାଣୀର ପ୍ରଦତ୍ତ ଏହି ସୁନ୍ଦର ଋତୁଟିକୁ ମନଭରି ଉପଭୋଗ କରିପାରିବା ।



# ଜୀବନ ସହଜ କରନ୍ତୁ ଶୀତରେ

**ସା**ଧାରଣତଃ ଘରେ ସିଲିଣ୍ଡର ଆକାରର ସାଧାରଣ ଗୀଜର ବ୍ୟବହାର କରାଯାଏ । ଏହା ୧୦ ଲି, ୧୫ ଲି ଏବଂ ୨୫ ଲିଟର ଆକାରରେ ଆସେ । ୨୫ ଲିଟର ଗୀଜର ଅଧିକ ପରିମାଣରେ ବ୍ୟବହୃତ ହୁଏ । ଏହା ୮ ହଜାର ୫ ଶହ ଟଙ୍କାରୁ ୬ ହଜାର ୫୦୦ ଟଙ୍କା ମଧ୍ୟରେ ମିଳିଯାଏ । ୧୫ ଲିଟର ଗୀଜରର ଦାମ୍ ୫୦୦ରୁ ହଜାରେ ଟଙ୍କା କମ୍ ହୋଇପାରେ ।



**ଇନଷ୍ଟାଣ୍ଟ ହଟ୍:** ବଜାରରେ ଇନଷ୍ଟାଣ୍ଟ ଗୀଜର ମଧ୍ୟ ଉପଲବ୍ଧ ହୁଏ । ଏହି ଗୀଜର ରୋଷେଇଘରେ ଅଧିକ ବ୍ୟବହାର ହୁଏ । ଗରମ ପାଣି ଷ୍ଟୋର କରିବା ପାଇଁ ଏହା ମୁଖ୍ୟତଃ ବ୍ୟବହାର ହୁଏ । ଏଥିରେ ପାଣି ଅଧିକ ସମୟ ପର୍ଯ୍ୟନ୍ତ ଗରମ ରୁହେ । ଏହା ୧ ଲିଟରରୁ ୬ ଲିଟର କ୍ଷମତା ପର୍ଯ୍ୟନ୍ତ ଥାଏ । ଅଢେଇ ହଜାରରୁ ସାଢେ ୫ ହଜାର ଟଙ୍କାରେ ଏହା ଉପଲବ୍ଧ ହୁଏ ।

**କୋଠରିରେ ଉଷ୍ଣତା:** କୋଠରିକୁ ଉଷ୍ମ ରଖିବା ପାଇଁ ଅନେକ ପ୍ରକାରର ହାଲୋଜେନ୍ ହିଟର, ଅଏଲ ହିଟର ଓ ହିଟ୍ କନଭେକ୍ଟର ମିଳେ । ଘରମାନଙ୍କରେ ହିଟ୍ କନଭେକ୍ଟର ସବୁଠାରୁ ଅଧିକ ବ୍ୟବହାର ହୁଏ । ବଜାଜ୍ ହିଟ୍ କନଭେକ୍ଟରର ମେଟାଲ ବଡି ୧୮୦୦ ଟଙ୍କାରେ ଓ ପ୍ଲାଷ୍ଟିକ ବଡି ୨୫୦୦ ଟଙ୍କାରେ ମିଳିପାରେ । ଉଷାର ହିଟ୍ କନଭେକ୍ଟର ୨୦୦୦ ଟଙ୍କା ରେଞ୍ଜରୁ ଆରମ୍ଭ ହୁଏ । ହାଲୋଜେନ ହିଟର ୨ରୁ ଅଢେଇ ହଜାର ଟଙ୍କା ମଧ୍ୟରେ ମିଳିପାରେ । ଗ୍ରାଇଫନ୍‌ର ହାଲୋଜେନ ହିଟର ୪ ହଜାର ଟଙ୍କା, ପୋଲାର ଓ ମର୍ଫିର ହାଲୋଜେନ ହିଟର ଦୁଇ ହଜାର ଟଙ୍କାରେ ମିଳେ । ଏହା ବ୍ୟତୀତ କୋଠରିରେ ଉଷ୍ଣତା ପାଇଁ ଅଏଲ ହିଟର ମଧ୍ୟ ଏକ ଭଲ ବିକଳ୍ପ । ଅଏଲ ହିଟର ଲଗାଇବା ମାତ୍ରେ ଗରମ ହୋଇଯାଏ ନାହିଁ କୋଠରୀ । ପ୍ରାୟ ଅଧଘଣ୍ଟା ସମୟ ଲାଗିଯାଏ ଏଥିପାଇଁ । ମାତ୍ର ଏହାର ଉଷ୍ମତା ତ୍ୱଚାକୁ ଶୁଷ୍କ କରିଦିଏ ନାହିଁ । ୧ କିଲୋୱାଟ ଓ ୨ କିଲୋୱାଟ କ୍ଷମତାରେ ମିଳେ ଏହା । ୨ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ଥାଏ ଏଥିରେ । ବଜାଜ୍ ଅଏଲ ହିଟର ୬୫୦୦ରୁ ୭୫୦, ଉଷାର ଅଏଲ ହିଟର ୭୦୦୦ ରେଞ୍ଜରେ ମିଳିପାରେ ।



**ସୋଲାର ପାୱାର ହିଟର :** ଏବେ ଔଦ୍ୟୋଗିକ ଓ ବ୍ୟବସାୟିକ କ୍ଷେତ୍ର ସହ ଘରଗୁଡ଼ିକରେ ମଧ୍ୟ ସୋଲାର ହିଟର ଖୁବ୍ ବ୍ୟବହାର କରାଯାଉଛି । ତଥାପି ସୌରଶକ୍ତି ବ୍ୟବହାର କରିବା ମାମଲାରେ ଆମ ଦେଶ ଚୀନ୍ ଓ ଅନ୍ୟ କେତେକ ଦେଶଠାରୁ ଢେର ପଛରେ ଅଛି । ସୋଲାର ୱାଟର ହିଟରରେ ଇନସୁଲେଟେଡ ଷ୍ଟୋରେଜ ଟ୍ୟାଙ୍କ ଓ ଇନ୍‌ସୁଲେଟେଡ ପାଇପିଙ୍ଗ ଲାଗିଥାଏ । ଗରମ ପାଣି ଏହି ଟ୍ୟାଙ୍କରେ ଜମା ହୋଇଯାଏ, ଏହାକୁ ଆପଣ ସୁବିଧା ଅନୁଯାୟୀ ୨୪ ଘଣ୍ଟା ପର୍ଯ୍ୟନ୍ତ ବ୍ୟବହାର କରିପାରିବେ । ଏହା ୧୦୦ ଲିଟରରୁ ୧୦ ହଜାର ଲିଟର କ୍ଷମତାରେ ମିଳେ ।

ଘରୋଇ ବ୍ୟବହାର ପାଇଁ ୧୦୦ ଲିଟର କ୍ଷମତା ବିଶିଷ୍ଟ ସୋଲାର ୱାଟର ହିଟର ୧୫ ହଜାରରୁ ୨୭ ହଜାର ଟଙ୍କା ମଧ୍ୟରେ ମିଳିଥାଏ । ସାଧାରଣତଃ ୫-୬ ବର୍ଷ ପର୍ଯ୍ୟନ୍ତ ଏଥିରେ କୌଣସି ସମସ୍ୟା ଆସେ ନାହିଁ ।

**ସୋଲାର ରୁମ୍ ହିଟର :** ସୋଲାର ରୁମ୍ ହିଟରକୁ ସୋଲାର ଡ୍ରାୟର ମଧ୍ୟ କୁହାଯାଏ । ୧୦/୧୦ କୋଠରି ପାଇଁ ସୋଲାର ରୁମ୍ ହିଟର ୧୩ ହଜାରରୁ ଅଧିକ ମୂଲ୍ୟ ପଡେ । ଏହା ରେଡିଏସନ ଏନର୍ଜିରେ ଚାଲୁଥିବାରୁ ଖୁବ୍ ଥଣ୍ଡାରେ ମଧ୍ୟ ଏହା ଭଲ କାମ କରେ । ଖରା ନଆସିବା ପର୍ଯ୍ୟନ୍ତ ଏହି ଉଷ୍ମତା ନଷ୍ଟ ମଧ୍ୟ ହୁଏ ନାହିଁ ।



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୮ ନଭେମ୍ବର ୨୦୨୫ । ଶୁକ୍ରବାର


## ବିଜେଡିର ଜନସମ୍ପର୍କ ପଦଯାତ୍ରା

**କେନ୍ଦ୍ରାପଡା,୨୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବିଜୁ ଜନତା ପକ୍ଷରୁ କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା ଗରାପୁର ଆଇବି ଛକରୁ ବାହାରି କେନ୍ଦ୍ରାପଡ଼ା ବ୍ଲକ୍ ନିକଟସ୍ଥ ଗିରିସ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଗରାପୁରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ କେନ୍ଦ୍ରାପଡା ନୂଆ ବସଷ୍ଟାଣ୍ଡଠାରେ ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳଙ୍କ ଅଧ୍ୟକ୍ଷତାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ସମବେତ ପ୍ରତିନିଧି ଓ କର୍ମୀମାନଙ୍କୁ ଆହ୍ୱାନ ଦେଇ କହିଲେ ବିଜୁ ଜନତା ଦଳର ଲୋକସମ୍ପର୍କକୁ ପୁନଃସ୍ଥାପନ କର ଓ ଦଳର ଶକ୍ତି ପ୍ରଦର୍ଶନରେ ଜଣେ ଜଣେ ସୈନିକ ଭାବେ କାର୍ଯ୍ୟକର। କେନ୍ଦ୍ରାପଡାବାସୀଙ୍କ ସେବା ଓ ସ୍ୱାଭିମାନ ପାଇଁ ବିଜୁ ଜନତା ଦଳ ପ୍ରତିଜ୍ଞାବଦ୍ଧ। ସେସବୁ ସମୟରେ ଲୋକଙ୍କ ସହ ରହିଛନ୍ତି ଓ ଆଗକୁ ମଧ୍ୟ ରହିବେ ବୋଲି ଘୋଷଣା କରିଥିଲେ। ଦଳକୁ ଅଧିକ ମଜଭୁତ କରିବା ପାଇଁ ଶ୍ରୀ ବେହେରା ବିଜୁ ପରିବାରର ସମସ୍ତ ସଦସ୍ୟଙ୍କୁ ଆହ୍ୱାନ ଦେଇଥିଲେ। ଏହି ଜନସଂପର୍କ ଯାତ୍ରାରେ କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ୨୭ଟି ପଞ୍ଚାୟତ, ପଟ୍ଟାମୁଣ୍ଡାଇର ୧୨ପଞ୍ଚାୟତ ଓ ପୌରାଞ୍ଚଳର ୨୧ଗୋଟି ୱାର୍ଡରୁ ୩ ହଜାରରୁ ଅଧିକ ଲୋକ ସାମିଲ ହୋଇଥିଲେ। ଜନସମ୍ପର୍କ ପଦଯାତ୍ରାରେ ଜିଲ୍ଲା ପରିଷଦ ସଭାପତି ଶ୍ରୁଶ୍ରୀ ଲିଲିତା ଦାସ, କେନ୍ଦ୍ରାପଡା ପୌରପାଳ ସରିତା ସାହୁ, ଉପାଧ୍ୟକ୍ଷ ଆକବରୀ ଖାତୁନ, ଆଲୋକ ସାହୁ, ଯଯାତି ମହାନ୍ତି, ସୌମେନ୍ଦ୍ର ପୃଷ୍ଟି, ଧିରେନ୍ଦ୍ର ଦାସ, ପ୍ରଦୀପ୍ତ ମହାନ୍ତି, ନିର୍ମଳା ମହାନ୍ତି, ରାଜେଶ ଦାସ, ରାଜେଶ ପଣ୍ଡା, ହିରଣ୍ୟ ପଣ୍ଡା, ରଞ୍ଜିତ କୁମାର ସାହୁ, ଉମେଶ ନାୟକ, ଲୋହିତ ମହାନ୍ତି, ସେକ୍ ଚନ୍ଦନ, ଲୋପାମୁଦ୍ରା ବାରିକ, ରାଜେଶ୍ ମହାନ୍ତି, ସୁମିତ୍ରା ପାଢୀ, ମାନସ ପରିଡା, ସ୍ୱୟଂପ୍ରଭା କର, ରଶ୍ମି ରଞ୍ଜନ ରାଉତ, ପ୍ରିୟଦର୍ଶିନୀ ତରାଇ, ମୋହନ ଚରଣ ଆଚାର୍ଯ୍ୟ, ପ୍ରଭାତ ଉଡାନ୍ ସିଂ, ସଂଗମ କେଶରୀ ସାମଲ, ରବିନ୍ଦ୍ର କୁମାର ପଣ୍ଡା, ପ୍ରଦ୍ୟୁମ୍ନ ଜେନା, ପୀତବାସ ବେହେରା, ହିବିବୁର ରେହମାନ, ସମ୍ବିତ ଶ୍ରୀ ଚନ୍ଦନ ପ୍ରମୁଖ ସାମିଲ ହୋଇଥିଲେ।

## ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କଲେ ବିଧାୟକ

**ପଟ୍ଟାମୁଣ୍ଡାଇ,୨୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ନର୍ବାଚନ ମଣ୍ଡଳୀ ପଟ୍ଟାମୁଣ୍ଡାଇ ବ୍ଲକରେ ପ୍ରାୟ ୨୯ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ରାଜନଗର ବିଧାୟକ ଧ୍ରୁବ ସାହୁ ବୁଧବାର ଶୁଭ ଶିଳାନ୍ୟାସ କରିଛନ୍ତି । ୧୭ନଂ ଜୋନ ବିଜେଡି ଜିଲାପରିଷଦ ସଦସ୍ୟ ରଂଜନ ବିଶ୍ୱାଳଙ୍କ ନେତୃତ୍ୱରେ ବୁଧବାର ପୂର୍ବାହ୍ନରେ ଶହ ଶହ ବିଜେଡି ନେତା କର୍ମୀ ଓ ଜନସାଧାରଣ ବାଜା ବଜାଇ ବାଣ ଫୁଟାଇ ଏକ ବିରାଟ ଶୋଭାଯାତ୍ରାରେ ବିଧାୟକ, ବ୍ଲକ ଅଧ୍ୟକ୍ଷଙ୍କୁ ନେଇ କାଠିଆପଡା ଶିଳାନ୍ୟାସ ସ୍ଥଳକୁ ଯାଇଥିଲେ। ସେଠାରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ କାଠିଆପଡା-ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ରାସ୍ତାର ପ୍ରଶସ୍ତି ଓ ଉନ୍ନତିକରଣ ପାଇଁ ଶିଳାନ୍ୟାସ କରାଯାଇଥିଲା । ପରେ ୧୨ କୋଟି ଟଙ୍କା ବ୍ୟୟରେ ଗୁଣ୍ଡି-ଚହଲିବାଙ୍କ ରାସ୍ତା ଶିଳାନ୍ୟାଶ କରିବା ସହିତ ୬ କୋଟି ବ୍ୟାୟରେ ଅଢାଯୋରୀ-ଗୋପ୍ତିରା ରାସ୍ତା ଓ ୧ କୋଟି ଟଙ୍କା ବ୍ୟୟରେ ଚନ୍ଦନନଗର ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ପାଇଁ ଶୁଭ ଶିଳାନ୍ୟାଶ କରାଯାଇଥିଲା । ଏହି ଶିଳାଣ୍ୟାଶ ଉତ୍ସବରେ ବିଜେଡି ଶତାଧିକ ନେତାକର୍ମୀ ସାମିଲ ହୋଇଥିଲେ।

## କୁମ୍ଭକାର ପରିବାରରେ ଆନନ୍ଦ ଉଲ୍ଲାସ

**ମାର୍ଶାଘାଇ,୨୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମଙ୍ଗଳବାର କୁରାଳ ପଞ୍ଚମୀକୁ ନେଇ ମାର୍ଶାଘାଇ ବ୍ଲକ ଅଞ୍ଚଳର କୁମ୍ଭକାର ପରିବାରରେ ଆନନ୍ଦ ଉଲ୍ଲାସରେ ପୁରି ଉଠିଛି। ମାର୍ଶାଘାଇ ବେହେରାସାହିରେ ହରପାର୍ବତୀଙ୍କ ମୃଣୟ ମୂର୍ତ୍ତିଙ୍କର ପୂଜା ଆରମ୍ଭ ହୋଇଥିବା ବେଳେ ଏହା ପାଞ୍ଚଦିନ ଧରି ଚାଲିବ। ମାର୍ଶାଘାଇ ବ୍ଲକ ଅଞ୍ଚଳରେ ମାର୍ଶାଘାଇ ବଜାର ସଂଲଗ୍ନ ବେହେରା ସାହି ସମେତ ମାହାରାକୁଳ, ପରକୁଳା, ପିକରାଳି, ଜଳପୋକ, ରଙ୍କାଳ, ନରସିଂହପୁର, ବଟିରା ସମେତ ବ୍ଲକର ବିଭିନ୍ନ ଗ୍ରାମର କୁମ୍ଭକାର ପରିବାରରେ କୁରାଳ ପଞ୍ଚମୀକୁ ନେଇ ଉତ୍ସବ ମୁଖର ହୋଇଛି। ପରିବାର ସଦସ୍ୟମାନେ ନୂତନ ବସ୍ତ୍ର ପରିଧାନ କରିବା ନିଜର କୌଳିକ ବୃତିର ଦାଆ, କୋଦାଳ, ପାଇଲି, ମାଡିଆ, ଚକ, ସୂତା ସମେତ ମାଟିପାତ୍ର ନିର୍ମାଣ ସରଞ୍ଜାମକୁ ପୂଜାକରିବା ସହିତ ଘରେ ଘରେ ପିଠାପଣା କରି ସାଇପଡିଶାଙ୍କୁ ଘରକୁ ଡକାଇ ଆତିଥ୍ୟ ଦେଇ ଖୁସି ମନାଇଥାନ୍ତି। ମାର୍ଶାଘାଇ ବେହେରା ସାହିର ଦିବାକର ବେହେରା, ଜିତେନ୍ଦ୍ର ବେହେରା, ଉମାକାନ୍ତ ବେହେରା, କିଶୋର ବେହେରା, ଚନ୍ଦ୍ରକାନ୍ତ ବେହେରା, ଧନଞ୍ଜୟ ବେହେରା, ମନୋରଞ୍ଜନ ବେହେରା, ଭ୍ରମର ବେହେରାଙ୍କ ସମେତ ଗ୍ରାମବାସୀମାନେ ପୂଜାରେ ସହାୟତା କରୁଛନ୍ତି।

## ଗ୍ରାମବାସୀଙ୍କ ସହଯୋଗରେ ଚାରାରୋପଣ

**ରାଜନଗର,୨୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତ ଶୈଳେନ୍ଦ୍ରନାରାୟଣପୁର ଗ୍ରାମ ନିକଟରେ ଗ୍ରାମବାସୀଙ୍କ ସହାୟତାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମ ଉତ୍ଥାନ ପକ୍ଷରୁ ଚାରା ରୋପଣ କରାଯାଇଛି । ଅନୁଷ୍ଠାନର ସଂପାଦକ ଗୋବିନ୍ଦଚନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂଜାପାଠ ପରେ ସଭା ଅନୁଷ୍ଠିତ ହୋଇଥିଲା । ଉପସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ, ବିଶିଷ୍ଟ କୃଷି ବିଜ୍ଞାନୀ ଡଃ ରଞ୍ଜନ ରାଉତ, ରଙ୍ଗଣୀ ପଞ୍ଚାୟତ ସରପଞ୍ଚ ଲୋପାମୁଦ୍ରା ଜେନା, ସମିତି ସଭ୍ୟ ତପନ ପାତ୍ର, ରାଜସ୍ୱ ନିରୀକ୍ଷକ ପଙ୍କଜ ନାୟକ, ଶିକ୍ଷକ ବାଦଲ ପରିଡା, ପ୍ରାକ୍ତନ ସରପଞ୍ଚ ମୁକ୍ତିକାନ୍ତ ପାତ୍ର, ସାମ୍ବାଦିକ ଜଗନ୍ନାଥ ଦାସ, ନନ୍ଦଦୁଲାଲ ମାଇତି, ସୁବାଷ ପାତ୍ର, ଆଲୋକ ସେଠୀ, ଆସ୍ତିକ ଜେନା ପ୍ରମୁଖ ଯୋଗଦେଇ ଚାରା ରୋପଣର ଆବଶ୍ୟକତା ଓ ଏହାର ଗୁରୁତ୍ୱ ସଂପର୍କରେ ମତବ୍ୟକ୍ତ କରିଥିଲେ । ଗ୍ରାମଉତ୍ଥାନର ସଂଯୋଜକ ପ୍ରଦୀପ୍ତକୁମାର ନାୟକ ଏହାକୁ ସଂଯୋଜନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରକୃତି, ପରିବେଶ ଓ ଚାରା ରୋପଣର ଆବଶ୍ୟକତା ଶୀର୍ଷକ ବକ୍ତୃତା ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହାପରେ ଗ୍ରାମବାସୀଙ୍କ ସହାୟତାରେ ପାଟଶାଳା ନଦୀପଠାରେ ଥିବା ବିସ୍ତୀର୍ଣ୍ଣ ପଡିଆରେ ହେନ୍ତାଳ ଚାରା ରୋପଣ କରାଯାଇଥିଲା । ଏହାପରେ ଗ୍ରାମର ମହିଳାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପନିପରିବା ଚାରା ବଣ୍ଟନ କରାଯାଇଥିଲା । ବସନ୍ତକୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁଦେସ୍ନା ଦାସ ଓ ସୁନିଲକୁମାର ମହାପାତ୍ରଙ୍କ ସହ ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାରୁ ୬ଜଣ ପାଇଲେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

**ଜଗତସିଂହପୁର,୨୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୩, ୨୦୨୪ ଓ ୨୦୨୫ ବର୍ଷ ପାଇଁ ଓଡିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ତରଫରୁ ସମ୍ମାନ ଜନକ ଏକାଡେମୀ ପୁରସ୍କାର ଉତ୍ସବ ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ଜିଲ୍ଲାର ୬ ଜଣ ସୁଯୋଗ୍ୟ କଳାକାରଙ୍କୁ ଏକାଡେମୀ ସମ୍ମାନ ପ୍ରଦାନ କରା ଯାଇଛି। ସଂଗୀତ ନିର୍ଦ୍ଦେଶକ ଓମ ପ୍ରକାଶ ମହାନ୍ତି ଓ ସଂଗୀତ ନିର୍ଦ୍ଦେଶକ କୃପାସିନ୍ଧୁ ବେହେରାଙ୍କୁ ଯଥାକ୍ରମେ ୨୦୨୩ ଓ ୨୦୨୫ ପାଇଁ, ସୁଗମ ସଂଗୀତ ୨୦୨୪ ପାଇଁ ବିଷ୍ଣୁ ଚରଣ ନାୟକ, ହିନ୍ଦୁସ୍ତାନୀ କଣ୍ଠ ସଂଗୀତ ୨୦୨୪ ପାଇଁ ଗୁରୁ କରୁଣାକର ନାୟକ, ଘୋଡାନାଚ ୨୦୨୫ ପାଇଁ ହେମନ୍ତ ରାଉତ ଓ ପାଇକ ଆଖଡ଼ା ୨୦୨୫ ପାଇଁ ଗୋଲେଖ ଜୟସିଂଙ୍କୁ ଏକାଡେମୀ ସମ୍ମାନରେ ସମ୍ମାନିତ କରାଯାଇଛି ବୋଲି ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଜିଲ୍ଲାରେ ବଢୁଛି ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା

**ବ୍ରହ୍ମପୁର,୨୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ପ୍ରତ୍ୟେକ ଦିନ ସଡକ ଦୁର୍ଘଟଣା ଘଟୁଛି। ଗଞ୍ଜାମ ଜିଲ୍ଲାରେ ମଧ ସଡକ ଦୁର୍ଘଟଣା ସଂଖ୍ୟା ବୃଦ୍ଧିପାଉଛି। ଏନେଇ ବୁଧବାର ଛତ୍ରପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଉପଖଣ୍ଡସ୍ତରୀୟ ସଡକ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲ୍ଲାପାଳ ଶିବାଶିଷ ବରାଳ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାରେ ଚଳିତ ବର୍ଷ ୨୦୨୫ ଜାନୁଆରୀରୁ ଅକ୍ଟୋବରରେ ପୂର୍ବ ବର୍ଷ ଅପେକ୍ଷା ୯ ପ୍ରତିଶତ ସଡକ ଦୁର୍ଘଟଣାରେ ହାର ବଢିଥିବା ବେଳେ ୧୭ ପ୍ରତିଶତ ମଧ ମୃତ୍ୟୁ ହାର ବୃଦ୍ଧି ପାଇଛି। ୨୦୨୪ ଜାନୁଆରୀରୁ ଅକ୍ଟୋବର ମଧ୍ୟରେ ୬୮୪ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ୩୧୭ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୪୬୮ ଜଣଙ୍କ ଆହାତ ହୋଇଥିବା ବେଳେ ସେହିତୁଳନାରେ ୨୦୨୫ରେ ୭୪୪ଟି ଦୁର୍ଘଟଣା ହୋଇଥିବା ବେଳେ ୩୭୩ ଜଣ ମୃତ୍ୟୁ ଓ ୪୯୮ ଜଣ ଆହତ ହୋଇଥିବା ବୈଠକରେ ପରିବହନ ବିଭାଗ ପକ୍ଷରୁ କୁହାଯାଇଥିଲା। ବିଶେଷ କରି ରାଜପଥ ଗୁଡିକରେ ଅଧିକ ଦୁର୍ଘଟଣା ହୋଇ ମୃତ୍ୟୁ ହେଉଛନ୍ତି। ଅତ୍ୟାଧିକ ବେଗରେ ୩୨ ପ୍ରତିଶତ ଦୁର୍ଘଟଣା ଘଟୁଥିବା ବେଳେ ୩୦ ପ୍ରତିଶତ ମଦ୍ୟପାନ କରି ଗାଡି ଚଳାଇବା ବେଳେ ଘଟୁଛି। କିପରି ଏହା ଉପରେ ରୋକ ଲାଗିବ ସେନେଇ ଅଧିକରୁ ଅଧିକ ଏନଫୋସମେଣ୍ଟକୁ କଡାକଡି କରିବାକୁ ଉପଜିଲ୍ଲାପାଳ ପରିବହନ ବିଭାଗ ଓ ପୋଲିସକୁ କୁହାଯାଇଛି। ଅକ୍ଟୋବର ମାସରେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଏନ ଫୋର୍ସମେଣ୍ଟ କରାଯାଇ ୩୩୧୭ଜଣ ଧରା ପଡିବା ସହ ଜୋରିମନା ପକାଯାଇଛି। ଗଞ୍ଜାମ ପୋଲିସ ଜିଲ୍ଲାର ଖଲ୍ଲିକୋଟ ଓ ଚମାଖଣ୍ଡି ଥାନା ଅଞ୍ଚଳରେ ଅଧିକ ଦୁର୍ଘଟଣା ଘଟୁଛି। ଏହି ଅଞ୍ଚଳରେ କିପରି ଦୁର୍ଘଟଣା କମିବ ସେନେଇ ଉପଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ରାସ୍ତାରେ ବେଆଇନ ଭାବେ ଗାଡି ପାର୍କିଂ କରିରଖୁଛନ୍ତି ଏବେ ଗାଡି ମାଲିକ ବିରୁଦ୍ଧରେ ଜୋରିମନା ପକାଯିବ, ଜାତୀୟ ରାଜପଥ କିଛି ସ୍ଥାନରେ ଲାଇଟ ଜଳୁନଥିବା, ରାସ୍ତା ଖରାପ ଥିବାନେଇ ଆଲୋଚନା କରାଯାଇଥିଲା। ଚଳିତ ମାସ ୧୬ରୁ ୩୦ ତାରିଖ ପ୍ରର୍ଯ୍ୟନ୍ତ ଶୂନ ମୃତ୍ୟୁ ପକ୍ଷ ପାଳନ କରାଯାଉଛି। ଦୁର୍ଘଟଣା ସମୟରେ ଯେଉଁମାନେ ତୁରନ୍ତ ସାହାର୍ଯ୍ୟ କରି ମେଡିକାଲକୁ ପଠାଉଛନ୍ତି ସେମାନଙ୍କୁ ଗୁଡ ସାମରିଟନ ପୋଲିସରେ ଦୁଇ ହଜାର ଲେଖାଏଁ ପୁରସ୍କୃତ କରାଯାଏ। ୨୦୨୪/୨୫ ବର୍ଷରେ ୩୦ ଜଣକୁ ପୁରସ୍କୃତ କରାଯାଇଛି। ବୈଠକରେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ,ଏଆରଟିଓ ଜୟନ୍ତ ପ୍ରଧାନ, ଜୁନିଅର ଏମଭିଆଇ ତାରାକାନ୍ତ ନନ୍ଦ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଧିକାରୀ ଡ.ଅଲେଖ ପ୍ରଧାନଙ୍କ ସମେତ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ।

## ନିରନ୍ତର ବିକାଶ ଲକ୍ଷ୍ୟରେ ତାଲିମ

**ଯାଜପୁର,୨୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ଉପରେ ଏକ ଦିନିକିଆ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ୨୭ ନଭେମ୍ବର ୨୦୨୫ରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବ୍ଲକର ବିଡିଓ ଏବଂ ତହସିଲଦାରଙ୍କ ସହିତ ବିଭିନ୍ନ ଲାଇନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଡେପୁଟି ଡାଇରେକ୍ଟର, ଜିଲ୍ଲା ଯୋଜନା ଓ ପରିଚାଳନା ୟୁନିଟ, ଅର୍ଚ୍ଚିତା ଦାସଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ଏବଂ ସେମାନଙ୍କର ଗୁରୁତ୍ୱର ଏକ ସମୀକ୍ଷା ସହିତ ତାଲିମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୭ଟି ଏସଡିଜି ଦାରିଦ୍ର୍ୟ ମୁକ୍ତ, କ୍ଷୁଧା ମୁକ୍ତ, ସୁସ୍ଥ ଓ ନିରାମୟ ଜୀବନ, ଗୁଣାତ୍ମକ ଶିକ୍ଷା, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ ଓ ପରିମଳ, ସୁଲଭ ଓ ସ୍ୱଚ୍ଛ ଶକ୍ତି, ମର୍ଯ୍ୟାଦା ସମ୍ପନ୍ନ କାର୍ଯ୍ୟ ଓ ଅର୍ଥନୈତିକ ବିକାଶ, ଶିଳ୍ପ ଉଦ୍ଭାବନ ଓ ଭିତ୍ତିଭୂମି, ଅସମାନତା ହ୍ରାସ, ସହର ଓ ଜନ ସମୁଦାୟର ସ୍ଥାୟିତ୍ୱ, ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଓ ଦୀର୍ଘସ୍ଥାୟୀ ଉତ୍ପାଦନ, ଜଳବାୟୁ ଭିତ୍ତିକ କାର୍ଯ୍ୟପନ୍ଥା, ଜଳ ଭିତରର ଜୀବନ, ସ୍ଥଳ ଭାଗରେ ଜୀବନ, ଶାନ୍ତି ନ୍ୟାୟ ଏବଂ ଦୃଢ଼ ପ୍ରତିଷ୍ଠାନ ଓ ଲକ୍ଷ୍ୟ ହାସଲ ନିମନ୍ତେ ସହଭାଗିତା ଉପରେ ଆଲୋଚନା ହୋଇଥିଲା। ସେ ଏସଡିଜି ଗୁଡିକରେ ପ୍ରଗତି ତଦାରଖ କରିବା ପାଇଁ ବିକଶିତ ସୂଚକ ଢାଞ୍ଚା ଉପରେ ମଧ୍ୟ ଆଲୋକପାତ କରିଥିଲେ। ଏହା ପରେ ଏବିଡିଓ, ଦାନଗଦୀ ବ୍ଲକ ଦିବ୍ୟକାନ୍ତି ମିଶ୍ରଙ୍କ ଦ୍ୱାରା ଏସଡିଜିର ସ୍ଥାନୀୟକରଣ ଉପରେ ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯିଏ ନଅଟି ବିଷୟବସ୍ତୁ କ୍ଷେତ୍ର ଏବଂ ତୃଣମୂଳସ୍ତରରେ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ଆଗେଇ ନେବା ପାଇଁ ଆନ୍ତଃବିଭାଗୀୟ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

## କିମ୍ସରେ ଓଡ଼ିଶାର ପ୍ରଥମ ଡିଜିଟାଲ୍ ପାଥୋଲୋଜି ସ୍କାନର୍



**ଭୁବନେଶ୍ୱର,୨୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଦ୍ରୁତ ଓ ଠିକ୍ ରୋଗ ନିର୍ଣ୍ଣୟ ପାଇଁ କିମ୍ସରେ ଓଡ଼ିଶାର ପ୍ରଥମ ଅତ୍ୟାଧୁନିକ ଡିଜିଟାଲ୍ ପାଥୋଲୋଜି ସ୍କାନର କାର୍ଯ୍ୟ ଆରମ୍ଭ କରିଛି। କିମସ ପାଥୋଲୋଜି ବିଭାଗରେ ଅତ୍ୟାଧୁନିକ ଏସ୍‌ଜି୬୦ ଡିଜିଟାଲ୍ ପାଥୋଲୋଜି ସ୍କାନରକୁ କାର୍ଯ୍ୟକ୍ଷମ କରାଯାଇଛି। ଠିକ୍ ରୋଗ ନିଦାନ କ୍ଷେତ୍ରରେ ଏହା ଏକ ବଡ଼ ସଫଳତା ବୋଲି କୁହାଯାଉଛି। କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ ଅଚ୍ୟୁତ ସାମନ୍ତ ଆଜି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସ୍କାନର ସମସ୍ତ ପ୍ରକାର ରୋଗ ନିଦାନ ନିର୍ଭୁଲ ଭାବେ ନିର୍ଣ୍ଣୟ କରିପାରିବ। ଦ୍ରୁତ ଡିଜିଟାଇଜେସନ୍ ଓ ସ୍ୱୟଂଚାଳିତ ସ୍ଲାଇଡ୍ ବିଶ୍ଲେଷଣ ମାଧ୍ୟମରେ କର୍କଟ ଭଳି ଗୁରୁତର ରୋଗର ଚିହ୍ନଟ ପାଇଁ ସମୟ ହ୍ରାସ କରିବା ସହ ରୋଗୀଙ୍କ ପାଇଁ ଚିକିତ୍ସାକୁ ଆହୁରି ସରଳ ଓ ସୁଗମ କରିବ।

ଏଥିରେ କମ୍ପ୍ୟୁଟର ସ୍କ୍ରିନ୍ କିମ୍ବା ମୋବାଇଲ୍ ଡିଭାଇସରେ ଦେଖାଯାଇପାରୁଥିବା ଉଚ୍ଚ ରିଜୋଲ୍ୟୁସନ୍ ଡିଜିଟାଲ୍ ପ୍ରତିଛବି ଓ ସ୍କାନିଂ ଡିଭାଇସ୍ ସହିତ ଗ୍ଲାସ୍ ସ୍ଲାଇଡ୍ କ୍ୟାପଚର କରାଯିବା ସମୟରେ ଡିଜିଟାଲ୍ ସ୍ଲାଇଡ୍ ସୃଷ୍ଟି କରାଯାଏ। ସ୍ୱତନ୍ତ୍ର ଡିଜିଟାଲ୍ ପାଥୋଲୋଜି ସଫ୍ଟୱେର ବ୍ୟବହାର କରି ନେଟୱାର୍କରେ ଡିଜିଟାଲ୍ ସ୍ଲାଇଡ୍ ସେୟାର କରିବାର ସୁବିଧା ରହିଛି।

ଏହା ସ୍ନାତକ, ସ୍ନାତକୋତ୍ତର ଶିକ୍ଷା ଓ ବାହ୍ୟ ଗୁଣବତ୍ତା ଆଶ୍ୱାସନା ପାଇଁ ହିଷ୍ଟୋପାଥୋଲୋଜି ଶିକ୍ଷାର ପୂର୍ଣ୍ଣ ସ୍ପେକ୍ଟ୍ରମ୍ ନିଯୁକ୍ତ କରି ଡାକ୍ତରୀ ଛାତ୍ରମାନଙ୍କ ପାଇଁ ମଧ୍ୟ ସହାୟକ ହେବ। ଏହି ସ୍କାନର ମେସିନ୍‌ରେ ମଧ୍ୟ ଡାଇଗ୍ନୋଷ୍ଟିକ୍ ସେବାର କୃତ୍ରିମ ବୁଦ୍ଧିମତା (ଏଆଇ)ବ୍ୟବହାରର ବ୍ୟବସ୍ଥା ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିମସ ପରାମର୍ଶଦାତା ଡା ଆର ଏନ ସାମନ୍ତ, କିମ୍ସ ପାଥୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ରଞ୍ଜନା ଗିରି ଏବଂ କିମ୍ସର ଅନ୍ୟ ବରିଷ୍ଠ ଡାକ୍ତର ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

## ହାଇସ୍କୁଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ମାହାଙ୍ଗା,୨୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ବରାହୀପୁର ପଞ୍ଚୟତ ସ୍ଥିତ ପଞ୍ଚାୟତ ନୋଡାଲ ହାଇସ୍କୁଲ ମଣିଯୋରୀରେ ଛାଣିପୁର ହାଇସ୍କୁଲ ପୁରାତନ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜୟଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷର ଉପକାରିତା ଉପରେ ଆଲୋଚନା କରିବା ସହ ପରିବେଶ କିପରି ସୁରକ୍ଷିତ ରହିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଅତିଥିଭାବେ ଅନୁଷ୍ଠାନ ସମ୍ପାଦକ ସ୍ମୃତିରଞ୍ଜନ ପଟ୍ଟନାୟକ, ଉପସଭାପତି ନିରଞ୍ଜନ ବେହେରା, ପୂର୍ବତନ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ସାହୁ, ଦତ୍ତହରୀ ସାହୁ,ବିକ୍ରମ କିଶୋର ମହାନ୍ତି, ସୟଦ ସକିଲ ଅଫଜଲ, ବିଜୟ ସାମଲ, ବିଶ୍ୱଜିତ ସ୍ୱାଇଁ, ସୁଜିତ କୁମାର ବାରିକ, ଭିକାରି ଚରଣ ବେହେରା ପ୍ରମୁଖ ଉପସ୍ଥିତ ରହି ବଉଳ, ନଡ଼ିଆ, ପଣସ, ପାମ ସମେତ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ସାହୁ, କିଶୋରୀ ମୋହନ ମହାନ୍ତି, ଅମର ସାହୁ, ସନ୍ଧ୍ୟାରାଣୀ ସ୍ୱାଇଁ, ନିବେଦିତା ପଧାନ, ରୋହିତ କୁମାର କାଲ୍‌ଲୋ, ପଙ୍କଜ ନାଏକ, କୃଷ୍ଣ ଚନ୍ଦ୍ର ବେହେରା, ସୀମା ବେହେରା, ସରୋଜ ସାହୁ, ପିତାମ୍ବର ସ୍ୱାଇଁ, ରାଜକିଶୋର ଜେନା, ରମେଶ ସାହୁ, ଧରଣୀଧର ସାହୁ, ପ୍ରଶାଦିନୀ ନାୟକ, ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂସ୍କୃତ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ

**ରାଜନଗର,୨୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସଦର ମହକୁମା ସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ନିହାର ରଞ୍ଜନ ପରିଡ଼ା ଓ ଆଦିତ୍ୟ ତ୍ରିପାଠୀ ଯୋଗଦେଇ ଗଣତନ୍ତ୍ର ରାଷ୍ଟ୍ର ଭାରତର ସମ୍ବିଧାନ ପ୍ରଣୟନ ଓ ଏହାର କାର୍ଯ୍ୟ ପଦ୍ଧତି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏହାର ସୁରକ୍ଷା ଏବଂ ପାଳନ ଆମର ଧର୍ମ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅରୁଣ କୁମାର ରାଉତ ଓ ଦୟାନିଧି ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ

**ଦେବଗଡ,୨୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଉପନିର୍ଦ୍ଦେଶକ ଜଳ ବିଭାଜିକା ବିଭାଗ ଦେବାଶିଷ ଚନ୍ଦ୍ର ଯଗଦେବ୍, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ ଯୋଗଦେଇଥିଲେ। ସର୍ବ ପ୍ରଥମେ ବନ୍ଦେ ଉତ୍କଳଜନନୀ ଗାନ କରି ପରେ ପରେ ଶପଥ ପାଠ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ପ୍ରତିବର୍ଷ ନଭେମ୍ବର ୨୬ ତାରିଖ ସମ୍ବିଧାନ ଦିବସ ଆମ ଦେଶରେ ପାଳନ କରାଯାଇଥାଏ। ସମ୍ବିଧାନ କ'ଣ ? ଏହାର ଅର୍ଥ ସମ୍ବିଧାନ ହେଉଛି ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିଥାଏ। ଡ଼କ୍ଟର ଭୀମ ରାଓ ଆମ୍ବେଦକର ଏହି ସମ୍ବିଧାନ ପ୍ରସ୍ତୁତ କରିଥିଲେ। ସମ୍ବିଧାନ ପ୍ରସ୍ତୁତ କରିବା ପାଇଁ ୨ବର୍ଷ ୧୧ ମାସ ୧୮ ଦିନ ସମୟ ଲାଗିଥିଲା। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ସମ୍ବିଧାନ ପ୍ରସ୍ତୁତ ହୋଇ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ କାର୍ଯ୍ୟକାରୀ ହେଲା। ଆମ ସମ୍ବିଧାନ ଆମ ଗୌରବ ଦିବସ ଅବସରରେ ମୁଖ୍ୟଅତିଥି ଓ ବରେଣ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ପରେ ପରେ ପୂର୍ବରୁ ଆୟୋଜିତ ହୋଇଥିବା ସିନିୟର୍ ଓ ଜୁନିୟର ଚିତ୍ରାଙ୍କନ ପ୍ରତିଯୋଗୀତାରେ ସିନିୟର୍‌ରେ ବାଳିକା ଉଚ୍ଚ ବିଦ୍ୟାଳୟର କବିତା କୁମାରୀ ଦାସ ପ୍ରଥମ, ଆଦ୍ୟାସା ପାତ୍ର ଦ୍ୱିତୀୟ, ଶିବାନୀ ବେହେରା ତୃତୀୟ ଓ ଜୁନିୟରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଜୟ ଲକ୍ଷ୍ମୀ ପ୍ରଧାନ ପ୍ରଥମ, ଓମ ପ୍ରକାଶ ବେହେରା ଦ୍ୱିତୀୟ, ବାଲ ଭାରତୀ ସ୍କୁଲ ର ସଇଶ୍ମିତା ସାହୁ, ଗୁଞ୍ଜନ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି, ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଡେପୁଟି ଶିଓ ଅର୍ମାସ୍ ରବୀନ୍ଦ୍ର ପ୍ରଧାନ, ସହକାରୀ ଜିଲ୍ଲାପାଳ ତାପସ ମହନ୍ତ, ଈଶ୍ୱର ଗୁରୁ, ହେମନ୍ତ ସିଂ, ଅଧିକ୍ଷଣ ଯନ୍ତ୍ରୀ ଟିପିଡବ୍ଲୁ ଓ ରାଜୁ ସାହା, ପ୍ରୋଜେକ୍ଟ ମ୍ୟାନେଜର ଆଶିଷ ବାରିକ, ପ୍ରୋଜେକ୍ଟ ମ୍ୟାନେଜର ଟ୍ରେନିଂ ଦୀପକ ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।


**ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ୍**
NEDFi
ନେଡଫି ହାଉସ, ଜି.ଏସ. ରୋଡ, ଦିସପୁର, ଗୌହାଟି-୭୮୧୦୦୬
ଫୋନ-୯୧ ୩୬୧ ୨୨୨ ୨୨ ୦୦, ଫ୍ୟାକ୍ସ-+୯୧ ୩୬୧ ୨୨୩ ୭୭ ୩୩ / ୨୨୩ ୭୭ ୩୪

**ଫର୍ମ ବି**
[ରୁଲ ୭(୧) ଦେଖନ୍ତୁ]
**ଡିମାଣ୍ଡ ନୋଟିସ୍‌ର ଫର୍ମ**
[ଦେବାଳିଆ (କର୍ପୋରେଟ ଋଣଗ୍ରହୀତାଙ୍କ ବ୍ୟକ୍ତିଗତ ଜାମିନଦାରଙ୍କ ଦେବାଳିଆ ସମାଧାନ ପ୍ରକ୍ରିୟା ପାଇଁ ବିଚାର ପ୍ରାଧିକରଣକୁ ଆବେଦନ) ନିୟମ ୨୦୧୯ର ନିୟମ ୭(୧) ଅନୁଯାୟୀ]

**ତାରିଖ-୨୮.୧୧.୨୦୨୫**

**ଶ୍ରୀ ଉମେଶ ସେନାପତି**
ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡକୁ ବ୍ୟକ୍ତିଗତ ଗ୍ୟାରେଣ୍ଟର (ପିତା-ଶ୍ରୀ ନବ କିଶୋର ସେନାପତି) ସ୍ୱରୂପାନନ୍ଦ ରୋଡ୍, ଲମ୍‌ଡିଙ୍ଗ, ଜିଲ୍ଲା-ନାଗାଁ, ଆସାମ-୭୮୨୪୪୭।
**ବିପରୀତ ଠିକଣା-**
ଶ୍ରୀ ଉମେଶ ସେନାପତି, ମୈତ୍ରୀ ବିହାର, ଡି ୪୭, ଭୁବନେଶ୍ୱର, ଶିଖ ମନ୍ଦିର, ଥାନା-ମୈତ୍ରୀ ବିହାର।
**ବିପରୀତ ଠିକଣା-**
ଶ୍ରୀ ଉମେଶ ସେନାପତି, ୟୁନିଟ-୩ବି, ଏମଡି ସାହା ରୋଡ, ପଲଟନ ବଜାର, ଗୌହାଟି, ଆସାମ, ପିନ୍-୭୮୧୦୦୮।
**ଠାରୁ-**
ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ, (ନେଡଫି), ରେଜିଷ୍ଟର ଅଫିସ- ନେଡଫି ହାଉସ, ଜି.ସ ରୋଡ, ଦିସପୁର, ଗୌହାଟି, ଆସାମ, ପିନ୍-୭୮୧୦୦୬
**ବିଷୟ- ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ, (ନେଡଫି), ରେଜିଷ୍ଟର ଅଫିସ- ନେଡଫି ହାଉସ, ଜି.ସ ରୋଡ, ଦିସପୁର, ଗୌହାଟି, ଆସାମ, ପିନ୍-୭୮୧୦୦୬ (କର୍ପୋରେଟ ଡେବ୍‌ଟର) ତରଫରୁ ଅନାଦାୟ ଋଣ ସମ୍ପର୍କରେ ଡିମାଣ୍ଡ ନୋଟିସ।**
ମହାଶୟ,
୧. ଏହି ଚିଠିଟି ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ, (ନେଡଫି), ରେଜିଷ୍ଟର ଅଫିସ- ନେଡଫି ହାଉସ, ଜି.ସ ରୋଡ, ଦିସପୁର, ଗୌହାଟି, ଆସାମ, ପିନ୍-୭୮୧୦୦୬ (କର୍ପୋରେଟ ଡେବ୍‌ଟର) ତରଫରୁ ଅନାଦାୟ ଋଣ ସମ୍ପର୍କରେ ଡିମାଣ୍ଡ ନୋଟିସ।
୨. ଦୟାକରି ନିମ୍ନରେ ଅନାଦାୟ ଋଣର ବିବରଣୀ ଦେଖନ୍ତୁ-

| ଋଣର ବିବରଣୀ | | | |
|---|---|---|---|
| 1 | ମୋଟ ବକେୟା ଋଣ (ସୁଧ ଏବଂ ଜୋରିମାନା ସହିତ) | | |
| 2 | ଖିଲାପି ଋଣର ପରିମାଣ | **ୟୁନିଟର ନାମ** | **୨୮.୧୧.୨୦୨୫ ମଧ୍ୟରେ ସମସ୍ତ ଋଣର ପରିମାଣ** |
| | | ମେସର୍ସ ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରା. ଲି. (ଡବ୍ଲ୍ୟୁସିଟିଏଲ-।) (ଟ.୫୦୦ ଲକ୍ଷ) | ମୂଳ-ଟ.୧,୦୫,୫୬,୬୭୬/- ସୁଧ-ଟ.୩,୨୪,୧୫,୭୧୬/- ସମୁଦାୟ-ଟ.୪,୨୯,୭୨,୩୯୨/- |
| | | **ମୋଟ** | **ଟ.୪,୨୯,୭୨,୩୯୨/-** |
| 3 | ଋଣର ଶୁଳ୍କ ତାରିଖ | **ୟୁନିଟର ନାମ** | **ଏନପିଏ ତାରିଖ** |
| | | ମେସର୍ସ ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରା. ଲି. (ଡବ୍ଲ୍ୟୁସିଟିଏଲ-।) | **୨୯.୦୨.୨୦୨୦** |
| | | ମେସର୍ସ ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରା. ଲି. (ଡବ୍ଲ୍ୟୁସିଟିଏଲ-।।) | |
| 4 | ଡିଫଲ୍ଟ ହୋଇଥିବା ତାରିଖ | **୧୮.୦୧.୨୦୧୯** | |
| 5 | ଋଣର ପ୍ରକୃତି | **କ୍ୟାପିଟାଲ ଟର୍ମ ଲୋନ** | |
| 6 | ସୁରକ୍ଷିତ ଋଣ ଯେଉଁଥିରେ ରଖାଯାଇଥିବା ସିକ୍ୟୁରିଟିର ବିବରଣୀ, ଏହାର ସୃଷ୍ଟି ତାରିଖ, ଋଣଦାତାଙ୍କ ଅନୁସାରେ ଏହାର ଆନୁମାନିକ ମୂଲ୍ୟ (ଯେପରି ପ୍ରଯୁଜ୍ୟ) ଏବଂ ସିକ୍ୟୁରିଟିର ବିବରଣୀ ଅନ୍ତର୍ଭୁକ୍ତ। | | |
| A | ଏକ ଦୁଇ ମହଲା ବିଶିଷ୍ଟ ଆବାସିକ (କାର ପାର୍କିଂ ଏବଂ ଉପଯୋଗୀତା ପାଇଁ ବେସମେଣ୍ଟ ମହଲା ସମେତ) ମିରାଣ୍ଡା ପ୍ରକାର ଭିଲା ନଂ. ୪୬ ଯାହାର ସୁପର ବିଲ୍ଟଅପ୍ କ୍ଷେତ୍ରଫଳ ୪୩୫୯ ବର୍ଗଫୁଟ କମ୍ କିମ୍ବା ଅଧିକ, ସାଧାରଣ କ୍ଷେତ୍ର ଏବଂ ସୁବିଧାରେ ଅବିଭକ୍ତ ଆନୁପାତିକ ଏବଂ ଅପ୍ରତ୍ୟାଶିତ ଭାବରେ ଅଂଶ ଏବଂ/ଅଥବା ସ୍ୱାର୍ଥ ସହିତ ପ୍ରାୟ ୬୨୮.୭୧ କୋଟା ପରିମିତ ଜମିର ଏକ ପର୍ସେଲ୍ ରେ ଅନ୍ତର୍ଭୁକ୍ତ, ଯାହା LR ଦାଗ୍ ନଂ. ୩୨୧/୬୧୫ ରେ ଅନ୍ତର୍ଭୁକ୍ତ, LR ଖତିୟାନ ନଂ. ୯୦୪ (ପୂର୍ବରୁ ଖତିୟାନ ନଂ. ୨୮୩/୨, ୪୬୫/୩, ୪୬୫/୪, ୫୨୮/୩ ଏବଂ ୫୨୮/୪) ମୌଜା- କୋଚପୁକୁର, ଜେଲ ନଂ. ୨ ତୌଜି ନଂ. ୧୦ ପି.ଏସ୍. କୋଲକାତା ଚମଡା କମ୍ପ୍ଲେକ୍ସ ଜିଲ୍ଲା-୨୪ ପରଗନା (ଦକ୍ଷିଣ) ବାମୁନଘାଟା ଗ୍ରାମ ପଞ୍ଚାୟତର ସୀମା ମଧ୍ୟରେ ୧୦୦ ବର୍ଗଫୁଟ ଆରଟି ଛାଇ ସହିତ ଅବସ୍ଥିତ ଏବଂ ଏହା ଉତ୍ତରରେ ପ୍ରକଳ୍ପ ସୀମା, ପୂର୍ବରେ ପ୍ଲଟ୍ ନମ୍ବର ୪୫, ଦକ୍ଷିଣରେ ଆଭ୍ୟନ୍ତରୀଣ ରାସ୍ତା ବୋଲେଗାର୍ଡ କୋଷ୍ଟା ବ୍ଲାଙ୍କା ଏବଂ ପଶ୍ଚିମରେ ପ୍ଲଟ୍ ନମ୍ବର ୪୭ ସହିତ ଘେରି ରହିଛି। | | |
| B | ଏକ ଦୁଇ ମହଲା ବିଶିଷ୍ଟ ଆବାସିକ (କାର ପାର୍କିଂ ଏବଂ ଉପଯୋଗୀତା ପାଇଁ ବେସମେଣ୍ଟ ମହଲା) ଲିଓନ୍ ପ୍ରକାର ଭିଲା ନଂ ୪୩ ଯାହାର ସୁପର ବିଲ୍ଟଅପ୍ କ୍ଷେତ୍ରଫଳ ୩୪୮୩ ବର୍ଗଫୁଟ ଏବଂ ଏହା ବୋଲେଗାର୍ଡ କୋଷ୍ଟା ବ୍ଲାଙ୍କାରେ ଅବସ୍ଥିତ ପ୍ରାୟ ୩.୫୩୨ କୋଟା ପରିମିତ ଜମି ସହିତ ଏକ ପ୍ଲଟ୍ ଉପରେ ଅବସ୍ଥିତ। ଏହା ଆର୍‌ଏସ୍ ଦାଗ୍ ନଂ ୩୨୧/୬୧୫ ରେ ଥିବା ପ୍ରାୟ ୬୨୮.୭୧ କୋଟା ପରିମିତ ଜମି ଉପରେ ନିର୍ମିତ ଆଇଡିଆଲ୍ ଭିଲା ନାମକ ଲେଆଉଟ୍ ରେ ଅନ୍ତର୍ଭୁକ୍ତ, ଯାହା ଆଇଆର୍ ଖତିୟାନ ନଂ ୯୦୪ (ପୂର୍ବରୁ ଖତିୟାନ ନଂ ୨୮୩/୨, ୪୬୫/୩, ୪୬୫/୪, ୫୨୮/୩ ଏବଂ ୫୨୮/୪) ମୌଜା- କୋଚପୁକୁର, ଜେଲ୍ ନଂ ୨ ତୌଜି ନଂ ୧୦ ପି.ଏସ୍. କୋଲକାତା ଚମଡା କମ୍ପ୍ଲେକ୍ସ ଜିଲ୍ଲା-୨୪ ପରଗନା (ଦକ୍ଷିଣ) ବାମୁନଘାଟା ଗ୍ରାମ ପଞ୍ଚାୟତର ସୀମା ମଧ୍ୟରେ) ଏବଂ ଉତ୍ତରରେ ପରିବେଷ୍ଟିତ ଏବଂ ବ୍ୟାଟେଡ୍ - ପ୍ରକଳ୍ପ ସୀମା ଦ୍ୱାରା, ପୂର୍ବରେ - ପ୍ଲଟ୍ ନମ୍ବର - ୪୨ ଦ୍ୱାରା, ଦକ୍ଷିଣରେ - ଆଭ୍ୟନ୍ତରୀଣ ରାସ୍ତା ବୋଲେଗାର୍ଡ କୋଷ୍ଟା ବ୍ଲାଙ୍କା ଦ୍ୱାରା ଏବଂ ପଶ୍ଚିମରେ - ପ୍ଲଟ୍ ନମ୍ବର ୪୪ ଦ୍ୱାରା। | | |
| 7 | ଅସୁରକ୍ଷିତ ଋଣ (ଯେପରି ପ୍ରଯୁଜ୍ୟ) | NA | |
| 8 | ଋଣକୁ ବୁଝାଉଥିବା ସାମଗ୍ରୀ ସମ୍ପର୍କରେ ମାଲିକାନା ବ୍ୟବସ୍ଥା (ଯଦି ଥାଏ) ର ସଂରକ୍ଷଣର ବିବରଣୀ | ଉପରେ ପଏଣ୍ଟ 6 (A) ଏବଂ (B) ରେ ଉଲ୍ଲେଖିତ ସମ୍ପତ୍ତି ପାଇଁ ହଁ | |
| 9 | ଯଦି କୌଣସି ଡିଫଲ୍ଟ, ଯଦି କୌଣସି ଥାଏ, ତେବେ ବିଚାର କରୁଥିବା କୋର୍ଟ, ଟ୍ରିବ୍ୟୁନାଲ୍ କିମ୍ବା ମଧ୍ୟସ୍ଥତା ପ୍ୟାନେଲର ଆଦେଶର ବିବରଣୀ | ମାନ୍ୟବର NCLT, ଗୌହାଟି ବେଞ୍ଚର ୧୧/୧୨/୨୦୨୩ ତାରିଖର ଆଦେଶ ଅନୁଯାୟୀ ଶ୍ରୀମତୀ ସୁଧା ଶର୍ମାଙ୍କୁ ଲିକ୍ୱିଡେଟର ଭାବରେ କମ୍ପାନୀର ଲିକ୍ୱିଡେସନ୍ ପ୍ରକ୍ରିୟା ଆରମ୍ଭ କରାଯାଇଛି, ଯାହା ବର୍ତ୍ତମାନ ଚାଲିଛି। | |
| 10 | ସୂଚନା ଉପଯୋଗୀତା ସହିତ ଡିଫଲ୍ଟର ରେକର୍ଡ, ଯଦି ଥାଏ | ଡିଫଲ୍ଟ ଷ୍ଟେଟମେଣ୍ଟ, ସିଆରଆଇଏଲସି ରିପୋର୍ଟ | |
| 11 | ଭାରତୀୟ ଉତ୍ତରାଧିକାର ଆଇନ, 1925 (1925 ର 10) ଅନୁଯାୟୀ ଉତ୍ତରାଧିକାର ପ୍ରମାଣପତ୍ର, କିମ୍ବା ଇଚ୍ଛାପତ୍ରର ପ୍ରମାଣପତ୍ର, କିମ୍ବା ପ୍ରଶାସନ ପତ୍ର, କିମ୍ବା କୋର୍ଟ ଡିକ୍ରି (ଯେପରି ପ୍ରଯୁଜ୍ୟ ହୋଇପାରେ) ର ବିବରଣୀ | NA | |
| 12 | ଆଇନ, ଚୁକ୍ତିନାମା କିମ୍ବା ଅନ୍ୟାନ୍ୟ ଦଲିଲର ବ୍ୟବସ୍ଥା ଯାହା ଅନୁଯାୟୀ ଋଣ ଦେୟ ହୋଇଛି | ଗ୍ୟାରେଣ୍ଟି/ ବନ୍ଧକ କାଗଜପତ୍ର | |
| 13 | ଋଣ ଗ୍ରହଣ ହୋଇଥିବା ତାରିଖରୁ, କର୍ପୋରେଟ୍ ଋଣଗ୍ରହୀତାଙ୍କ ଋଣ ସମ୍ପର୍କରେ ଋଣଦାତାଙ୍କ ଦ୍ୱାରା ସାଧାରଣତଃ ଜମା କିମ୍ବା କ୍ରେଡିଟ୍ ଗ୍ରହଣ କରାଯାଇଥିବା ବ୍ୟାଙ୍କ ଆକାଉଣ୍ଟର ଏକ ବିବରଣୀ। | ଆକାଉଣ୍ଟ ଷ୍ଟେଟମେଣ୍ଟ ସମସ୍ତ ଲୋନ ଆକାଉଣ୍ଟ ସହିତ | |
| 14 | ଋଣର ଅସ୍ତିତ୍ୱ ଏବଂ ଖିଲାପୀ ପରିମାଣ ପ୍ରମାଣ କରିବା ପାଇଁ ଏହି ନୋଟିସ ସହିତ ସଂଲଗ୍ନ ଡକ୍ୟୁମେଣ୍ଟଗୁଡ଼ିକର ତାଲିକା | ସାଙ୍କସନ୍ ଲେଟର, ଗ୍ୟାରେଣ୍ଟି କାଗଜପତ୍ର ବନ୍ଧକ କାଗଜପତ୍ର ସମସ୍ତ | |

3. ଯଦି ଆପଣ ବିଶ୍ୱାସ କରନ୍ତି ଯେ ଏହି ନୋଟିସ୍ ପାଇବା ପୂର୍ବରୁ ଋଣ ପରିଶୋଧ କରାଯାଇଛି, ତେବେ ଦୟାକରି ଏହି ନୋଟିସ୍ ପାଇବାର ଚଉଦ ଦିନ ମଧ୍ୟରେ ଆମକୁ ନିମ୍ନଲିଖିତ ଠିକଣାରେ ପଠାଇ ଏପରି ପରିଶୋଧ ପ୍ରଦର୍ଶନ କରନ୍ତୁ: -
ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ୍, (NEDFi), ପଞ୍ଜିକୃତ କାର୍ଯ୍ୟାଳୟ: "NEDFi ହାଉସ",G. S. ରୋଡ୍, ଦିସପୁର, ଗୌହାଟି, ଆସାମ, PIN - 781006, (କର୍ପୋରେଟ୍ ଋଣଗ୍ରହୀତାଙ୍କ) ଇମେଲ୍- samd@nedfi.com/bsaha@nedfi.com।
(କ) ଗ୍ୟାରେଣ୍ଟରଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅନାଦେୟ ପରିମାଣର ଇଲେକ୍ଟ୍ରୋନିକ୍ ସ୍ଥାନାନ୍ତର ରେକର୍ଡର ଏକ ପ୍ରମାଣିତ କପି; କିମ୍ବା
(ଖ) ଗ୍ୟାରେଣ୍ଟରଙ୍କ ଦ୍ୱାରା ଜାରି ଅନାଦେୟ ପରିମାଣର ଚେକ୍ ନଗଦ କରିବାର ପ୍ରମାଣ; କିମ୍ବା
(ଗ) ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ୍, (NEDFi), ପଞ୍ଜିକୃତ କାର୍ଯ୍ୟାଳୟ: "NEDFi ହାଉସ", G. S. ରୋଡ୍, ଦିସପୁର, ଗୌହାଟି, ଆସାମ, PIN - 781006 ପେମେଣ୍ଟ ପାଇଥିବା ଯେକୌଣସି ରେକର୍ଡର ଏକ ପ୍ରମାଣିତ କପି।
୪. ନିମ୍ନ ସ୍ୱାକ୍ଷରକାରୀ ଆପଣଙ୍କୁ ଏହି ଚିଠି ପାଇବାର ଚଉଦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଅନାଦେୟ ଋଣ ପରିଶୋଧ କରିବାକୁ ଅନୁରୋଧ କରୁଛନ୍ତି, ନଚେତ୍ ଆପଣଙ୍କ ବିରୁଦ୍ଧରେ କୋଡ୍ ଅନୁଯାୟୀ ଦେବାଳିଆ ସମାଧାନ ପ୍ରକ୍ରିୟା ଆରମ୍ଭ କରାଯିବ।

**ଧନ୍ୟବାଦ**
**ସ୍ୱା/-**
**ଡେପୁଟି ଜେନେରାଲ ମ୍ୟାନେଜର (ଏସଏଏମଡି)**



**ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ୍**
NEDFi
ନେଡଫି ହାଉସ, ଜି.ଏସ. ରୋଡ, ଦିସପୁର, ଗୌହାଟି-୭୮୧୦୦୬
ଫୋନ-୯୧ ୩୬୧ ୨୨୨ ୨୨ ୦୦, ଫ୍ୟାକ୍ସ-+୯୧ ୩୬୧ ୨୨୩ ୭୭ ୩୩ / ୨୨୩ ୭୭ ୩୪

**ଫର୍ମ ବି**
[ରୁଲ ୭(୧) ଦେଖନ୍ତୁ]
**ଡିମାଣ୍ଡ ନୋଟିସ୍‌ର ଫର୍ମ**
[ଦେବାଳିଆ (କର୍ପୋରେଟ ଋଣଗ୍ରହୀତାଙ୍କ ବ୍ୟକ୍ତିଗତ ଜାମିନଦାରଙ୍କ ଦେବାଳିଆ ସମାଧାନ ପ୍ରକ୍ରିୟା ପାଇଁ ବିଚାର ପ୍ରାଧିକରଣକୁ ଆବେଦନ) ନିୟମ ୨୦୧୯ର ନିୟମ ୭(୧) ଅନୁଯାୟୀ]

**ତାରିଖ-୨୮.୧୧.୨୦୨୫**

**ଶ୍ରୀ ବାସୁଦେବ ନାୟକ**
ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡକୁ ବ୍ୟକ୍ତିଗତ ଗ୍ୟାରେଣ୍ଟର (ପିତା-ଂଶ୍ରୀ ଦିନବନ୍ଧୁ ନାୟକ) ମୈତ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୩।
**ବିପରୀତଠିକଣା-**
ଶ୍ରୀ ବାସୁଦେବ ନାୟକ, ନୃଷ୍ଟ ଗିରି ନିବାସ, ଖରଗୁଲି, ଗୌହାଟି-୭୮୧୦୦୪, ଜିଲ୍ଲା-କାମରୁପ (ମେଟ୍ରୋ), ଆସାମ।
**ବିପରୀତଠିକଣା-**
ଶ୍ରୀ ବାସୁଦେବ ନାୟକ, ୟୁନିଟ-୩ବି, ଏମଡି ସାହା ରୋଡ, ପଲଟନ ବଜାର, ଗୌହାଟି, ଆସାମ, ପିନ୍-୭୮୧୦୦୮।
**ଠାରୁ-**
ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ, (ନେଡଫି), ରେଜିଷ୍ଟର ଅଫିସ- ନେଡଫି ହାଉସ, ଜି.ସ ରୋଡ, ଦିସପୁର, ଗୌହାଟି, ଆସାମ, ପିନ୍-୭୮୧୦୦୬
**ବିଷୟ- ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ, (ନେଡଫି), ରେଜିଷ୍ଟର ଅଫିସ- ନେଡଫି ହାଉସ, ଜି.ସ ରୋଡ, ଦିସପୁର, ଗୌହାଟି, ଆସାମ, ପିନ୍-୭୮୧୦୦୬ (କର୍ପୋରେଟ ଡେବ୍‌ଟର) ତରଫରୁ ଅନାଦାୟ ଋଣ ସମ୍ପର୍କରେ ଡିମାଣ୍ଡ ନୋଟିସ।**
ମହାଶୟ,
୧. ଏହି ଚିଠିଟି ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ, (ନେଡଫି), ରେଜିଷ୍ଟର ଅଫିସ- ନେଡଫି ହାଉସ, ଜି.ସ ରୋଡ, ଦିସପୁର, ଗୌହାଟି, ଆସାମ, ପିନ୍-୭୮୧୦୦୬ (କର୍ପୋରେଟ ଡେବ୍‌ଟର) ତରଫରୁ ଅନାଦାୟ ଋଣ ସମ୍ପର୍କରେ ଡିମାଣ୍ଡ ନୋଟିସ।
୨. ଦୟାକରି ନିମ୍ନରେ ଅନାଦାୟ ଋଣର ବିବରଣୀ ଦେଖନ୍ତୁ-

| ଋଣର ବିବରଣୀ | | | |
|---|---|---|---|
| 1 | ମୋଟ ବକେୟା ଋଣ (ସୁଧ ଏବଂ ଜୋରିମାନା ସହିତ) | | |
| 2 | ଖିଲାପି ଋଣର ପରିମାଣ | **ୟୁନିଟର ନାମ** | **୨୮.୧୧.୨୦୨୫ ମଧ୍ୟରେ ସମସ୍ତ ଋଣର ପରିମାଣ** |
| | | ମେସର୍ସ ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରା. ଲି. (ଡବ୍ଲ୍ୟୁସିଟିଏଲ-।) (ଟ.୫୦୦ ଲକ୍ଷ) | ମୂଳ-ଟ.୧,୦୫,୫୬,୬୭୬/- ସୁଧ-ଟ.୩,୨୪,୧୫,୭୧୬/- ସମୁଦାୟ-ଟ.୪,୨୯,୭୨,୩୯୨/- |
| | | **ମୋଟ** | **ଟ.୪,୨୯,୭୨,୩୯୨/-** |
| 3 | ଋଣର ଶୁଳ୍କ ତାରିଖ | **ୟୁନିଟର ନାମ** | **ଏନପିଏ ତାରିଖ** |
| | | ମେସର୍ସ ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରା. ଲି. (ଡବ୍ଲ୍ୟୁସିଟିଏଲ-।) | **୨୯.୦୨.୨୦୨୦** |
| | | ମେସର୍ସ ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରା. ଲି. (ଡବ୍ଲ୍ୟୁସିଟିଏଲ-।।) | |
| 4 | ଡିଫଲ୍ଟ ହୋଇଥିବା ତାରିଖ | **୧୮.୦୧.୨୦୧୯** | |
| 5 | ଋଣର ପ୍ରକୃତି | **କ୍ୟାପିଟାଲ ଟର୍ମ ଲୋନ** | |
| 6 | ସୁରକ୍ଷିତ ଋଣ ଯେଉଁଥିରେ ରଖାଯାଇଥିବା ସିକ୍ୟୁରିଟିର ବିବରଣୀ, ଏହାର ସୃଷ୍ଟି ତାରିଖ, ଋଣଦାତାଙ୍କ ଅନୁସାରେ ଏହାର ଆନୁମାନିକ ମୂଲ୍ୟ (ଯେପରି ପ୍ରଯୁଜ୍ୟ) ଏବଂ ସିକ୍ୟୁରିଟିର ବିବରଣୀ ଅନ୍ତର୍ଭୁକ୍ତ। | | |
| A | ଏକ ଦୁଇ ମହଲା ବିଶିଷ୍ଟ ଆବାସିକ (କାର ପାର୍କିଂ ଏବଂ ଉପଯୋଗୀତା ପାଇଁ ବେସମେଣ୍ଟ ମହଲା ସମେତ) ମିରାଣ୍ଡା ପ୍ରକାର ଭିଲା ନଂ. ୪୬ ଯାହାର ସୁପର ବିଲ୍ଟଅପ୍ କ୍ଷେତ୍ରଫଳ ୪୩୫୯ ବର୍ଗଫୁଟ କମ୍ କିମ୍ବା ଅଧିକ, ସାଧାରଣ କ୍ଷେତ୍ର ଏବଂ ସୁବିଧାରେ ଅବିଭକ୍ତ ଆନୁପାତିକ ଏବଂ ଅପ୍ରତ୍ୟାଶିତ ଭାବରେ ଅଂଶ ଏବଂ/ଅଥବା ସ୍ୱାର୍ଥ ସହିତ ପ୍ରାୟ ୬୨୮.୭୧ କୋଟା ପରିମିତ ଜମିର ଏକ ପର୍ସେଲ୍ ରେ ଅନ୍ତର୍ଭୁକ୍ତ, ଯାହା LR ଦାଗ୍ ନଂ. ୩୨୧/୬୧୫ ରେ ଅନ୍ତର୍ଭୁକ୍ତ, LR ଖତିୟାନ ନଂ. ୯୦୪ (ପୂର୍ବରୁ ଖତିୟାନ ନଂ. ୨୮୩/୨, ୪୬୫/୩, ୪୬୫/୪, ୫୨୮/୩ ଏବଂ ୫୨୮/୪) ମୌଜା- କୋଚପୁକୁର, ଜେଲ ନଂ. ୨ ତୌଜି ନଂ. ୧୦ ପି.ଏସ୍. କୋଲକାତା ଚମଡା କମ୍ପ୍ଲେକ୍ସ ଜିଲ୍ଲା-୨୪ ପରଗନା (ଦକ୍ଷିଣ) ବାମୁନଘାଟା ଗ୍ରାମ ପଞ୍ଚାୟତର ସୀମା ମଧ୍ୟରେ ୧୦୦ ବର୍ଗଫୁଟ ଆରଟି ଛାଇ ସହିତ ଅବସ୍ଥିତ ଏବଂ ଏହା ଉତ୍ତରରେ ପ୍ରକଳ୍ପ ସୀମା, ପୂର୍ବରେ ପ୍ଲଟ୍ ନମ୍ବର ୪୫, ଦକ୍ଷିଣରେ ଆଭ୍ୟନ୍ତରୀଣ ରାସ୍ତା ବୋଲେଗାର୍ଡ କୋଷ୍ଟା ବ୍ଲାଙ୍କା ଏବଂ ପଶ୍ଚିମରେ ପ୍ଲଟ୍ ନମ୍ବର ୪୭ ସହିତ ଘେରି ରହିଛି। | | |
| B | ଏକ ଦୁଇ ମହଲା ବିଶିଷ୍ଟ ଆବାସିକ (କାର ପାର୍କିଂ ଏବଂ ଉପଯୋଗୀତା ପାଇଁ ବେସମେଣ୍ଟ ମହଲା) ଲିଓନ୍ ପ୍ରକାର ଭିଲା ନଂ ୪୩ ଯାହାର ସୁପର ବିଲ୍ଟଅପ୍ କ୍ଷେତ୍ରଫଳ ୩୪୮୩ ବର୍ଗଫୁଟ ଏବଂ ଏହା ବୋଲେଗାର୍ଡ କୋଷ୍ଟା ବ୍ଲାଙ୍କାରେ ଅବସ୍ଥିତ ପ୍ରାୟ ୩.୫୩୨ କୋଟା ପରିମିତ ଜମି ସହିତ ଏକ ପ୍ଲଟ୍ ଉପରେ ଅବସ୍ଥିତ। ଏହା ଆର୍‌ଏସ୍ ଦାଗ୍ ନଂ ୩୨୧/୬୧୫ ରେ ଥିବା ପ୍ରାୟ ୬୨୮.୭୧ କୋଟା ପରିମିତ ଜମି ଉପରେ ନିର୍ମିତ ଆଇଡିଆଲ୍ ଭିଲା ନାମକ ଲେଆଉଟ୍ ରେ ଅନ୍ତର୍ଭୁକ୍ତ, ଯାହା ଆଇଆର୍ ଖତିୟାନ ନଂ ୯୦୪ (ପୂର୍ବରୁ ଖତିୟାନ ନଂ ୨୮୩/୨, ୪୬୫/୩, ୪୬୫/୪, ୫୨୮/୩ ଏବଂ ୫୨୮/୪) ମୌଜା- କୋଚପୁକୁର, ଜେଲ୍ ନଂ ୨ ତୌଜି ନଂ ୧୦ ପି.ଏସ୍. କୋଲକାତା ଚମଡା କମ୍ପ୍ଲେକ୍ସ ଜିଲ୍ଲା-୨୪ ପରଗନା (ଦକ୍ଷିଣ) ବାମୁନଘାଟା ଗ୍ରାମ ପଞ୍ଚାୟତର ସୀମା ମଧ୍ୟରେ) ଏବଂ ଉତ୍ତରରେ ପରିବେଷ୍ଟିତ ଏବଂ ବ୍ୟାଟେଡ୍ - ପ୍ରକଳ୍ପ ସୀମା ଦ୍ୱାରା, ପୂର୍ବରେ - ପ୍ଲଟ୍ ନମ୍ବର - ୪୨ ଦ୍ୱାରା, ଦକ୍ଷିଣରେ - ଆଭ୍ୟନ୍ତରୀଣ ରାସ୍ତା ବୋଲେଗାର୍ଡ କୋଷ୍ଟା ବ୍ଲାଙ୍କା ଦ୍ୱାରା ଏବଂ ପଶ୍ଚିମରେ - ପ୍ଲଟ୍ ନମ୍ବର ୪୪ ଦ୍ୱାରା। | | |
| 7 | ଅସୁରକ୍ଷିତ ଋଣ (ଯେପରି ପ୍ରଯୁଜ୍ୟ) | NA | |
| 8 | ଋଣକୁ ବୁଝାଉଥିବା ସାମଗ୍ରୀ ସମ୍ପର୍କରେ ମାଲିକାନା ବ୍ୟବସ୍ଥା (ଯଦି ଥାଏ) ର ସଂରକ୍ଷଣର ବିବରଣୀ | ଉପରେ ପଏଣ୍ଟ 6 (A) ଏବଂ (B) ରେ ଉଲ୍ଲେଖିତ ସମ୍ପତ୍ତି ପାଇଁ ହଁ | |
| 9 | ଯଦି କୌଣସି ଡିଫଲ୍ଟ, ଯଦି କୌଣସି ଥାଏ, ତେବେ ବିଚାର କରୁଥିବା କୋର୍ଟ, ଟ୍ରିବ୍ୟୁନାଲ୍ କିମ୍ବା ମଧ୍ୟସ୍ଥତା ପ୍ୟାନେଲର ଆଦେଶର ବିବରଣୀ | ମାନ୍ୟବର NCLT, ଗୌହାଟି ବେଞ୍ଚର ୧୧/୧୨/୨୦୨୩ ତାରିଖର ଆଦେଶ ଅନୁଯାୟୀ ଶ୍ରୀମତୀ ସୁଧା ଶର୍ମାଙ୍କୁ ଲିକ୍ୱିଡେଟର ଭାବରେ କମ୍ପାନୀର ଲିକ୍ୱିଡେସନ୍ ପ୍ରକ୍ରିୟା ଆରମ୍ଭ କରାଯାଇଛି, ଯାହା ବର୍ତ୍ତମାନ ଚାଲିଛି। | |
| 10 | ସୂଚନା ଉପଯୋଗୀତା ସହିତ ଡିଫଲ୍ଟର ରେକର୍ଡ, ଯଦି ଥାଏ | ଡିଫଲ୍ଟ ଷ୍ଟେଟମେଣ୍ଟ, ସିଆରଆଇଏଲସି ରିପୋର୍ଟ | |
| 11 | ଭାରତୀୟ ଉତ୍ତରାଧିକାର ଆଇନ, 1925 (1925 ର 10) ଅନୁଯାୟୀ ଉତ୍ତରାଧିକାର ପ୍ରମାଣପତ୍ର, କିମ୍ବା ଇଚ୍ଛାପତ୍ରର ପ୍ରମାଣପତ୍ର, କିମ୍ବା ପ୍ରଶାସନ ପତ୍ର, କିମ୍ବା କୋର୍ଟ ଡିକ୍ରି (ଯେପରି ପ୍ରଯୁଜ୍ୟ ହୋଇପାରେ) ର ବିବରଣୀ | NA | |
| 12 | ଆଇନ, ଚୁକ୍ତିନାମା କିମ୍ବା ଅନ୍ୟାନ୍ୟ ଦଲିଲର ବ୍ୟବସ୍ଥା ଯାହା ଅନୁଯାୟୀ ଋଣ ଦେୟ ହୋଇଛି | ଗ୍ୟାରେଣ୍ଟି/ ବନ୍ଧକ କାଗଜପତ୍ର | |
| 13 | ଋଣ ଗ୍ରହଣ ହୋଇଥିବା ତାରିଖରୁ, କର୍ପୋରେଟ୍ ଋଣଗ୍ରହୀତାଙ୍କ ଋଣ ସମ୍ପର୍କରେ ଋଣଦାତାଙ୍କ ଦ୍ୱାରା ସାଧାରଣତଃ ଜମା କିମ୍ବା କ୍ରେଡିଟ୍ ଗ୍ରହଣ କରାଯାଇଥିବା ବ୍ୟାଙ୍କ ଆକାଉଣ୍ଟର ଏକ ବିବରଣୀ। | ଆକାଉଣ୍ଟ ଷ୍ଟେଟମେଣ୍ଟ ସମସ୍ତ ଲୋନ ଆକାଉଣ୍ଟ ସହିତ | |
| 14 | ଋଣର ଅସ୍ତିତ୍ୱ ଏବଂ ଖିଲାପୀ ପରିମାଣ ପ୍ରମାଣ କରିବା ପାଇଁ ଏହି ନୋଟିସ ସହିତ ସଂଲଗ୍ନ ଡକ୍ୟୁମେଣ୍ଟଗୁଡ଼ିକର ତାଲିକା | ସାଙ୍କସନ୍ ଲେଟର, ଗ୍ୟାରେଣ୍ଟି କାଗଜପତ୍ର ବନ୍ଧକ କାଗଜପତ୍ର ସମସ୍ତ | |

3. ଯଦି ଆପଣ ବିଶ୍ୱାସ କରନ୍ତି ଯେ ଏହି ନୋଟିସ୍ ପାଇବା ପୂର୍ବରୁ ଋଣ ପରିଶୋଧ କରାଯାଇଛି, ତେବେ ଦୟାକରି ଏହି ନୋଟିସ୍ ପାଇବାର ଚଉଦ ଦିନ ମଧ୍ୟରେ ଆମକୁ ନିମ୍ନଲିଖିତ ଠିକଣାରେ ପଠାଇ ଏପରି ପରିଶୋଧ ପ୍ରଦର୍ଶନ କରନ୍ତୁ: -
ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ୍, (NEDFi), ପଞ୍ଜିକୃତ କାର୍ଯ୍ୟାଳୟ: "NEDFi ହାଉସ",G. S. ରୋଡ୍, ଦିସପୁର, ଗୌହାଟି, ଆସାମ, PIN - 781006, (କର୍ପୋରେଟ୍ ଋଣଗ୍ରହୀତାଙ୍କ) ଇମେଲ୍- samd@nedfi.com/bsaha@nedfi.com।
(କ) ଗ୍ୟାରେଣ୍ଟରଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅନାଦେୟ ପରିମାଣର ଇଲେକ୍ଟ୍ରୋନିକ୍ ସ୍ଥାନାନ୍ତର ରେକର୍ଡର ଏକ ପ୍ରମାଣିତ କପି; କିମ୍ବା
(ଖ) ଗ୍ୟାରେଣ୍ଟରଙ୍କ ଦ୍ୱାରା ଜାରି ଅନାଦେୟ ପରିମାଣର ଚେକ୍ ନଗଦ କରିବାର ପ୍ରମାଣ; କିମ୍ବା
(ଗ) ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ୍, (NEDFi), ପଞ୍ଜିକୃତ କାର୍ଯ୍ୟାଳୟ: "NEDFi ହାଉସ", G. S. ରୋଡ୍, ଦିସପୁର, ଗୌହାଟି, ଆସାମ, PIN - 781006 ପେମେଣ୍ଟ ପାଇଥିବା ଯେକୌଣସି ରେକର୍ଡର ଏକ ପ୍ରମାଣିତ କପି।
୪. ନିମ୍ନ ସ୍ୱାକ୍ଷରକାରୀ ଆପଣଙ୍କୁ ଏହି ଚିଠି ପାଇବାର ଚଉଦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଅନାଦେୟ ଋଣ ପରିଶୋଧ କରିବାକୁ ଅନୁରୋଧ କରୁଛନ୍ତି, ନଚେତ୍ ଆପଣଙ୍କ ବିରୁଦ୍ଧରେ କୋଡ୍ ଅନୁଯାୟୀ ଦେବାଳିଆ ସମାଧାନ ପ୍ରକ୍ରିୟା ଆରମ୍ଭ କରାଯିବ।

**ଧନ୍ୟବାଦ**
**ସ୍ୱା/-**
**ଡେପୁଟି ଜେନେରାଲ ମ୍ୟାନେଜର (ଏସଏଏମଡି)**

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୮ ନଭେମ୍ବର ୨୦୨୫ ● ଶୁକ୍ରବାର

## ରାସ୍ତା କାର୍ଯ୍ୟକୁ ନେଇ ବିଜେପିର ଦୁଇଗୋଷ୍ଠୀ ମୁହାଁମୁହିଁ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ଜଗନ୍ନାଥପୁର ରାଜସ୍ୱ ଗ୍ରାମର ଉଉରପଟ ବାରିତଳ ରାସ୍ତା ଢ଼ଳାଇ ନିମନ୍ତେ ବିକଶିତ ଗାଁ ବିକଶିତ ଓଡ଼ିଶା ତରଫରୁ ୩ଲକ୍ଷ ୬୪ହଜାର ଟଙ୍କା ଅଟକଳ ରାଶି ଅନୁମୋଦନ କରାଯାଇଥିଲା। ଏହି କାର୍ଯ୍ୟାଦେଶ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ଥିବା ବେଳେ ବିଜେପିର ଦୁଇଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଛନ୍ତି। ଗୋଟିଏ ଗୋଷ୍ଠୀ କାର୍ଯ୍ୟ କରିବା ପାଇଁ ବାଲିଗୋଡି ସରଞ୍ଜାମ ରଖିଥିବା ବେଳେ ଅନ୍ୟଗୋଷ୍ଠୀ ମଧ ରାସ୍ତା ନିର୍ମାଣ ପାଇଁ ଆନୁସଙ୍ଗିକ ଜିନିଷ ମହଜୁଦ୍ ରଖିଛନ୍ତି। ଉଭୟ ଗୋଷ୍ଠୀ ମଧ ଦୁଇଟି ପୃଥକ ପୃଥକ ଫଳ ମାରିଛନ୍ତି। ଫଳରେ ଗ୍ରାମରେ ଅଶାନ୍ତି ଏବଂ ଗଣ୍ଡଗୋଳର ସମ୍ଭାବନା ଥିବାରୁ ସ୍ଥାନୀୟ ସରପଂଚ ପ୍ରଭୁ ପ୍ରସାଦ ବେହେରା ବୈଦ୍ୟେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ନକଲ ମଧ ଉପଜିଲ୍ଲାପାଳ ବାଙ୍କୀ ଏବଂ ମଣ୍ଡଳ ଉନ୍ନୟନ ଅଧିକାରୀ ବାଙ୍କୀକୁ ଜଣାଇଛନ୍ତି। ଏହାର ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ କାର୍ଯ୍ୟ ସ୍ଥଗିତ ରଖିବା ପାଇଁ ସରପଞ୍ଚ ପ୍ରଶାସନ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଛନ୍ତି। ଯଦି ଉଭୟଗୋଷ୍ଠୀ କାର୍ଯ୍ୟକରନ୍ତି ତାହାଲେ ପଂଚାୟତରେ ଅଶାନ୍ତି ସୃଷ୍ଟି ହେବା ସହ ଧନଜୀବନ ନଷ୍ଟ ହେବାର ଆଶଙ୍କ ଥିବାରୁ ସରପଂଚ ଶ୍ରୀ ବେହେରା ଲିଖିତ ଭାବେ ଜଣାଇବା ସହ ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଏହାର ସମାଧାନ କରିବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି।

## ଗ୍ରୀଲ ଭାଙ୍ଗି ୮ ଲକ୍ଷ ଟଙ୍କାର ଗହଣା ଚୋରି

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ସୀମାନ୍ତ ରାଜ୍ୟ ରାଜପଥ ୫୭ର ଆମ୍ବଳିଅଠା ପେଟ୍ରୋଲପମ୍ପ ନିକଟ ଶାନ୍ତନୁ ସେନାପତିଙ୍କ ଘରୁ ଗତ ରାତିରେ ଗ୍ରୀଲ ଭାଙ୍ଗି ଲକ୍ଷଲକ୍ଷ ଟଙ୍କାର ସମ୍ପତ୍ତି ଚୋରି ହୋଇଯାଇଛି। ଶାନ୍ତନୁ ଓ ତାଙ୍କ ସ୍ତ୍ରୀ ଭୁବନେଶ୍ୱର ଡାକ୍ତରଙ୍କ ନିକଟକୁ ଯାଇଥିବାରୁ ଘରେ କେହି ନଥିବାର ସୁଯୋଗ ନେଇ ଦୃର୍ବୃତ୍ତମାନେ ଘରର ଗ୍ରୀଲ ଭାଙ୍ଗି ଓ କୋଠରୀର ତାଲା ଭାଙ୍ଗିବା ସହିତ ଆଲମାରୀକୁ ଭାଙ୍ଗି ୮ଭରୀ ଓଜନର ୨ଟି ସୁନା ଚେନ୍, ବଳା, ପଲା ଇତ୍ୟାଦି ଗହଣା ଓ ନଗଦ ୧୦ହଜାର ଟଙ୍କା ଚୋରି କରିନେଇଛନ୍ତି। ଗୁରୁବାର ଶାନ୍ତନୁ ଓ ତାଙ୍କ ସ୍ତ୍ରୀ ଘରକୁ ଫେରି ଘଟଣା ସମ୍ପର୍କରେ ପୁଲିସ୍‌କୁ ଖବର ଦେଇଥିଲେ। ଜଳେଶ୍ୱର ପୁଲିସ୍ ଘଟଣାସ୍ଥଳରେ ପହଂଚି ସିସି କ୍ୟାମେରା ଫୁଟେଜ ସଂଗ୍ରହ କରିଥିବା ବେଳେ ଏଥିରେ ୪ଜଣ ଦୃବୃତ୍ତ ସାମିଲ ଥିବା ଜାଣିବାକୁ ପାଇଛି। ଆମ୍ବଳିଅଠା ୫୭ ନଂ ରାଜ୍ୟ ପଥ ଅପରାଧୀଙ୍କ ଚରା ଭୂଇଁ ପାଲଟିଥିବା ବେଳେ ଦୁର୍ବୃତ୍ତମାନଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପଂଚାୟତ ପାଣି କର୍ମଚାରୀଙ୍କ ଦରମା ହଡପ !

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଆଳସାହି ପଂଚାୟତରେ କାର୍ଯ୍ୟରତ ପମ୍ପ ଡ୍ରାଇଭର କର୍ମଚାରୀ ବା (ଏସଇଏମ)ଙ୍କ ଦରମା ଉଠାଯାଇ ତାଙ୍କୁ ଦିଆନଯାଇ ହଡପ ହୋଇଥିବା ଅଭିଯୋଗ କରିଛନ୍ତି। ସୂଚନା ଥାଉକି ପମ୍ପ ଡ୍ରାଇଭର ମନୋଜ ସ୍ୱାଇଁ ଆଳସାହି ଗ୍ରାମ ପଂଚାୟତ ପକ୍ଷରୁ ସମସ୍ତ ସରକାରୀ ନିୟମ ଅନୁଯାଇ ୩ ବର୍ଷ ୭ ମାସ ବା ୪୩ ମାସ ହେଲାଣି ପଂଚାୟତରେ କାର୍ଯ୍ୟ କରୁଛନ୍ତି। ତାଙ୍କୁ ମାସକୁ ୨ ହଜାର ହିସାବରେ ମୋଟ ୮୬ ହଜାର ପାଇବା ବଦଳରେ ମାତ୍ର ୪ ହଜାର ପାଇଛନ୍ତି। କିନ୍ତୁ ସେ ସବୁଠାରୁ ଆଶ୍ଚର୍ଯ୍ୟ କଥା ପ୍ରତି ବର୍ଷ ଏସଇଏମ ବାବଦକୁ ଆସୁଥିବା ଟଙ୍କା ଗ୍ରାମପଞ୍ଚାୟତ ଜିପିଡିପିରେ ମଂଜୁର କରାଯାଇଛି କିନ୍ତୁ ମୋର ପାରିଶ୍ରମିକ ବାବଦକୁ ଟଙ୍କା ଦିଆଯାଇନାହିଁ ବୋଲି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ମନୋଜ ଅଭିଯୋଗ ଆଣି କହିଛନ୍ତି ସରପଞ୍ଚଙ୍କ ପ୍ରତିନିଧି ପ୍ରଦେଶ କୁମାର ବରାଳଙ୍କୁ ଅବଶିଷ୍ଟ ୮୨ ହଜାର ଟଙ୍କା ମାଗିବାରୁ ସେ ତୁମର ନିଯୁକ୍ତି ପାଇଁ ଜିଲ୍ଲା ପଂଚାୟତ ଅଧିକାରୀଙ୍କ ନିକଟକୁ ପଠାଯାଇଛି, ତୁମର ନିଯୁକ୍ତି ପତ୍ର ଆସିବାପରେ ତୁମର ଅବଶିଷ୍ଟ ଟଙ୍କା ଦିଆଯିବ ବୋଲି ଶ୍ରୀ ବରାଳ କହୁଥିବା ସେ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ସେ ମଣ୍ଡଳ ଉନ୍ନୟନ ଅଧିକାରିଣୀଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମଣ୍ଡଳ ଉନ୍ନୟନ ଅଧିକାରିଣୀଙ୍କୁ ଯୋଗାଯୋଗ କରଥିଲେ ମଧ ସେ ଫୋନ ଉଠାଇନଥିଲେ।

## ଚାଷୀମାନଙ୍କୁ ଶଙ୍କର ଜାତୀୟ ଗାଇ ପ୍ରଦାନ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁରସ୍ଥିତ ଓମଫେଡ ପ୍ରଶିକ୍ଷଣ କେନ୍ଦ୍ରରେ ବିଶ୍ୱ ଦୁଗ୍ଧ ଦିବସ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଅତିରିକ୍ତ ନିର୍ଦ୍ଦେଶକ ଡାଃ ଗିରିଧାରୀ ଭୋଇ, ସି.ଡି.ଭି.ଓ ଡାଃ ସୁଶାନ୍ତ ନାୟକ, ଏନ୍‌ଡିଏସ୍ ଜୋନାଲ ହେଡ ଡାଃ ଏସ୍. ଶଙ୍କର, ମ୍ୟାନେଜର ହରପ୍ରିୟା ଦାଶ, ଡାଃ ଅନ୍ତର୍ଯ୍ୟାମି ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେରେ କାମଧେନୁ ଯୋଜନା ମାଧ୍ୟମରେ ବିଭିନ୍ନ ବ୍ଲକର ହିତାଧିକାରୀମାନଙ୍କୁ ଶଙ୍କର ଜାତୀୟ ଗାଇ ପ୍ରଦାନ କରାଯାଇଥିଲା। ଉକ୍ତ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ରାଜ୍ୟ ବାହାରୁ ଯାଇ ଗାଈ ଆଣିବାକୁ ପଡିଥାଏ ଯାହା ଦ୍ୱାରା ଚାଷୀମାନେ ଅଯଥା ଖର୍ଚ୍ଚାନ୍ତ ହେବା ସହ ନାନାଦି ଅସୁବିଧାର ସମ୍ମୁଖିନ ହୋଇ ଆସୁଥିଲେ। ରାଜ୍ୟ ସରକାର ଏହାକୁ ଦୃଷ୍ଟିରେ ରଖି ଫୁଲନଖରା ସ୍ଥିତ ଓମଫେଡ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଥମେ ଗାଈମାନଙ୍କୁ ଅଣାଯାଇ ସେଠାରେ ରଖାଯିବ। ତତ୍‌ପରେ ହିତାଧିକାରୀମାନେ ସେଠାକୁ ଯାଇ ଗାଈମାନଙ୍କୁ ବୁଲି ଦେଖିବା ସହ ଗୁଣବତ୍ତା ହିସାବରେ ବିଚାର କରି ନେବେ। କାମଧେନୁ ଯୋଜନା ଚାଷୀଙ୍କୁ ସ୍ଥାୟୀ ଆୟ, କମ ନିବେଶ, ଅଧିକ ଉତ୍ପାଦନ ଓ ନିଶ୍ଚିତ ଲାଭ ଦେଇ ଆର୍ଥିକ ଭାବେ ସୁବଳ କରିବ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଉପସ୍ଥିତ ଚାଷୀ, ହିତାଧିକାରୀ ବେଶ ଖୁସି ହେବା ସହ ରାଜ୍ୟ ସରକାରଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି।

## ଶିଖରପୁର ସଂରକ୍ଷିତ ଜଙ୍ଗଲରେ ହାତୀ ଆତଙ୍କ

**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡା ବନାଞ୍ଚଳ ଅଧିନ ସାପୁଆ ସଂରକ୍ଷିତ ଜଙ୍ଗଲରେ ୪ ଟିକିଆ ହାତୀପଲକୁ ନେଇ ଗତ ୫ ଦିନ ହେଲା ସାଧାରଣରେ ଆତଙ୍କ ସୃଷ୍ଟି ହୋଇଥିବା ବେଳେ ବୁଧବାର ରାତିରେ ଯୋଗିଆପଲ୍ଲୀ ପଞ୍ଚାୟତ ଅଧିନ ଲକ୍ଷ୍ମୀପ୍ରସାଦ ଗ୍ରାମରେ ହାତୀ ପଲ ଅମଳ ହୋଇ ଖଳାରେ ରଖା ଯାଇଥିବା ଧାନ କଳେଇଗୁଡିକୁ ଦଳା ଚକଟା କରି ନଷ୍ଟ କରି ଦେଇଥିବା ଜଣାପଡିଛି। ଗ୍ରାମବାସୀଙ୍କ ସୁତ୍ରରୁ ମିଳିଥିବା ସୂଚନା ମୁତାବକ ବୁଧବାର ବିଳମ୍ବିତ ରାତିରେ ଲକ୍ଷ୍ମୀପ୍ରସାଦ ଗ୍ରାମର ଦୀନବନ୍ଧୁ ବରାଡଙ୍କ ବାଡିରେ ଅମଳ ନିମନ୍ତେ ରଖାଯାଇଥିବା ପ୍ରାୟ ୪ ଶହରୁ ଉର୍ଦ୍ଧ୍ୱ ଧାନ କଳେଇ ହାତୀପଲ ନଷ୍ଟ କରିଛନ୍ତି। ଗୁରୁବାର ଭୋର ସମୟରେ ଗାଁ ମୁହାଁ ହୋଇଥିବା ହାତୀପଲ ଫସଲ ନଷ୍ଟ କରିବା ପରେ ଗ୍ରାମ ନିକଟସ୍ଥ ରାସୋଳ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦିନତମାମ ଡେରା ପକାଇ ଥିବାରୁ ଗ୍ରାମବାସୀ ଏବେ ଭୟଭୀତ ଅବସ୍ଥାରେ ଥିବା ଜଣାପଡିଛି। ହାତୀ ପଲକୁ ଘଉଡାଇବା ନିମନ୍ତେ ବନ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଅଞ୍ଚଳବାସୀ ଏ ସଂପର୍କରେ ନୟାଗଡ ବନଖଣ୍ଡ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ସୂଚନାଯୋଗ୍ୟ ହାତୀପଲଙ୍କ ଉପଦ୍ରବ ଯୋଗୁଁ ସମଗ୍ର ଯୋଗିଆପଲ୍ଲୀ ଓ ଶିଖରପୁର ପଞ୍ଚାୟତବାସୀ ଆତଙ୍କିତ ହୋଇ ପଡ଼ିଥିବା ଜଣାଯାଇଛି। ତେବେ ନୟାଗଡ ଜିଲ୍ଲା ଅଧିନ ଖେଡପଡା ସେକ୍ସନ ବନପାଳଙ୍କ ସହ ଯୋଗାଯୋଗ କରିବାରେ ବନବିଭାଗ ଟିମ ସେଥିପ୍ରତି ସଜାଗ ଥିବା ନେଇ ସେ ସୂଚନା ଦେଇଛନ୍ତି।

## ବିକାଶ ଖୋଜୁଛି ମା'ଭୁଆଷୁଣୀ ପୀଠ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀରୁ କଟକ ଯିବା ମୁଖ୍ୟ ରାସ୍ତାରେ ୧୫କି.ମି. ଗଲେ ପଡେ ମୁରାରୀପୁର। ସେଠାରୁ ୧କି.ମି. ଦୂରରେ ମହାନଦୀ କୂଳରେ ଅବସ୍ଥିତ ପୁରାତନ ଡମପଡ଼ା ରାଜାଙ୍କ ଉଆସ କାଳିକାପ୍ରସାଦ ଓ ସେଠାରେ ଡମପଡ଼ା ରାଜାଙ୍କ ଦ୍ୱାରା ସ୍ଥାପିତ ଗ୍ରାମଦେବତୀ ଭାବରେ ଅଛନ୍ତି 'ମା'ଭୁଆଷୁଣୀ'। ପ୍ରାକୃତିକ ମନୋରମ ପରିବେଶ ମଧ୍ୟରେ ମା'ଙ୍କୁ ଦର୍ଶନ କରିବା ପାଇଁ ମହାନଦୀରେ ଡଙ୍ଗା ସାହାଯ୍ୟରେ ବିଭିନ୍ନ ସ୍ଥାନରୁ ସେଠାକୁ ଆସି ମାଆଙ୍କୁ ଦର୍ଶନ କରନ୍ତି। ମାଆ ଭୁଆଷୁଣୀ ପୀଠ ନିକଟରେ ପ୍ରଭୁ ଶିବମନ୍ଦିର ରହିଛି। ଏଠାରେ ବିଭିନ୍ନ ଉତ୍ସବ ପାଳନ ହେବା ସହିତ ବିବାହ , ନିର୍ବନ୍ଧ, ବଣଭୋଜି ଆଦି ହୋଇଥାଏ। ଏହି ସ୍ଥାନର ଉନ୍ନତି ପାଇଁ ସଂଯୋଗୀ ରାସ୍ତାର ଉନ୍ନତିକରଣ, ପର୍ଯ୍ୟଟକମାନଙ୍କ ପାଇଁ ପାନୀୟ ଜଳଯୋଗାଣ, ବଣଭୋଜି ପେଣ୍ଡି, ବିଶ୍ରାମ ଗୃହ ଓ ପୀଠର ଚତୁଃ ପାର୍ଶ୍ୱେ ପାଚେରୀ ନିର୍ମାଣ ଆଦି କରିବା ପାଇଁ ସେଠକାର ଗ୍ରାମବାସୀ ଦାବି କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଖପ୍ପା: ୩୬ ଅଧିକାରୀଙ୍କ ଦରମା ବନ୍ଦ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ପ୍ରଶାସନ ଉପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖପ୍ପା ହୋଇଛି। ଅଭିଯୋଗ ଶୁଣାଣିକୁ ନେଇ ସିଏମ ଗ୍ରିଭାନ୍ସେଲ ଖପ୍ପା ହୋଇଛି। ଅଭିଯୋଗ ସମାଧାନ କ୍ଷେତ୍ରରେ କଟକ ସବୁଠୁ ପଛରେ ପଡ଼ିଛି। ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି ସତ୍ତ୍ୱେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଉନି। ଯାହାକୁ ନେଇ ୩୬ଜଣ ଅଧିକାରୀଙ୍କ ଦରମା ବନ୍ଦ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅଧିକାରୀମାନଙ୍କ ନଭେମ୍ବର ମାସର ଦରମା ବନ୍ଦ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୭୯୦ ଜଣଙ୍କର ଅଭିଯୋଗକୁ ଜନ ଶୁଣାଣିରେ ଅଧିକାରୀମାନେ ସମାଧାନ କରିନାହାନ୍ତି। ତେଣୁ ସେହିସବୁ ଅଧିକାରୀମାନଙ୍କ ଚଳିତ ନଭେମ୍ବର ମାସର ବନ୍ଦ ପାଇଁ କଟକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ହୋଇଛି। ଜିଲ୍ଲାପାଳଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଏହିସବୁ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ଜିଲ୍ଲାପାଳ ଜିଲ୍ଲା ଟ୍ରେଜେରୀ ଅଧିକାରୀ ସହ ଜିଲ୍ଲାର ସମସ୍ତ ସବ ଟ୍ରେଜେରୀକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ସରକାର ଭିନ୍ନକ୍ଷମଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା ପାଇଁ ପ୍ରତିବଦ୍ଧ': ମନ୍ତ୍ରୀ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଏସ୍.ଆଇ.ଏସ୍.ଇ.ଆର୍)ର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ନିରନ୍ତର ପୁନର୍ବାସ ଶିକ୍ଷା (ସିଆରଇ) କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ ଯେ ଶିଶୁମାନଙ୍କୁ ପ୍ରଥମରୁ ଉପଯୁକ୍ତ ଯତ୍ନ ଓ ଚିକିତ୍ସା ଦିଆଯାଇପାରିଲେ ସେମାନଙ୍କର ଭିନ୍ନକ୍ଷମତାକୁ ନିୟନ୍ତ୍ରଣ କରାଯାଇପାରିବ। ଚଳିତ ବର୍ଷର ଶୀର୍ଷକ 'ବହୁବିଧ ଭିନ୍ନକ୍ଷମତା ପାଇଁ ପ୍ରାରମ୍ଭିକ ହସ୍ତକ୍ଷେପର ଗୁରୁତ୍ୱ' ରହିଥିବାବେଳେ ଏହା ଆଜିର ସମୟରେ ପ୍ରାସଙ୍ଗିକତା ବୋଲି ମତ ରଖି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଲେ ଯେ ଭିନ୍ନକ୍ଷମମାନଙ୍କ ମଧ୍ୟରେ ଅନେକ ଅନ୍ତର୍ନିହିତ ପ୍ରତିଭା ରହିଛି। ରାଜ୍ୟ ସରକାର ସେମାନଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା ପାଇଁ ପ୍ରତିବଦ୍ଧ। ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲା ଓ ବ୍ଲକସ୍ତରରେ ଭିନ୍ନକ୍ଷମ ପିଲାମାନଙ୍କ ଉପଚାର ପାଇଁ ଡି.ଡି.ଆର୍.ସି, ଆଇ.ଆଇ.ସି ଏବଂ ଅନ୍ୟାନ୍ୟ ସଂସ୍ଥା ମାଧ୍ୟମରେ ପୁନର୍ବାସ କେନ୍ଦ୍ର ଖୋଲାଯାଇଛି। ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର ଉପଚାର, ସ୍ୱତନ୍ତ୍ର ଶିକ୍ଷା ଏବଂ ଶାରୀରିକ ଓ ମାନସିକ ଯତ୍ନକୁ ଗୋଟିଏ ସମନ୍ୱିତ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ଲକମାନଙ୍କରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ଦ୍ୱାରା ସାଧାରଣ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଭିନ୍ନକ୍ଷମ ପିଲାମାନେ ଉପଯୁକ୍ତ ଶିକ୍ଷା ପାଇପାରିବେ। ଏଥିପାଇଁ ୧୫୦୦ ଶିକ୍ଷକ ନିୟୋଜନ ପାଇଁ ବ୍ୟବସ୍ଥା କରାଯାଇଛି। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସହାୟତା ଉପକରଣ ଯୋଗାଣ, ଜୀବିକା ନିର୍ବାହ ପାଇଁ ସହାୟତା, ସଚେତନତା କାର୍ଯ୍ୟକ୍ରମ ଆଦି ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି। ଏସବୁର ସଫଳ ରୂପାୟନ ପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ନାଗରିକମାନେ ସମାଜପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀ ଗଣ୍ଡ ଅନୁରୋଧ କରିଥିଲେ।

ବିଭାଗୀୟ ନିର୍ଦ୍ଦେଶକ ସୁଶ୍ରୀ ପାରୁଲ ପଟାୱରୀ କହିଲେ ଯେ ବିଭିନ୍ନ ପ୍ରକାର ଶାରୀରିକ ଭିନ୍ନକ୍ଷମତା ଥିବା ପିଲାମାନଙ୍କ ସହ ଅଟିଜିମ୍‌ରେ ପୀଡିତ ଶିଶୁମାନଙ୍କୁ ସ୍ପିଚ୍ ଥେରାପି, ଅକୁପେସନାଲ ଥେରାପି ଦିଆଯାଇ ସେମାନଙ୍କ ସାମର୍ଥ୍ୟରେ ଉନ୍ନତି ଆଣିହେବ। ଉପଯୁକ୍ତ ଶାରୀରିକ ଓ ମାନସିକ ମାର୍ଗଦର୍ଶନ ସହ ସ୍ୱତନ୍ତ୍ର ଶିକ୍ଷା ସେମାନଙ୍କୁ ଭବିଷ୍ୟତରେ ଆତ୍ମନିର୍ଭର ହୋଇ ଜୀବନଯାପନ କରିବାରେ ସମର୍ଥ କରିପାରିବ। ଏଥିପାଇଁ ବାଲ୍ୟକାଳରୁ ଶିଶୁଟିର ଭିନ୍ନକ୍ଷମତାର ମୂଲ୍ୟାୟନ, ନିରନ୍ତର ଯୋଜନା, ଡାକ୍ତର ଏବଂ ବିଶେଷଜ୍ଞମାନଙ୍କ ମଧ୍ୟରେ ସମନ୍ୱୟ, ପରିବାରର ଯତ୍ନର ଆବଶ୍ୟକତା ରହିଛି। ଏଥିପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଛି। ଶିଶୁମାନଙ୍କ ଶାରୀରିକ ଓ ମାନସିକ ଭିନ୍ନକ୍ଷମତାକୁ ଜାଣିବା ସହ ସେମାନଙ୍କୁ ପୁନର୍ବାସ କେନ୍ଦ୍ରରେ ଉପଯୁକ୍ତ ସହାୟତା ଦେବା ଉଦ୍ଦେଶ୍ୟରେ ଜିଲ୍ଲା ଓ ବ୍ଲକ୍ ସ୍ତରରେ ବ୍ୟବସ୍ଥା କରାଯାଇଛି। ସେଠାରେ ସେମାନଙ୍କୁ ଆବଶ୍ୟକତା ଅନୁଯାୟୀ ଉପଚାର ଦିଆଯିବା ସହ ବିଭିନ୍ନ ଜାତୀୟ ସ୍ତରର ପ୍ରତିଷ୍ଠାନର ସହଯୋଗରେ ଦକ୍ଷ ମାନବସମ୍ବଳଙ୍କୁ ନିୟୋଜିତ କରାଯାଉଛି। ଅଭିଭାବକମାନଙ୍କୁ ଏ ବାବଦରେ ଶିକ୍ଷିତ କରାଯିବା ସହ ଗୋଷ୍ଠୀଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଜି ଏହି ସିଆରଇ ଅଧିବେଶନରେ ୧୫୦ ଜଣ ଅଂଶ ଗ୍ରହଣ କରିଥିଲେ। ସ୍ୱତନ୍ତ୍ର ଶାସନ ସଚିବ ସୁଶ୍ରୀ ରଜନୀ ଜାନି, ଡ. ସ୍ମୃତି ମହାପାତ୍ର ଓ ଜିତେନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିବାବେଳେ ଅତିରିକ୍ତ ଶାସନ ସଚିବ ଭାସ୍କର ରଇତ, ଉପଶାସନ ସଚିବ ଦୀପକ ରାଉତରାୟ ଓ ସୋନିଆ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ, ଏସ୍‌ଆଇଏସ୍‌ଇଆର୍ ଏବଂ ଆରସି ଜାଆଁଳାର କର୍ମକର୍ତ୍ତା ଓ ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିଲେ।

## ୨କେଜି ଗଂଜେଇ ଜବତ: ଜଣେ ଗିରଫ

**କଟକ:** ଚୋରା ଗଂଜେଇ ଚାଲାଣ କରୁଥିବା ଅଭିଯୋଗରେ କଟକ ଅବକାରୀ ବିଭାଗ ସ୍ଥାନୀୟ ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନନଗର ଟ୍ରାଫିକ ଛକଠାରେ ଚଢ଼ାଉ କରି ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ମଦନମୋହନ ସାହିର କେଶବ କୁମାର ସାହୁ (୩୧)। ଗିରଫ ଅଭିଯୁକ୍ତ ନିକଟରୁ ଅବକାରୀ ବିଭାଗ ୨କେଜି ଗଂଜେଇ ଓ ଗୋଟିଏ ଦୁଷ୍ଠା ଆକ୍ଟିଭା ଜବତ କରିଛି। ଜବତ ଗଂଜେଇର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

## ୨୯ରେ ଆସିବେ ଜାଭେଦ ଅଖତର

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ଚଳଚ୍ଚିତ୍ର ଓ ସାହିତ୍ୟ କ୍ଷେତ୍ରର ଉଜ୍ଜ୍ୱଳ ତାରକା, ଶବ୍ଦର ଯାଦୁକର, ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମ ଭୂଷଣ ଜାଭେଦ ଅଖତରଙ୍କୁ ତାଙ୍କର



ଉଲ୍ଲେଖନୀୟ ଓ ଜୀବନବ୍ୟାପୀ ଅବଦାନ ନିମନ୍ତେ ସୋଆ ସାହିତ୍ୟ ସମ୍ମାନ ୨୦୨୫ରେ ସମ୍ବର୍ଦ୍ଧିତ କରାଯିବ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ନଭେମ୍ବର ୨୯ ତାରିଖରେ ଆୟୋଜିତ ହେବାକୁ ଥିବା ୨-ଦିନିଆ ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏହି ପ୍ରଖ୍ୟାତ ସାହିତ୍ୟ ସାଧକଙ୍କୁ ସମ୍ମାନିତ କରାଯିବ। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିଷ୍ଠିତ ସୋଆ ସାହିତ୍ୟ ସମ୍ମାନ ଦେଶରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରାଯିବ। ବିଶିଷ୍ଟ ଲେଖକ, କବି ଓ ଚିନ୍ତକ ଯେଉଁମାନଙ୍କର ଏହି କ୍ଷେତ୍ରରେ ଉତ୍କର୍ଷତା, ସୃଜନଶୀଳତା ଓ ବୌଦ୍ଧିକ ଗଭୀରତା ରହିଛି ସେମାନଙ୍କୁ ସମ୍ମାନିତ କରିବା ହିଁ ସୋଆ ସାହିତ୍ୟ ସମ୍ମାନର ବିନମ୍ର ଉଦ୍ଦେଶ୍ୟ।

ଏହି ସମ୍ମାନ ଗ୍ରହଣ କରିବା ନିମନ୍ତେ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱର ପହଂଚିବେ ଜାଭେଦ ଅଖତର। ଏକ ଭିଡ଼ିଓ ବାର୍ତ୍ତାରେ ଜାଭେଦ ଅଖତର ସୋଆ ବିଶ୍ୱବିଦ୍ୟାଳୟକୁ ସୋଆ ସାହିତ୍ୟ ସମ୍ମାନ ଗ୍ରହଣ କରିବା ନିମନ୍ତେ ଆସୁଥିବାରୁ ନିଜର ଖୁସି ବ୍ୟକ୍ତ କରିଛନ୍ତି। ଏଥି ସହିତ ସାହିତ୍ୟ ଉତ୍ସବର ଆୟୋଜକ ଏବଂ ଏଥିରେ ଭାଗ ନେଉଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସବର ସଫଳତା ନେଇ ଆଶା ବ୍ୟକ୍ତ କରିଛନ୍ତି।

ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନ ପ୍ରଦାନ ଅବସରରେ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ମାନପତ୍ର, ଦେବୀ ସରସ୍ୱତୀଙ୍କ ରୌପ୍ୟ ମୂର୍ତ୍ତୀ ଓ ଉତରୀୟ ପ୍ରଦାନ କରାଯିବ। ଭାରତୀୟ ସମ୍ବିଧାନ ଅନୁମୋଦିତ ଯେକୌଣସି ଭାରତୀୟ ଭାଷାର ସାହିତ୍ୟିକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ।

ସୋଆ ପରିଚାଳିତ ସେଂଟର ଫର ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଂଟ କଲଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆସନ୍ତା ନଭେମ୍ବର ୨୯ ଓ ୩୦ ଦୁଇ ଦିନ ଧରି ଏହି ସାହିତ୍ୟ ଉତ୍ସବ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷର ପ୍ରସଙ୍ଗ ହେଉଛି 'କଲଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ' ଅର୍ଥାତ ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା। ଏହି ସୂଚନା ଦେଇଛନ୍ତି ପ୍ରାଚୀନର ମୁଖ୍ୟ ତଥା ଉତ୍ସବର ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା। ଚଳିତ ବର୍ଷର ସାହିତ୍ୟ ଉତ୍ସବରେ ଦେଶର କୋଣ ଅନୁକୋଣରୁ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ବିଶିଷ୍ଟ ଲେଖକ, କବି, ଚିତ୍ରକାର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଦୁଇ ଦିନିଆ ଏହି ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି ବୋଲି ପ୍ରଫେସର ପଣ୍ଡା ସୂଚନା ଦେଇଛନ୍ତି।

## ଶୁଖୁଆର ପ୍ରସ୍ତୁତି କରଣ ସମ୍ବନ୍ଧୀୟ ତାଲିମ

**ଜଗତସିଂହପୁର:ଏକ୍ସପ୍ରେସ୍ ନ୍ୟୁଜ୍**

କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର ଆନୁକୂଲ୍ୟରେ ଶୁଖୁଆ ଏବଂ ମାଛର ମୂଲ୍ୟ ଯୁକ୍ତ ପଦାର୍ଥ ପ୍ରସ୍ତୁତି କରଣ ବିଷୟରେ ୨ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମରେ ତିର୍ତ୍ତୋଲ ବ୍ଲକର ବିଭିନ୍ନ ଗ୍ରାମରୁ ୨୦ ଜଣ ଯୁବଉଦ୍ୟୋଗୀ ଭାଗ ନେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକଙ୍କ ଉପସ୍ଥିତିରେ କେନ୍ଦ୍ରର ମୁଖ୍ୟ ଡ. ଜୀବନଜିତ ସେନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମତ୍ସ୍ୟ ବିଶେଷଜ୍ଞ ଶ୍ରୀମତୀ ସରିତା ଦାସ ଭାଗ ନେଇଥିବା ଚାଷୀମାନଙ୍କୁ ଉନ୍ନତ ବୈଜ୍ଞାନିକ ମାଛ ଚାଷ, ଶୁଖୁଆ ଓ ମୂଲ୍ୟ ଯୁକ୍ତ ଦ୍ରବ୍ୟ ପ୍ରସ୍ତୁତି ପ୍ରଣାଳୀ ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ଼. ପ୍ରଦୀପ୍ତ ମାଝୀ ଡ଼. ଦ୍ୱାରିକା ମୋହନ ଦାସ, ଡ଼. ତପନ କୁମାର ପଲେଇ, ସସ୍ମିତା ପୁରୋହିତ, ବଳିଆ ମାଝୀ, ବିଜୟନୀ ସାହୁ ସହଯୋଗ କରିଥିଲେ।

## ମଣ୍ଡି ନଖୋଲିବାରୁ ଚାଷୀ ହନ୍ତସନ୍ତ: ୪ରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବ କଂଗ୍ରେସ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି କୃଷକମାନଙ୍କ ବିଭିନ୍ନ ସମସ୍ୟାକୁ ବିଶେଷତଃ ମଣ୍ଡି ଖୋଲିବାକୁ ନେଇ କଂଗ୍ରେସ କିଷାନସେଲ ପକ୍ଷରୁ କଂଗ୍ରେସ ଭବନ ଠାରେ ଏକ ସାମ୍ବାଦ୍ଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ରାଜ୍ୟ କିଷାନ ସେଲ ଅଧ୍ୟକ୍ଷ ଅଭୟ ସାହୁ କହିଥିଲେ, ରାଜ୍ୟର ବିଜେପି ସରକାରଙ୍କର କଥା ପ୍ରବଳ କାମ ଦୁର୍ବଳ। ପ୍ରତିଦିନ ମନ୍ତ୍ରୀ ପରେ ମନ୍ତ୍ରୀ କହିଚାଲିଛନ୍ତି ମଣ୍ଡି ଆଜି ଖୋଲୁଛି ମଣ୍ଡି କାଲି ଖୋଲିବ। କିନ୍ତୁ ଆଜି ସୁଦ୍ଧା ମଣ୍ଡି ଖୋଲି ପାରିଲା ନାହିଁ। ଧାନଚାଷର ପ୍ରାଣ କେନ୍ଦ୍ର ବରଗଡ଼ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୪୦ ରୁ ୫୦ ଭାଗ ଧାନ ଅମଳ ସରିଲାଣି। ଚାଷୀ ଏପର୍ଯ୍ୟନ୍ତ ଧାନ ମଣ୍ଡିରେ ପୈଠ କରିବାପାଇଁ ଅସମର୍ଥ। ଆହୁରି ଦୁଃଖ ହେଉଛି ଅନେକ ଚାଷୀ ଅଛନ୍ତି ଯେଉଁମାନେ ଏପର୍ଯ୍ୟନ୍ତ ଟୋକନ ପାଇ ନାହାନ୍ତି। ଏ ସରକାର ପଞ୍ଜିକରଣ କରିବାପାଇଁ ଅସମର୍ଥ, ଏ ସରକାର ଟୋକନ ଦେବାପାଇଁ ଅସମର୍ଥ। ବରଗଡ଼ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଟୋକନରୁ ବଞ୍ଚିତ ଚାଷୀମାନେ ଆନ୍ଦୋଳନରତ ଅଛନ୍ତି। ସରକାର ଏବଂ ସରକାରୀ କଳର ନିଘାଥିଲା ପରି ବୁଝାପଡୁ ନାହିଁ। ମଣ୍ଡିତ ଖୋଲିପାରି ନାହିଁ ଅନ୍ୟ ପକ୍ଷରେ ସରକାର ଆଦର୍ଶ ମଣ୍ଡି ଖୋଲିବାରେ ଡିଣ୍ଡିମ ପିଟିଚାଲିଛନ୍ତି। ଆଜି ଗୋଟିଏ ନୂଆ ଭାଷଣ ଦେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ। କେନ୍ଦ୍ର ସରକାର ୮ଲକ୍ଷ ମେଟ୍ରିକ ଟନ ଧାନ ଓଡ଼ିଶାରୁ କିଣିବେ ବୋଲି ଘୋଷଣା କରିବାରୁ କେନ୍ଦ୍ରମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଏ ଅର୍ଥଶୂନ୍ୟ ଫମ୍ପା ଆବାଜ ମଣ୍ଡି ଖୋଲିନଥିଲା ବେଳେ କେତେଦିନ ଯାଏଁ ସନ୍ତୁଷ୍ଟ କରିବ ଚାଷୀମାନଙ୍କୁ।

ଯୁଦ୍ଧ କାଳୀନ ଭିତିରେ ମଣ୍ଡି ଖୋଲନ୍ତୁ ରାଜ୍ୟ ସରକାର ଧାନ ସଂଗ୍ରହ କରନ୍ତୁ। ମଣ୍ଡିରେ କଟ୍‌ଣୀ ଛଟଣୀ ଏଫଏକ୍ୟୁ ମାନ ନିର୍ଦ୍ଧାରଣ ସହିତ ସମସ୍ତ ଅବବ୍ୟସ୍ଥା ଦୂର କରନ୍ତୁ। ସମସ୍ତ ଅବବ୍ୟସ୍ଥା ଦୂରକରନ୍ତୁ। ଚଳିତବର୍ଷ କେନ୍ଦ୍ର ସରକାର କ୍ୱିଂଟାଲ ପିଛା ବୃଦ୍ଧି କରିଥିବା ୬୯ଟଙ୍କା ବୋନସ ସହିତ ଚାଷୀଙ୍କୁ ପ୍ରାପ୍ୟ ଅର୍ଥ ପ୍ରଦାନ କରନ୍ତୁ। କୌଣସି ହଇରାଣ ଓ ହରକତକୁ ବରଦାସ୍ତ କରାଯିବ ନାହିଁ ବୋଲି ଅଧ୍ୟକ୍ଷ ଶ୍ରୀ ସାହୁ ସରକାରଙ୍କୁ ଚେତାବନୀ ଦେଇଥିଲେ।

**ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ୍**
NEDFi
ନେଡଫି ହାଉସ, ଜି.ଏସ. ରୋଡ, ଦିସପୁର, ଗୌହାଟି-୭୮୧୦୦୬
ଫୋନ-୯୧ ୩୬୧ ୨୨୨ ୨୨ ୦୦, ଫ୍ୟାକ୍ସ-+୯୧ ୩୬୧ ୨୨୩ ୭୭ ୩୩ / ୨୨୩ ୭୭ ୩୪

ଫର୍ମ ବି
[ରୁଲ ୭(୧) ଦେଖନ୍ତୁ]
**ଡିମାଣ୍ଡ ନୋଟିସ୍‌ର ଫର୍ମ**
[ଦେବାଳିଆ (କର୍ପୋରେଟ ରଣଗ୍ରହୀତାଙ୍କ ବ୍ୟକ୍ତିଗତ ଜାମିନଦାରଙ୍କ ଦେବାଳିଆ ସମାଧାନ ପ୍ରକ୍ରିୟା ପାଇଁ ବିଚାର ପ୍ରାଧିକରଣକୁ ଆବେଦନ) ନିୟମ ୨୦୧୯ର ନିୟମ ୭(୧) ଅନୁଯାୟୀ]

ତାରିଖ-୨୮.୧୧.୨୦୨୫

**ଶ୍ରୀ ବିଶ୍ୱଜିତ୍ ନାୟକ**
ନାୟକ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ୍‌କୁ ବ୍ୟକ୍ତିଗତ ଗ୍ୟାରେଣ୍ଟର (ପିତା-ଶ୍ରୀ ବାସୁଦେବ ନାୟକ) ସ୍ୱରୁପାନନ୍ଦ ରୋଡ, ଲୟଡିଂ, ଜିଲ୍ଲା-ନାଗାଁ, ଆସାମ-୭୮୨୪୪୭।
**ବିପରୀତ ଠିକଣା-**
ଶ୍ରୀ ବିଶ୍ୱଜିତ୍ ନାୟକ, ନୃଷ୍ଟ ଗିରି ନିବାସ, ଖରଗୁଲି, ଗୌହାଟି-୭୮୧୦୦୪, ଜିଲ୍ଲା-କାମରୁପ (ମେଟ୍ରୋ), ଆସାମ।
**ବିପରୀତ ଠିକଣା-**
ଶ୍ରୀ ବିଶ୍ୱଜିତ୍ ନାୟକ, ମେସର୍ସ ଶିବାନ୍ୟ କନଷ୍ଟ୍ରକସନ, ହାଉସ ନଂ୯୧, ରମସା ହିଲ, ଖରଗୁଲି, ଗୌହାଟି-୭୮୧୦୦୪, ଜିଲ୍ଲା-ଖମରୁପ(ମେଟ୍ରୋ), ଆସାମ।
**ବିପରୀତ ଠିକଣା-**
ଶ୍ରୀ ବିଶ୍ୱଜିତ୍ ନାୟକ, ମୈତ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୩
**ଠାରୁ-**
ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ, (ନେଡଫି), ରେଜିଷ୍ଟର ଅଫିସ- ନେଡଫି ହାଉସ, ଜି.ସ ରୋଡ, ଦିସପୁର, ଗୌହାଟି, ଆସାମ, ପିନ୍-୭୮୧୦୦୬
**ବିଷୟ- ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ, (ନେଡଫି), ରେଜିଷ୍ଟର ଅଫିସ- ନେଡଫି ହାଉସ, ଜି.ସ ରୋଡ, ଦିସପୁର, ଗୌହାଟି, ଆସାମ, ପିନ୍-୭୮୧୦୦୬ (କର୍ପୋରେଟ ଡେବ୍‌ଟର) ତରଫରୁ ଅନାଦାୟ ଋଣ ସମ୍ପର୍କରେ ଡିମାଣ୍ଡ ନେଟିସ।**
ମହାଶୟ,
୧. ଏହି ଚିଠିଟି ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ, (ନେଡଫି), ରେଜିଷ୍ଟର ଅଫିସ- ନେଡଫି ହାଉସ, ଜି.ସ ରୋଡ, ଦିସପୁର, ଗୌହାଟି, ଆସାମ, ପିନ୍-୭୮୧୦୦୬ (କର୍ପୋରେଟ ଡେବ୍‌ଟର) ତରଫରୁ ଅନାଦାୟ ଋଣ ସମ୍ପର୍କରେ ଡିମାଣ୍ଡ ନେଟିସ।
୨. ଦୟାକରି ନିମ୍ନରେ ଅନାଦାୟ ଋଣର ବିବରଣୀ ଦେଖନ୍ତୁ-

**ଋଣର ବିବରଣୀ**

| | | | |
|---|---|---|---|
| 1 | ମୋଟ ବକେୟା ଋଣ (ସୁଧ ଏବଂ ଜୋରିମାନା ସହିତ) | | |
| 2 | ଖିଲାପି ଋଣର ପରିମାଣ | **ୟୁନିଟର ନାମ** | **୨୮.୧୧.୨୦୨୫ ମଧ୍ୟରେ ସମସ୍ତ ଋଣର ପରିମାଣ** |
| | | ମେସର୍ସ ନାୟକ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରା. ଲି. (ଡବ୍ଲ୍ୟୁସିଟିଏଲ-।) (ଟ.୫୦୦ ଲକ୍ଷ) | ମୂଳ-ଟ.୧,୦୫,୫୬,୬୭୬/- ସୁଧ-ଟ.୩,୨୪,୧୫,୭୧୬/- **ସମୁଦାୟ-ଟ.୪,୨୯,୭୨,୩୯୨/-** |
| | | ମେସର୍ସ ନାୟକ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରା. ଲି. (ଡବ୍ଲ୍ୟୁସିଟିଏଲ-।।) (ଟ.୭୦୦ ଲକ୍ଷ) | ମୂଳ-ଟ.୫,୦୪,୩୬,୫୩୯/- ସୁଧ-ଟ.୬,୯୬,୬୨,୨୯୭/- **ସମୁଦାୟ-ଟ.୧୨,୦୦,୯୮,୮୩୬/-** |
| | | **ମୋଟ** | **ଟ.୧୬,୩୦,୭୧,୨୨୮/-** |
| 3 | ଋଣର ଶୁଳ୍କ ତାରିଖ | **ୟୁନିଟର ନାମ** | **ଏନପିଏ ତାରିଖ** |
| | | ମେସର୍ସ ନାୟକ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରା. ଲି. (ଡବ୍ଲ୍ୟୁସିଟିଏଲ-।) | ୨୯.୦୨.୨୦୨୦ |
| | | ମେସର୍ସ ନାୟକ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରା. ଲି. (ଡବ୍ଲ୍ୟୁସିଟିଏଲ-।।) | |
| 4 | ଡିଫଲ୍ଟ ହୋଇଥିବା ତାରିଖ | **୧୮.୦୧.୨୦୧୯** | |
| 5 | ଋଣର ପ୍ରକୃତି | **କ୍ୟାପିଟାଲ ଟର୍ମ ଲୋନ** | |
| 6 | ସୁରକ୍ଷିତ ଋଣ ଯେଉଁଥିରେ ରଖାଯାଇଥିବା ସିକ୍ୟୁରିଟିର ବିବରଣୀ, ଏହାର ସୃଷ୍ଟି ତାରିଖ, ଋଣଦାତାଙ୍କ ଅନୁସାରେ ଏହାର ଆନୁମାନିକ ମୂଲ୍ୟ (ଯେପରି ପ୍ରଯୁଜ୍ୟ) ଏବଂ ସିକ୍ୟୁରିଟିର ବିବରଣୀ ଅନ୍ତର୍ଭୁକ୍ତ। | | |
| A | ଏକ ଦୁଇ ମହଲା ବିଶିଷ୍ଟ ଆବାସିକ (କାର ପାର୍କିଂ ଏବଂ ଉପଯୋଗୀତା ପାଇଁ ବେସମେଣ୍ଟ ମହଲା ସମେତ) ମିରାଣ୍ଡା ପ୍ରକାର ଭିଲା ନଂ. ୪୬ ଯାହାର ସୁପର ବିଲ୍ଟଅପ୍ କ୍ଷେତ୍ରଫଳ ୪୩୫୯ ବର୍ଗଫୁଟ କମ୍ କିମ୍ବା ଅଧିକ, ସାଧାରଣ କ୍ଷେତ୍ର ଏବଂ ସୁବିଧାରେ ଅବିଭକ୍ତ ଆନୁପାତିକ ଏବଂ ଅପ୍ରତ୍ୟାଶିତ ଭାବରେ ଅଂଶ ଏବଂ/ଅଥବା ସ୍ୱାର୍ଥ ସହିତ ପ୍ରାୟ ୬୨୮.୭୧ କୋଟା ପରିମିତ ଜମିର ଏକ ପର୍ସେଲ୍ ରେ ଅନ୍ତର୍ଭୁକ୍ତ, ଯାହା LR ଦାଗ୍ ନଂ. ୩୨୧/୬୧୫ ରେ ଅନ୍ତର୍ଭୁକ୍ତ, LR ଖତିୟାନ ନଂ. ୯୦୪ (ପୂର୍ବରୁ ଖତିୟାନ ନଂ. ୨୮୩/୨, ୪୬୫/୩, ୪୬୫/୪, ୫୨୮/୩ ଏବଂ ୫୨୮/୪) ମୌଜା- କୋଚପୁକୁର, ଜେଲ ନଂ. ୨ ଟୌଜି ନଂ. ୧୦ ପି.ଏସ୍. କୋଲକାତା ଚମଡା କମ୍ପ୍ଲେକ୍ସ ଜିଲ୍ଲା-୨୪ ପରଗନା (ଦକ୍ଷିଣ) ବାମୁନଘାଟା ଗ୍ରାମ ପଞ୍ଚାୟତର ସୀମା ମଧ୍ୟରେ ୧୦୦ ବର୍ଗଫୁଟ ଆରଟି ଛାଇ ସହିତ ଅବସ୍ଥିତ ଏବଂ ଏହା ଉତ୍ତରରେ ପ୍ରକଳ୍ପ ସୀମା, ପୂର୍ବରେ ପ୍ଲଟ୍ ନମ୍ବର ୪୫, ଦକ୍ଷିଣରେ ଆଭ୍ୟନ୍ତରୀଣ ରାସ୍ତା ବୋଲେଗାର୍ଡ କୋଷ୍ଟା ବ୍ଲାଙ୍କା ଏବଂ ପଶ୍ଚିମରେ ପ୍ଲଟ୍ ନମ୍ବର ୪୭ ସହିତ ଘେରି ରହିଛି। | | |
| B | ଏକ ଦୁଇ ମହଲା ବିଶିଷ୍ଟ ଆବାସିକ (କାର ପାର୍କିଂ ଏବଂ ଉପଯୋଗୀତା ପାଇଁ ବେସମେଣ୍ଟ ମହଲା) ଲିଓନ୍ ପ୍ରକାର ଭିଲା ନଂ ୪୩ ଯାହାର ସୁପର ବିଲ୍ଟଅପ୍ କ୍ଷେତ୍ରଫଳ ୩୪୮୩ ବର୍ଗଫୁଟ ଏବଂ ଏହା ବୋଲେଗାର୍ଡ କୋଷ୍ଟା ବ୍ଲାଙ୍କାରେ ଅବସ୍ଥିତ ପ୍ରାୟ ୩.୫୩୨ କୋଟା ପରିମିତ ଜମି ସହିତ ଏକ ପ୍ଲଟ୍ ଉପରେ ଅବସ୍ଥିତ। ଏହା ଆର୍ଏସ୍ ଦାଗ୍ ନଂ ୩୨୧/୬୧୫ ରେ ଥିବା ପ୍ରାୟ ୬୨୮.୭୧ କୋଟା ପରିମିତ ଜମି ଉପରେ ନିର୍ମିତ ଆଇଡିଆଲ୍ ଭିଲା ନାମକ ଲେଆଉଟ୍ ରେ ଅନ୍ତର୍ଭୁକ୍ତ, ଯାହା ଆଇଆର୍ ଖତିୟାନ ନଂ ୯୦୪ (ପୂର୍ବରୁ ଖତିୟାନ ନଂ ୨୮୩/୨, ୪୬୫/୩, ୪୬୫/୪, ୫୨୮/୩ ଏବଂ ୫୨୮/୪) ମୌଜା- କୋଚପୁକୁର, ଜେଲ୍ ନଂ ୨ ଟୌଜି ନଂ ୧୦ ପି.ଏସ୍. କୋଲକାତା ଚମଡା କମ୍ପ୍ଲେକ୍ସ ଜିଲ୍ଲା-୨୪ ପରଗନା (ଦକ୍ଷିଣ) ବାମୁନଘାଟା ଗ୍ରାମ ପଞ୍ଚାୟତର ସୀମା ମଧ୍ୟରେ) ଏବଂ ଉତ୍ତରରେ ପରିବେଷ୍ଟିତ ଏବଂ ବ୍ୟାଟେଡ୍ - ପ୍ରକଳ୍ପ ସୀମା ଦ୍ୱାରା, ପୂର୍ବରେ - ପ୍ଲଟ୍ ନମ୍ବର - ୪୨ ଦ୍ୱାରା, ଦକ୍ଷିଣରେ - ଆଭ୍ୟନ୍ତରୀଣ ରାସ୍ତା ବୋଲେଗାର୍ଡ କୋଷ୍ଟା ବ୍ଲାଙ୍କା ଦ୍ୱାରା ଏବଂ ପଶ୍ଚିମରେ - ପ୍ଲଟ୍ ନମ୍ବର ୪୪ ଦ୍ୱାରା। | | |
| 7 | ଅସୁରକ୍ଷିତ ଋଣ (ଯେପରି ପ୍ରଯୁଜ୍ୟ) | NA | |
| 8 | ଋଣକୁ ବୁଝାଉଥିବା ସାମଗ୍ରୀ ସମ୍ପର୍କରେ ମାଲିକାନା ବ୍ୟବସ୍ଥା (ଯଦି ଥାଏ) ର ସଂରକ୍ଷଣର ବିବରଣୀ | ଉପରେ ପଏଣ୍ଟ 6 (A) ଏବଂ (B) ରେ ଉଲ୍ଲେଖିତ ସମ୍ପତ୍ତି ପାଇଁ ହଁ | |
| 9 | ଯଦି କୌଣସି ଡିଫଲ୍ଟ, ଯଦି କୌଣସି ଥାଏ, ତେବେ ବିଚାର କରୁଥିବା କୋର୍ଟ, ଟ୍ରିବ୍ୟୁନାଲ୍ କିମ୍ବା ମଧ୍ୟସ୍ଥତା ପ୍ୟାନେଲର ଆଦେଶର ବିବରଣୀ | ମାନ୍ୟବର NCLT, ଗୌହାଟି ବେଞ୍ଚର ୧୧/୧୨/୨୦୨୩ ତାରିଖର ଆଦେଶ ଅନୁଯାୟୀ ଶ୍ରୀମତୀ ସୁଧା ଶର୍ମାଙ୍କୁ ଲିକ୍ୱିଡେଟର ଭାବରେ କମ୍ପାନୀର ଲିକ୍ୱିଡେସନ୍ ପ୍ରକ୍ରିୟା ଆରମ୍ଭ କରାଯାଇଛି, ଯାହା ବର୍ତ୍ତମାନ ଚାଲିଛି। | |
| 10 | ସୂଚନା ଉପଯୋଗୀତା ସହିତ ଡିଫଲ୍ଟର ରେକର୍ଡ, ଯଦି ଥାଏ | ଡିଫଲ୍ଟ ଷ୍ଟେଟମେଣ୍ଟ, ସିଆରଆଇଏଲସି ରିପୋର୍ଟ | |
| 11 | ଭାରତୀୟ ଉତ୍ତରାଧିକାର ଆଇନ, **1925 (1925 ର 10)** ଅନୁଯାୟୀ ଉତ୍ତରାଧିକାର ପ୍ରମାଣପତ୍ର, କିମ୍ବା ଇଚ୍ଛାପତ୍ରର ପ୍ରମାଣପତ୍ର, କିମ୍ବା ପ୍ରଶାସନ ପତ୍ର, କିମ୍ବା କୋର୍ଟ ଡିକ୍ରି (ଯେପରି ପ୍ରଯୁଜ୍ୟ ହୋଇପାରେ) ର ବିବରଣୀ | NA | |
| 12 | ଆଇନ, ଚୁକ୍ତିନାମା କିମ୍ବା ଅନ୍ୟାନ୍ୟ ଦଲିଲର ବ୍ୟବସ୍ଥା ଯାହା ଅନୁଯାୟୀ ଋଣ ଦେୟ ହୋଇଛି | ଗ୍ୟାରେଣ୍ଟି/ ବନ୍ଧକ କାଗଜପତ୍ର | |
| 13 | ଋଣ ଗ୍ରହଣ ହୋଇଥିବା ତାରିଖରୁ, କର୍ପୋରେଟ୍ ଋଣଗ୍ରହୀତାଙ୍କ ଋଣ ସମ୍ପର୍କରେ ଋଣଦାତାଙ୍କ ଦ୍ୱାରା ସାଧାରଣତଃ ଜମା କିମ୍ବା କ୍ରେଡିଟ୍ ଗ୍ରହଣ କରାଯାଇଥିବା ବ୍ୟାଙ୍କ ଆକାଉଣ୍ଟର ଏକ ବିବରଣୀ। | ଆକାଉଣ୍ଟ ଷ୍ଟେଟମେଣ୍ଟ ସମସ୍ତ ଲୋନ ଆକାଉଣ୍ଟ ସହିତ | |
| 14 | ଋଣର ଅସ୍ତିତ୍ୱ ଏବଂ ଖିଲାପୀ ପରିମାଣ ପ୍ରମାଣ କରିବା ପାଇଁ ଏହି ନୋଟିସ ସହିତ ସଂଲଗ୍ନ ଡକ୍ୟୁମେଣ୍ଟଗୁଡ଼ିକର ତାଲିକା | **ସାଙ୍କସନ୍ ଲେଟର**, ଗ୍ୟାରେଣ୍ଟି କାଗଜପତ୍ର ବନ୍ଧକ କାଗଜପତ୍ର ସମସ୍ତ | |

**3.** ଯଦି ଆପଣ ବିଶ୍ୱାସ କରନ୍ତି ଯେ ଏହି ନୋଟିସ୍ ପାଇବା ପୂର୍ବରୁ ଋଣ ପରିଶୋଧ କରାଯାଇଛି, ତେବେ ଦୟାକରି ଏହି ନୋଟିସ୍ ପାଇବାର ଚଉଦ ଦିନ ମଧ୍ୟରେ ଆମକୁ ନିମ୍ନଲିଖିତ ଠିକଣାରେ ପଠାଇ ଏପରି ପରିଶୋଧ ପ୍ରଦର୍ଶନ କରନ୍ତୁ: -
ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ୍, **(NEDFi)**, ପଞ୍ଜିକୃତ କାର୍ଯ୍ୟାଳୟ: **"NEDFi ହାଉସ୍",G. S.** ରୋଡ୍, ଦିସପୁର, ଗୌହାଟି, ଆସାମ, **PIN - 781006**, (କର୍ପୋରେଟ୍ ଋଣଗ୍ରହୀତାଙ୍କ) ଇମେଲ୍- **samd@nedfi.com/bsaha@nedfi.com।**
(କ) ଗ୍ୟାରେଣ୍ଟରଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅନାଦେୟ ପରିମାଣର ଇଲେକ୍ଟ୍ରୋନିକ୍ ସ୍ଥାନାନ୍ତର ରେକର୍ଡର ଏକ ପ୍ରମାଣିତ କପି; କିମ୍ବା
(ଖ) ଗ୍ୟାରେଣ୍ଟରଙ୍କ ଦ୍ୱାରା ଜାରି ଅନାଦେୟ ପରିମାଣର ଚେକ୍ ନଗଦ କରିବାର ପ୍ରମାଣ; କିମ୍ବା
(ଗ) ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ୍,**(NEDFi)**, ପଞ୍ଜିକୃତ କାର୍ଯ୍ୟାଳୟ: **"NEDFi ହାଉସ୍", G. S.** ରୋଡ୍, ଦିସପୁର, ଗୌହାଟି, ଆସାମ, **PIN - 781006** ପେମେଣ୍ଟ ପାଇଥିବା ଯେକୌଣସି ରେକର୍ଡର ଏକ ପ୍ରମାଣିତ କପି।
୪. ନିମ୍ନ ସ୍ୱାକ୍ଷରକାରୀ ଆପଣଙ୍କୁ ଏହି ଚିଠି ପାଇବାର ଚଉଦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଅନାଦେୟ ଋଣ ପରିଶୋଧ କରିବାକୁ ଅନୁରୋଧ କରୁଛନ୍ତି, ନଚେତ୍ ଆପଣଙ୍କ ବିରୁଦ୍ଧରେ କୋଡ୍ ଅନୁଯାୟୀ ଦେବାଳିଆ ସମାଧାନ ପ୍ରକ୍ରିୟା ଆରମ୍ଭ କରାଯିବ।

**ଧନ୍ୟବାଦ**
**ସ୍ୱା/-**
**ଡେପୁଟି ଜେନେରାଲ ମ୍ୟାନେଜର (ଏସଏଏମଡି)**

**ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ୍**
NEDFi
ନେଡଫି ହାଉସ, ଜି.ଏସ. ରୋଡ, ଦିସପୁର, ଗୌହାଟି-୭୮୧୦୦୬
ଫୋନ-୯୧ ୩୬୧ ୨୨୨ ୨୨ ୦୦, ଫ୍ୟାକ୍ସ-+୯୧ ୩୬୧ ୨୨୩ ୭୭ ୩୩ / ୨୨୩ ୭୭ ୩୪

ଫର୍ମ ବି
[ରୁଲ ୭(୧) ଦେଖନ୍ତୁ]
**ଡିମାଣ୍ଡ ନୋଟିସ୍‌ର ଫର୍ମ**
[ଦେବାଳିଆ (କର୍ପୋରେଟ ରଣଗ୍ରହୀତାଙ୍କ ବ୍ୟକ୍ତିଗତ ଜାମିନଦାରଙ୍କ ଦେବାଳିଆ ସମାଧାନ ପ୍ରକ୍ରିୟା ପାଇଁ ବିଚାର ପ୍ରାଧିକରଣକୁ ଆବେଦନ) ନିୟମ ୨୦୧୯ର ନିୟମ ୭(୧) ଅନୁଯାୟୀ]

ତାରିଖ-୨୮.୧୧.୨୦୨୫

**ଶ୍ରୀ ଅନନ୍ତ ଚରଣ ନାୟକ**
ନାୟକ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ୍‌କୁ ବ୍ୟକ୍ତିଗତ ମ୍ୟାନେଜିଂ ଡାଇରେକ୍ଟର/ଗ୍ୟାରେଣ୍ଟର (ପିତା-ଶ୍ରୀ ବାସୁଦେବ ନାୟକ) ସ୍ୱରୁପାନନ୍ଦ ରୋଡ, ଲୟଡିଂ, ଜିଲ୍ଲା-ନାଗାଁ, ଆସାମ-୭୮୨୪୪୭, ପ୍ୟାନ-ACAPN6170C, ଇମେଲ-ac_nayak2007@yahoo.co.in।
**ବିପରୀତଠିକଣା-**
ଶ୍ରୀ ଅନନ୍ତ ଚରଣ ନାୟକ, ନାୟକ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ୍‌କୁ ବ୍ୟକ୍ତିଗତ ମ୍ୟାନେଜିଂ ଡାଇରେକ୍ଟର/ଗ୍ୟାରେଣ୍ଟର, ନୃଷ୍ଟ ଗିରି ନିବାସ, ଖରଗୁଲି, ଗୌହାଟି-୭୮୧୦୦୪, ଜିଲ୍ଲା- କାମରୁପ (ମେଟ୍ରୋ), ଆସାମ।
**ବିପରୀତଠିକଣା-**
ଶ୍ରୀ ଅନନ୍ତ ଚରଣ ନାୟକ, ମେସର୍ସ ଶିବାନ୍ୟ କନଷ୍ଟ୍ରକସନ, ହାଉସ ନଂ୯୧, ରମସା ହିଲ, ଖରଗୁଲି, ଗୌହାଟି-୭୮୧୦୦୪, ଜିଲ୍ଲା-ଖମରୁପ(ମେଟ୍ରୋ), ଆସାମ।
**ବିପରୀତଠିକଣା-**
୨. ଶ୍ରୀମତୀ ରେଣୁ ଦେବୀ ନାୟକ, ନାୟକ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ୍‌କୁ ବ୍ୟକ୍ତିଗତ ମ୍ୟାନେଜିଂ ଡାଇରେକ୍ଟର/ଗ୍ୟାରେଣ୍ଟର (ସ୍ୱାମୀ-ଶ୍ରୀ ଅନନ୍ତ ଚରଣ ନାୟକ) ସ୍ୱରୁପାନନ୍ଦ ରୋଡ, ଲୟଡିଂ, ଜିଲ୍ଲା-ନାଗାଁ, ଆସାମ-୭୮୨୪୪୭, ପ୍ୟାନ-ACAPN6168N
**ବିପରୀତଠିକଣା-**
ଶ୍ରୀ ଅନନ୍ତ ଚରଣ ନାୟକ, ନାୟକ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ୍‌କୁ ବ୍ୟକ୍ତିଗତ ମ୍ୟାନେଜିଂ ଡାଇରେକ୍ଟର/ଗ୍ୟାରେଣ୍ଟର, ନୃଷ୍ଟ ଗିରି ନିବାସ, ଖରଗୁଲି, ଗୌହାଟି-୭୮୧୦୦୪, ଜିଲ୍ଲା- କାମରୁପ (ମେଟ୍ରୋ), ଆସାମ।
**ଠାରୁ-**
ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ, (ନେଡଫି), ରେଜିଷ୍ଟର ଅଫିସ- ନେଡଫି ହାଉସ, ଜି.ସ ରୋଡ, ଦିସପୁର, ଗୌହାଟି, ଆସାମ, ପିନ୍-୭୮୧୦୦୬
**ବିଷୟ- ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ, (ନେଡଫି), ରେଜିଷ୍ଟର ଅଫିସ- ନେଡଫି ହାଉସ, ଜି.ସ ରୋଡ, ଦିସପୁର, ଗୌହାଟି, ଆସାମ, ପିନ୍-୭୮୧୦୦୬ (କର୍ପୋରେଟ ଡେବ୍‌ଟର) ତରଫରୁ ଅନାଦାୟ ଋଣ ସମ୍ପର୍କରେ ଡିମାଣ୍ଡ ନେଟିସ।**
ମହାଶୟ,
୧. ଏହି ଚିଠିଟି ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ, (ନେଡଫି), ରେଜିଷ୍ଟର ଅଫିସ- ନେଡଫି ହାଉସ, ଜି.ସ ରୋଡ, ଦିସପୁର, ଗୌହାଟି, ଆସାମ, ପିନ୍-୭୮୧୦୦୬ (କର୍ପୋରେଟ ଡେବ୍‌ଟର) ତରଫରୁ ଅନାଦାୟ ଋଣ ସମ୍ପର୍କରେ ଡିମାଣ୍ଡ ନେଟିସ।
୨. ଦୟାକରି ନିମ୍ନରେ ଅନାଦାୟ ଋଣର ବିବରଣୀ ଦେଖନ୍ତୁ-

**ଋଣର ବିବରଣୀ**

| | | | |
|---|---|---|---|
| 1 | ମୋଟ ବକେୟା ଋଣ (ସୁଧ ଏବଂ ଜୋରିମାନା ସହିତ) | | |
| 2 | ଖିଲାପି ଋଣର ପରିମାଣ | **ୟୁନିଟର ନାମ** | **୨୮.୧୧.୨୦୨୫ ମଧ୍ୟରେ ସମସ୍ତ ଋଣର ପରିମାଣ** |
| | | ମେସର୍ସ ନାୟକ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରା. ଲି. (ଡବ୍ଲ୍ୟୁସିଟିଏଲ-।) (ଟ.୫୦୦ ଲକ୍ଷ) | ମୂଳ-ଟ.୧,୦୫,୫୬,୬୭୬/- ସୁଧ-ଟ.୩,୨୪,୧୫,୭୧୬/- **ସମୁଦାୟ-ଟ.୪,୨୯,୭୨,୩୯୨/-** |
| | | ମେସର୍ସ ନାୟକ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରା. ଲି. (ଡବ୍ଲ୍ୟୁସିଟିଏଲ-।।) (ଟ.୭୦୦ ଲକ୍ଷ) | ମୂଳ-ଟ.୫,୦୪,୩୬,୫୩୯/- ସୁଧ-ଟ.୬,୯୬,୬୨,୨୯୭/- **ସମୁଦାୟ-ଟ.୧୨,୦୦,୯୮,୮୩୬/-** |
| | | **ମୋଟ** | **ଟ.୧୬,୩୦,୭୧,୨୨୮/-** |
| 3 | ଋଣର ଶୁଳ୍କ ତାରିଖ | **ୟୁନିଟର ନାମ** | **ଏନପିଏ ତାରିଖ** |
| | | ମେସର୍ସ ନାୟକ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରା. ଲି. (ଡବ୍ଲ୍ୟୁସିଟିଏଲ-।) | ୨୯.୦୨.୨୦୨୦ |
| | | ମେସର୍ସ ନାୟକ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରା. ଲି. (ଡବ୍ଲ୍ୟୁସିଟିଏଲ-।।) | |
| 4 | ଡିଫଲ୍ଟ ହୋଇଥିବା ତାରିଖ | **୧୮.୦୧.୨୦୧୯** | |
| 5 | ଋଣର ପ୍ରକୃତି | **କ୍ୟାପିଟାଲ ଟର୍ମ ଲୋନ** | |
| 6 | ସୁରକ୍ଷିତ ଋଣ ଯେଉଁଥିରେ ରଖାଯାଇଥିବା ସିକ୍ୟୁରିଟିର ବିବରଣୀ, ଏହାର ସୃଷ୍ଟି ତାରିଖ, ଋଣଦାତାଙ୍କ ଅନୁସାରେ ଏହାର ଆନୁମାନିକ ମୂଲ୍ୟ (ଯେପରି ପ୍ରଯୁଜ୍ୟ) ଏବଂ ସିକ୍ୟୁରିଟିର ବିବରଣୀ ଅନ୍ତର୍ଭୁକ୍ତ। | | |
| A | ଏକ ଦୁଇ ମହଲା ବିଶିଷ୍ଟ ଆବାସିକ (କାର ପାର୍କିଂ ଏବଂ ଉପଯୋଗୀତା ପାଇଁ ବେସମେଣ୍ଟ ମହଲା ସମେତ) ମିରାଣ୍ଡା ପ୍ରକାର ଭିଲା ନଂ. ୪୬ ଯାହାର ସୁପର ବିଲ୍ଟଅପ୍ କ୍ଷେତ୍ରଫଳ ୪୩୫୯ ବର୍ଗଫୁଟ କମ୍ କିମ୍ବା ଅଧିକ, ସାଧାରଣ କ୍ଷେତ୍ର ଏବଂ ସୁବିଧାରେ ଅବିଭକ୍ତ ଆନୁପାତିକ ଏବଂ ଅପ୍ରତ୍ୟାଶିତ ଭାବରେ ଅଂଶ ଏବଂ/ଅଥବା ସ୍ୱାର୍ଥ ସହିତ ପ୍ରାୟ ୬୨୮.୭୧ କୋଟା ପରିମିତ ଜମିର ଏକ ପର୍ସେଲ୍ ରେ ଅନ୍ତର୍ଭୁକ୍ତ, ଯାହା LR ଦାଗ୍ ନଂ. ୩୨୧/୬୧୫ ରେ ଅନ୍ତର୍ଭୁକ୍ତ, LR ଖତିୟାନ ନଂ. ୯୦୪ (ପୂର୍ବରୁ ଖତିୟାନ ନଂ. ୨୮୩/୨, ୪୬୫/୩, ୪୬୫/୪, ୫୨୮/୩ ଏବଂ ୫୨୮/୪) ମୌଜା- କୋଚପୁକୁର, ଜେଲ ନଂ. ୨ ଟୌଜି ନଂ. ୧୦ ପି.ଏସ୍. କୋଲକାତା ଚମଡା କମ୍ପ୍ଲେକ୍ସ ଜିଲ୍ଲା-୨୪ ପରଗନା (ଦକ୍ଷିଣ) ବାମୁନଘାଟା ଗ୍ରାମ ପଞ୍ଚାୟତର ସୀମା ମଧ୍ୟରେ ୧୦୦ ବର୍ଗଫୁଟ ଆରଟି ଛାଇ ସହିତ ଅବସ୍ଥିତ ଏବଂ ଏହା ଉତ୍ତରରେ ପ୍ରକଳ୍ପ ସୀମା, ପୂର୍ବରେ ପ୍ଲଟ୍ ନମ୍ବର ୪୫, ଦକ୍ଷିଣରେ ଆଭ୍ୟନ୍ତରୀଣ ରାସ୍ତା ବୋଲେଗାର୍ଡ କୋଷ୍ଟା ବ୍ଲାଙ୍କା ଏବଂ ପଶ୍ଚିମରେ ପ୍ଲଟ୍ ନମ୍ବର ୪୭ ସହିତ ଘେରି ରହିଛି। | | |
| B | ଏକ ଦୁଇ ମହଲା ବିଶିଷ୍ଟ ଆବାସିକ (କାର ପାର୍କିଂ ଏବଂ ଉପଯୋଗୀତା ପାଇଁ ବେସମେଣ୍ଟ ମହଲା) ଲିଓନ୍ ପ୍ରକାର ଭିଲା ନଂ ୪୩ ଯାହାର ସୁପର ବିଲ୍ଟଅପ୍ କ୍ଷେତ୍ରଫଳ ୩୪୮୩ ବର୍ଗଫୁଟ ଏବଂ ଏହା ବୋଲେଗାର୍ଡ କୋଷ୍ଟା ବ୍ଲାଙ୍କାରେ ଅବସ୍ଥିତ ପ୍ରାୟ ୩.୫୩୨ କୋଟା ପରିମିତ ଜମି ସହିତ ଏକ ପ୍ଲଟ୍ ଉପରେ ଅବସ୍ଥିତ। ଏହା ଆର୍ଏସ୍ ଦାଗ୍ ନଂ ୩୨୧/୬୧୫ ରେ ଥିବା ପ୍ରାୟ ୬୨୮.୭୧ କୋଟା ପରିମିତ ଜମି ଉପରେ ନିର୍ମିତ ଆଇଡିଆଲ୍ ଭିଲା ନାମକ ଲେଆଉଟ୍ ରେ ଅନ୍ତର୍ଭୁକ୍ତ, ଯାହା ଆଇଆର୍ ଖତିୟାନ ନଂ ୯୦୪ (ପୂର୍ବରୁ ଖତିୟାନ ନଂ ୨୮୩/୨, ୪୬୫/୩, ୪୬୫/୪, ୫୨୮/୩ ଏବଂ ୫୨୮/୪) ମୌଜା- କୋଚପୁକୁର, ଜେଲ୍ ନଂ ୨ ଟୌଜି ନଂ ୧୦ ପି.ଏସ୍. କୋଲକାତା ଚମଡା କମ୍ପ୍ଲେକ୍ସ ଜିଲ୍ଲା-୨୪ ପରଗନା (ଦକ୍ଷିଣ) ବାମୁନଘାଟା ଗ୍ରାମ ପଞ୍ଚାୟତର ସୀମା ମଧ୍ୟରେ) ଏବଂ ଉତ୍ତରରେ ପରିବେଷ୍ଟିତ ଏବଂ ବ୍ୟାଟେଡ୍ - ପ୍ରକଳ୍ପ ସୀମା ଦ୍ୱାରା, ପୂର୍ବରେ - ପ୍ଲଟ୍ ନମ୍ବର - ୪୨ ଦ୍ୱାରା, ଦକ୍ଷିଣରେ - ଆଭ୍ୟନ୍ତରୀଣ ରାସ୍ତା ବୋଲେଗାର୍ଡ କୋଷ୍ଟା ବ୍ଲାଙ୍କା ଦ୍ୱାରା ଏବଂ ପଶ୍ଚିମରେ - ପ୍ଲଟ୍ ନମ୍ବର ୪୪ ଦ୍ୱାରା। | | |
| 7 | ଅସୁରକ୍ଷିତ ଋଣ (ଯେପରି ପ୍ରଯୁଜ୍ୟ) | NA | |
| 8 | ଋଣକୁ ବୁଝାଉଥିବା ସାମଗ୍ରୀ ସମ୍ପର୍କରେ ମାଲିକାନା ବ୍ୟବସ୍ଥା (ଯଦି ଥାଏ) ର ସଂରକ୍ଷଣର ବିବରଣୀ | ଉପରେ ପଏଣ୍ଟ 6 (A) ଏବଂ (B) ରେ ଉଲ୍ଲେଖିତ ସମ୍ପତ୍ତି ପାଇଁ ହଁ | |
| 9 | ଯଦି କୌଣସି ଡିଫଲ୍ଟ, ଯଦି କୌଣସି ଥାଏ, ତେବେ ବିଚାର କରୁଥିବା କୋର୍ଟ, ଟ୍ରିବ୍ୟୁନାଲ୍ କିମ୍ବା ମଧ୍ୟସ୍ଥତା ପ୍ୟାନେଲର ଆଦେଶର ବିବରଣୀ | ମାନ୍ୟବର NCLT, ଗୌହାଟି ବେଞ୍ଚର ୧୧/୧୨/୨୦୨୩ ତାରିଖର ଆଦେଶ ଅନୁଯାୟୀ ଶ୍ରୀମତୀ ସୁଧା ଶର୍ମାଙ୍କୁ ଲିକ୍ୱିଡେଟର ଭାବରେ କମ୍ପାନୀର ଲିକ୍ୱିଡେସନ୍ ପ୍ରକ୍ରିୟା ଆରମ୍ଭ କରାଯାଇଛି, ଯାହା ବର୍ତ୍ତମାନ ଚାଲିଛି। | |
| 10 | ସୂଚନା ଉପଯୋଗୀତା ସହିତ ଡିଫଲ୍ଟର ରେକର୍ଡ, ଯଦି ଥାଏ | ଡିଫଲ୍ଟ ଷ୍ଟେଟମେଣ୍ଟ, ସିଆରଆଇଏଲସି ରିପୋର୍ଟ | |
| 11 | ଭାରତୀୟ ଉତ୍ତରାଧିକାର ଆଇନ, **1925 (1925 ର 10)** ଅନୁଯାୟୀ ଉତ୍ତରାଧିକାର ପ୍ରମାଣପତ୍ର, କିମ୍ବା ଇଚ୍ଛାପତ୍ରର ପ୍ରମାଣପତ୍ର, କିମ୍ବା ପ୍ରଶାସନ ପତ୍ର, କିମ୍ବା କୋର୍ଟ ଡିକ୍ରି (ଯେପରି ପ୍ରଯୁଜ୍ୟ ହୋଇପାରେ) ର ବିବରଣୀ | NA | |
| 12 | ଆଇନ, ଚୁକ୍ତିନାମା କିମ୍ବା ଅନ୍ୟାନ୍ୟ ଦଲିଲର ବ୍ୟବସ୍ଥା ଯାହା ଅନୁଯାୟୀ ଋଣ ଦେୟ ହୋଇଛି | ଗ୍ୟାରେଣ୍ଟି/ ବନ୍ଧକ କାଗଜପତ୍ର | |
| 13 | ଋଣ ଗ୍ରହଣ ହୋଇଥିବା ତାରିଖରୁ, କର୍ପୋରେଟ୍ ଋଣଗ୍ରହୀତାଙ୍କ ଋଣ ସମ୍ପର୍କରେ ଋଣଦାତାଙ୍କ ଦ୍ୱାରା ସାଧାରଣତଃ ଜମା କିମ୍ବା କ୍ରେଡିଟ୍ ଗ୍ରହଣ କରାଯାଇଥିବା ବ୍ୟାଙ୍କ ଆକାଉଣ୍ଟର ଏକ ବିବରଣୀ। | ଆକାଉଣ୍ଟ ଷ୍ଟେଟମେଣ୍ଟ ସମସ୍ତ ଲୋନ ଆକାଉଣ୍ଟ ସହିତ | |
| 14 | ଋଣର ଅସ୍ତିତ୍ୱ ଏବଂ ଖିଲାପୀ ପରିମାଣ ପ୍ରମାଣ କରିବା ପାଇଁ ଏହି ନୋଟିସ ସହିତ ସଂଲଗ୍ନ ଡକ୍ୟୁମେଣ୍ଟଗୁଡ଼ିକର ତାଲିକା | **ସାଙ୍କସନ୍ ଲେଟର**, ଗ୍ୟାରେଣ୍ଟି କାଗଜପତ୍ର ବନ୍ଧକ କାଗଜପତ୍ର ସମସ୍ତ | |

**3.** ଯଦି ଆପଣ ବିଶ୍ୱାସ କରନ୍ତି ଯେ ଏହି ନୋଟିସ୍ ପାଇବା ପୂର୍ବରୁ ଋଣ ପରିଶୋଧ କରାଯାଇଛି, ତେବେ ଦୟାକରି ଏହି ନୋଟିସ୍ ପାଇବାର ଚଉଦ ଦିନ ମଧ୍ୟରେ ଆମକୁ ନିମ୍ନଲିଖିତ ଠିକଣାରେ ପଠାଇ ଏପରି ପରିଶୋଧ ପ୍ରଦର୍ଶନ କରନ୍ତୁ: -
ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ୍, **(NEDFi)**, ପଞ୍ଜିକୃତ କାର୍ଯ୍ୟାଳୟ: **"NEDFi ହାଉସ୍",G. S.** ରୋଡ୍, ଦିସପୁର, ଗୌହାଟି, ଆସାମ, **PIN - 781006**, (କର୍ପୋରେଟ୍ ଋଣଗ୍ରହୀତାଙ୍କ) ଇମେଲ୍- **samd@nedfi.com/bsaha@nedfi.com।**
(କ) ଗ୍ୟାରେଣ୍ଟରଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅନାଦେୟ ପରିମାଣର ଇଲେକ୍ଟ୍ରୋନିକ୍ ସ୍ଥାନାନ୍ତର ରେକର୍ଡର ଏକ ପ୍ରମାଣିତ କପି; କିମ୍ବା
(ଖ) ଗ୍ୟାରେଣ୍ଟରଙ୍କ ଦ୍ୱାରା ଜାରି ଅନାଦେୟ ପରିମାଣର ଚେକ୍ ନଗଦ କରିବାର ପ୍ରମାଣ; କିମ୍ବା
(ଗ) ଉତ୍ତରପୂର୍ବ ବିକାଶ ଆର୍ଥିକ ନିଗମ ଲିମିଟେଡ୍,**(NEDFi)**, ପଞ୍ଜିକୃତ କାର୍ଯ୍ୟାଳୟ: **"NEDFi ହାଉସ୍", G. S.** ରୋଡ୍, ଦିସପୁର, ଗୌହାଟି, ଆସାମ, **PIN - 781006** ପେମେଣ୍ଟ ପାଇଥିବା ଯେକୌଣସି ରେକର୍ଡର ଏକ ପ୍ରମାଣିତ କପି।
୪. ନିମ୍ନ ସ୍ୱାକ୍ଷରକାରୀ ଆପଣଙ୍କୁ ଏହି ଚିଠି ପାଇବାର ଚଉଦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଅନାଦେୟ ଋଣ ପରିଶୋଧ କରିବାକୁ ଅନୁରୋଧ କରୁଛନ୍ତି, ନଚେତ୍ ଆପଣଙ୍କ ବିରୁଦ୍ଧରେ କୋଡ୍ ଅନୁଯାୟୀ ଦେବାଳିଆ ସମାଧାନ ପ୍ରକ୍ରିୟା ଆରମ୍ଭ କରାଯିବ।

**ଧନ୍ୟବାଦ**
**ସ୍ୱା/-**
**ଡେପୁଟି ଜେନେରାଲ ମ୍ୟାନେଜର (ଏସଏଏମଡି)**

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 28th November, 2025 Friday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ମହିଳା ପ୍ରିମିୟର ଲିଗ୍ ଅକ୍ସନ
# ଦୀପ୍ତି ସବୁଠାରୁ ମହଙ୍ଗା ଖେଳାଳି




**ନୂଆଦିଲ୍ଲୀ,୨୭।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ମହିଳା ପ୍ରିମିୟର ଲିଗ୍ ୨୦୨୬ ଲାଗି ମେଗା ନିଲାମ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମାର୍କି ଖେଳାଳିମାନଙ୍କ ନିଲାମ ହୋଇଥିବା ଜଣାପଡ଼ିଛି। ଏହି ବର୍ଗରେ ମୋଟ ୮ ଜଣ ଖେଳାଳି ଥିଲେ। ସମସ୍ତଙ୍କୁ ନିଜ ନିଜର ଦଳ ମିଳିଥିବା ବେଳେ ଆଲିସା ହିଲି ଅନସୋଲ୍ଡ ଅଛନ୍ତି। ଏହି ରାଉଣ୍ଡରେ ସବୁଠାରୁ ମହଙ୍ଗା ଖେଳାଳି ହୋଇଛନ୍ତି ଅଲରାଉଣ୍ଡର ଦୀପ୍ତି ଶର୍ମା। ତାଙ୍କୁ ୟୁପି ୱାରିୟର୍ସ ଆରଟିଏମ ବ୍ୟବହାର କରି ଦିପ୍ତୀ ଶର୍ମାଙ୍କୁ ଟିମରେ ସାମିଲ କରିଛି।

ୟୁପି ୱାରିୟର୍ସକୁ ଫେରିବା ନେଇ ଖୁସି ପ୍ରକାଶ କରି ଦୀପ୍ତି ଶର୍ମା କହିଛନ୍ତି, 'ବହୁତ ଭଲ ଲାଗୁଛି। ମୁଁ ୟୁପିରୁ ଆସିଛି, ତେଣୁ ଏହି ଦଳ ସହିତ ମୋର ଏକ ଦୃଢ଼ ସମ୍ପର୍କ ଅଛି। ଏଠାକାର ପରିଚାଳନା ସଦସ୍ୟ ଏବଂ ସହାୟକ ବହୁତ ଭଲ। ମହିଳା ପ୍ରିମିୟର ଲିଗ୍ ମୋର ପ୍ରଦର୍ଶନକୁ ଉନ୍ନତ କରିବାରେ ମୋତେ ବହୁତ ସାହାଯ୍ୟ କରିଛି।'

ଦୀପ୍ତି ଶର୍ମା ମହିଳା ପ୍ରିମିୟର ଲିଗ୍ ୨୦୨୬ ନିଲାମ ତାଲିକାରେ ଆଲିସା ହିଲିଙ୍କ ପଛରେ ଦ୍ବିତୀୟ ସ୍ଥାନରେ ରହିଥିଲେ। ହିଲିଙ୍କ କୌଣସି ଦଳ ନନେବା ଏକ ଆଶ୍ଚର୍ଯ୍ୟଜନକ ଘଟଣା। କାରଣ ଆଲିସା ହିଲି ମହିଳା ବିଶ୍ୱକପରେ ଖୁବ ଭଲ ପ୍ରଦର୍ଶନ କରିଥିଲେ। ସେପଟେ ଦିପ୍ତୀଙ୍କୁ ନେବା ପାଇଁ ଦିଲ୍ଲୀ ପ୍ରଥମେ ଆଗ୍ରହ ଦେଖାଇ ଥିଲା। ପରେ ୟୁପି ୱାରିୟର୍ସ ତାଙ୍କ ଉପରେ ଆରଟିଏମ୍ (ଟ୍ରେଡ୍ ଟୁ ରିଟର୍ଣ୍ଣ) ବ୍ୟବହାର କରିଥିଲା। ଏହା ପରେ ଦିଲ୍ଲୀ ଏହାର ଚୂଡ଼ାନ୍ତ ମୂଲ୍ୟ ୩ କୋଟି ୨୦ ଲକ୍ଷ ଘୋଷଣା କରିଥିଲା। ୟୁପି ଆରଟିଏମ ବ୍ୟବହାର କରି ଦିପ୍ତୀଙ୍କୁ ଦଳରେ ସାମିଲ କରିଛି।

ମାର୍କି ରାଉଣ୍ଡରେ ବିକ୍ରି ହୋଇଥିବା ଖେଳାଳି ଏବଂ ସେମାନଙ୍କର ମୂଲ୍ୟ: ସୋଫି ଡିଭାଇନ୍- ୨ କୋଟି ଟଙ୍କା (ଗୁଜରାଟ ଜାଏଣ୍ଟସ), ଦୀପ୍ତି ଶର୍ମା- ୩.୨ କୋଟି ଟଙ୍କା (ୟୁପି ୱାରିୟର୍ସ), ଅମେଲିଆ କେର- ୩ କୋଟି ଟଙ୍କା (ମୁମ୍ବାଇ ଇଣ୍ଡିଆନ୍), ରେଣୁକା ସିଂହ- ୬୦ ଲକ୍ଷ (ଗୁଜରାଟ ଜାଏଣ୍ଟସ), ସୋଫି ଏକ୍ଲେଷ୍ଟୋନ- ୮୫ ଲକ୍ଷ (ୟୁପି ୱାରିୟର୍ସ), ମେଗ୍ ଲାନିଙ୍ଗ- ୧.୯ କୋଟି (ୟୁପି ୱାରିୟର୍ସ), ଲୌରା ୱୁଲଭାର୍ଡ - ୧.୧ କୋଟି (ଦିଲ୍ଲୀ କ୍ୟାପିଟାଲ୍ସ)

ୟୁପି ୱାରିୟର୍ସ ମାର୍କି ରାଉଣ୍ଡରେ ତିନି ଜଣ ଖେଳାଳିଙ୍କୁ କିଣିଛି। ଯେଉଁଥିରେ ଦୀପ୍ତି ଶର୍ମା (୩.୨ କୋଟି ଟଙ୍କା), ସୋଫି ଏକ୍ଲେଷ୍ଟୋନ୍ (୮.୫ ନିୟୁତ ଟଙ୍କା) ଏବଂ ମେଗ୍ ଲାନିଙ୍ଗ୍ (୧.୯ କୋଟି ଟଙ୍କା) ସାମିଲ। ଏହି ରାଉଣ୍ଡରେ ଗୁଜରାଟ ଜାଏଣ୍ଟସ୍ ଦୁଇ ଜଣ ଖେଳାଳି (ସୋଫି ଡିଭାଇନ୍ ଏବଂ ରେଣୁକା ସିଂହ)ଙ୍କୁ ଦଳରେ ସାମିଲ କରିଛି।



ଓଡ଼ିଶା ବିଧାନସଭା ପରିସରରେ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିରୋଧୀ ଦଳ ନେତା, କେନ୍ଦ୍ରମନ୍ତ୍ରୀ, ବିଧାୟକଙ୍କ ଗହଣରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

# ୨୪୧ ଅଭ୍ୟାସଗତ ଉଲ୍ଲଙ୍ଘନକାରୀଙ୍କ ଗାଡ଼ିର ପଞ୍ଜିକରଣ ପ୍ରମାଣପତ୍ର ସସ୍‌ପେଣ୍ଡ

**ଭୁବନେଶ୍ୱର,୨୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ହ୍ରାସ ଲକ୍ଷ୍ୟରେ ବାଣିଜ୍ୟ ପରିବହନ ବିଭାଗ ଦ୍ୱାରା 'ଶୂନ ମୃତାହତ ପକ୍ଷ' ପାଳନ କରାଯାଉଛି । ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ସଚେତନତା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଏନଫୋର୍ସମେଣ୍ଟ ବ୍ୟାପକ କରାଯାଇଛି। ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟବ୍ୟାପୀ ପରିବହନ ବିଭାଗ ଓ ପୋଲିସ ପ୍ରଶାସନର ସହଭାଗିତାରେ ମୋଟରଯାନର ନିୟମ ଉଲ୍ଲଙ୍ଘନ ବିରୋଧରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ କରାଯାଉଛି।

ସେହିଭଳି ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଗ୍ରହଣ କରଯାଇଛି। ବାରମ୍ବାର ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ କରି ସଡ଼କରେ ବିପଦ ସୃଷ୍ଟି କରୁଥିବା ଯାନର ତାଲିକା ପ୍ରସ୍ତୁତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୪୧ଟି ଯାନର ପଞ୍ଜିକରଣ ପ୍ରମାଣପତ୍ର ନିଲମ୍ବନ କରାଯାଇଛି। ଆଗକୁ ମଧ୍ୟ ବେପରୁଆ ଗାଡ଼ି ଚାଳକଙ୍କ ବିରେଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି



ଗାଡ଼ିଗୁଡ଼ିକ ନିଲମ୍ବନ ଅବଧିରେ ସଡ଼କକୁ ଆସିପାରିବେ ନାହିଁ। ଏହାସହ ଆଇନ୍ ଅନୁଯାୟୀ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ଲାଗି ବିଭାଗ ନିଷ୍ପତ୍ତି ନେଇଛି।

ସମ୍ବଲପୁର ଆରଟିଓଙ୍କ ଦ୍ୱାରା ୫୭ଟି ଗାଡ଼ି, ସୁନ୍ଦରଗଡ଼ ଆରଟିଓଙ୍କ ଦ୍ୱାରା ୫୨ଟି, ଭୁବନେଶ୍ୱର ଆରଟିଓ-୧ଙ୍କ ଦ୍ୱାରା ୨୭, ଜଗତସିଂହପୁର ଆରଟିଓଙ୍କ ଦ୍ୱାରା ୨୨, କଟକ ୨୨, ବରଗଡ଼ ୯, ବାଲେଶ୍ୱର ୯, ଭୁବନେଶ୍ୱର-୨ ଆରଟିଓଙ୍କ ଦ୍ୱାରା ୬, ଝାରସୁଗୁଡା ୬, ଚଣ୍ଡିଖୋଲ ୫, କେନ୍ଦ୍ରାପଡ଼ା ୫, ଭଦ୍ରକ ୪, ରାଉରକେଲା ୪, ଯାଜପୁର ୨, କେନ୍ଦୁଝର ୨, ରାଇରଙ୍ଗପୁର ଏଆରଟିଓଙ୍କ ଦ୍ୱାରା ୨, ଏଆରଟିଓ ବଡ଼ବିଲଙ୍କ ଦ୍ୱାରା ୨, ଢେଙ୍କାନାଳ, କୋରାପୁଟ, ନୟାଗଡ଼, ସୋନପୁର, ତାଳଚେର ଆରଟିଓଙ୍କ ଦ୍ୱାରା ଗୋଟିଏ ଲେଖାଏଁ ଗାଡ଼ିର ପଞ୍ଜିକରଣ ପ୍ରମାଣପତ୍ର ନିଲମ୍ବନ କରାଯାଇଛି। ନିଲମ୍ବିତ ହୋଇଥିବା ଗାଡ଼ି ମଧ୍ୟରେ ଅନେକ ଗାଡ଼ି ୫୦ରୁ ଅଧିକଥର ମୋଟର ଯାନ ଆଇନ ଉଲ୍ଲଙ୍ଘନ କରିଥିବା ବେଳେ, ଏପରି କିଛି ଗାଡ଼ି ମଧ୍ୟ ରହିଛି, ଯେଉଁ ଗାଡ଼ିଗୁଡ଼ିକ ୧୦୦ରୁ ଅଧିକଥର ମୋଟର ଯାନ ଆଇନ ଉଲ୍ଲଙ୍ଘନ କରିଛନ୍ତି ।

ଦୀର୍ଘ ବର୍ଷ ଧରି ଏହି ଗାଡ଼ିଗୁଡ଼ିକ ଟ୍ରାଫିକ ନିୟମ ଉଲ୍ଲଂଘନ କରି ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ଜୀବନକୁ ବିପଦରେ ପକାଉଛନ୍ତି। ତେଣୁ ସଡ଼କ ସୁରକ୍ଷାର ଗୁରୁତ୍ୱକୁ ଦୃଷ୍ଟି ରଖି, ଏଭଳି ବେପରୁଆ ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବାକୁ ମୋଟର ଯାନ ଆଇ ଅନୁଯାୟୀ କଠୋର ଆଭିମୁଖ୍ୟ ଗ୍ରହଣ ପାଇଁ ବିଭାଗ ନିଷ୍ପତ୍ତି ନେଇଛି।

ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସଚେତନତା ସହ ଏନଫୋର୍ସମେଣ୍ଟକୁ ଗୁରୁତ୍ୱ ଦିଆଯାଇଛି। ଏହି ଆଧାରରେ ଏବେ 'ଶୂନ ମୃତାହତ ପକ୍ଷ' ପାଳନ କରାଯାଉଛି। ଯାହା ୩୦ ନଭେମ୍ବର ଯାଏ ଚାଲିବ।

## ଆଇଆଇଟିଏଫ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଓଡ଼ିଶା ଟିମ୍‌କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

**ଭୁବନେଶ୍ୱର,୨୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆଦିଲ୍ଲୀରେ ଆୟୋଜିତ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳା (ଆଇଆଇଟିଏଫ୍)-୨୦୨୫ରେ ଓଡିଶା ପ୍ରଥମ ସ୍ଥାନ ଅଧିକାର କରି ଗୋଲ୍ଡ ମେଡାଲ ହାସଲ କରିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ଅବସରରେ ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଂଗଠନ (ଆଇଟିପିଓ)ତରଫରୁ ଆଜି ଏହି ପୁରସ୍କାର ପ୍ରଦାନ କରାଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଫଳତା ପାଇଁ ଖୁସି ପ୍ରକାଶ କରିବା ସହିତ ଟିମ୍ ଓଡିଶାକୁ ଅଭିନନ୍ଦନ ଓ ଧନ୍ୟବାଦ




ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟର ମର୍ଯ୍ୟାଦାକୁ ବୃଦ୍ଧି କରିବା ଦିଗରେ ଏହା ଏକ ଉଲ୍ଲେଖଯୋଗ୍ୟ ସଫଳତା।

ସୂଚନାଯୋଗ୍ୟ ଯେ, ସମୁଦାୟ ୩୧ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଯୋଗ ଦେଇଥିଲେ। ଓଡିଶା ସାମଗ୍ରୀକ ପ୍ରଦର୍ଶନ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ଏହି ସଫଳତା ହାସଲ କରିଛି । କ୍ରମାଗତ ଭାବେ ଚତୁର୍ଥ ଥର ପାଇଁ ଓଡିଶା ଏହି ପୁରସ୍କାର ପାଇବା ସହିତ ଏଥରକୁ ମିଶାଇ ଦୁଇ ଥର ଗୋଲ୍ଡ ମେଡାଲ ପାଇଛି।

ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ରାଜ୍ୟ ସରକାରଙ୍କର ୯ଟି ବିଭାଗର ୨୬ଟି ଷ୍ଟଲ ସ୍ଥାନୀତ ହୋଇଥିଲା। ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ଲକ୍ଷ୍ୟ ଏବଂ ଏକ୍ ଭାରତ ଶ୍ରେଷ୍ଠ ଭାରତର ଆଭିମୁଖ୍ୟକୁ ଏହି ପ୍ରଦର୍ଶନୀ ମାଧ୍ୟମରେ ଉପସ୍ଥାପିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୨୨ ତାରିଖରେ ଓଡିଶା ରାଜ୍ୟ ଦିବସ ସମାରୋହ ପାଳନ ଅବସରରେ ଓଡିଶା ମଣ୍ଡପ ବୁଲି ଦେଖିବା ସହିତ ଓଡିଶାର କଳା, ଐତିହ୍ୟ ଓ ପରମ୍ପରା ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ।

## ଡ୍ରୋନ ସର୍ଭେ ମାଧ୍ୟମରେ ବେଆଇନ ବାଲି ଉତ୍ତୋଳନ ସ୍ଥାନ ଚିହ୍ନଟ

**କଟକ,୨୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ପ୍ରଶାସନ ଏବଂ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଦ୍ୱାରା ୨୦୨୫ ମସିହା ମେ-ଜୁନ ମାସ ଅର୍ଥାତ ବନ୍ୟା ସମୟ ପୂର୍ବରୁ କଟକ ଜିଲ୍ଲାର ପ୍ରମୁଖ ବାଲି ଉତ୍ସଗୁଡ଼ିକରେ ବ୍ୟାପକ ଡ୍ରୋନ/ ଡିଜିପିଏସ ଆଧାରିତ ସର୍ଭେ କରାଯାଇଥିଲା । ବେଆଇନ ଉତ୍ତୋଳନର ପରିମାଣ ଆକଳନ କରିବା ତଥା ଲଘୁ ଖଣିଜ ପଦାର୍ଥ ଉତ୍ତୋଳନର ବୈଜ୍ଞାନିକ, ସ୍ୱଚ୍ଛ ଏବଂ ଦାୟିତ୍ୱପୂର୍ଣ୍ଣ ତଦାରଖ ସୁନିଶ୍ଚିତ କରିବା ପାଇଁ ଏହି ସର୍ଭେ କରାଯାଇଥିଲା । ବାରଙ୍ଗ, ନରସିଂହପୁର, ଡମପଡ଼ା, କଟକ ସଦର, ନିଶ୍ଚିନ୍ତକୋଇଲି, କିଶନନଗର, ବାଙ୍କୀ, ଆଠଗଡ଼ ଏବଂ କଣ୍ଟାପଡ଼ା ତହସିଲର ଅନେକ ଅନୁମୋଦିତ ବାଲି ଘାଟ ଏହି ସର୍ଭେରେ ଅନ୍ତର୍ଭୁକ୍ତ ହୋଇଥିଲା । ଡିଜିପିଏସ ମ୍ୟାପିଂ ମାଧ୍ୟମରେ ଲିଜ ହୋଲ୍ଡ କ୍ଷେତ୍ର ଭିତରେ ଏବଂ ବାହାରେ ବାଲି ଉତ୍ତୋଳନର ସଠିକ ପରିମାଣ ଆଦି ଆକଳନ କରାଯାଇଥିଲା। ଏହି ତଥ୍ୟକୁ ଓଡ଼ିଶା ସ୍ପେସ ଆପଲିକେସନ ସେଣ୍ଟର ଦ୍ୱାରା ଯାଂଚ କରାଯାଇଛି । ସର୍ଭେ ଫଳାଫଳ ପ୍ରାରମ୍ଭିକ ବିଶ୍ଳେଷଣରୁ କାଠଯୋଡ଼ି ନଦୀ ବାଲି ବିଦ୍ୟାଧରପୁର, କାଠଯୋଡ଼ି ନଦୀ ବାଲି ମୁଣ୍ଡମୁହାଣ, କୁଆଖାଇ ନଦୀ ବାଲି ନାରଣପୁର, କାଠଯୋଡ଼ି ନଦୀ ବାଲି ୟୁନିଟ-୩୭ ବାଦାମବାଡ଼ି, ସିଦ୍ଧୁଆ ନଦୀ ବାଲି ଜରିପଡ଼ା, ବଳଦାନୈଲ୍ୟ ଦେବୀ ନଦୀ ବାଲି, ବଳରାମପୁର ବାଲିଖଣି କାଳିକାପ୍ରସାଦ ବାଲିଘାଟ, ବୈଦେଶ୍ୱର ବାଲି ଉତ୍ସ, ସୁବର୍ଣ୍ଣପୁର ବାଙ୍କୀର ବାଲିଉତ୍ସ, ଧନୀପୁର ମହାନଦୀ ବାଲି, ବ୍ରହ୍ମପୁରା ମହାନଦୀ ବାଲି, ଲୁଣାନଦୀ ବାଲି, ଡିମୋଣ୍ଡ ଏବଂ ଡୋଣ୍ଡ ମହାନଦୀ ବାଲି ସମେତ ଅନେକ ସ୍ଥାନରେ ଗୁରୁତ୍ୱପୂର୍ଣ୍ଣ ବେଆଇନ ବାଲି ଖନନ ହୋଇଥିବା ଜଣାପଡ଼ିଛି । ଚିହ୍ନଟ ହୋଇଥିବା ଅତିରକ୍ତ ଖନନକୁ ଆଧାରକରି ଓଡ଼ିଶା ଲଘୁ ଖଣିଜ ରିହାତି ସଂଶୋଧନ ନିୟମ ୨୦୨୩ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ବୈଧାନିକ ବ୍ୟବସ୍ଥା ଅନୁଯାୟୀ ସଂପୃକ୍ତ ଲିଜଧାରୀ/ ପରିଚାଳକମାନଙ୍କ ଉପରେ ୧୨କୋଟି ଟଙ୍କାର ଜରିମାନା ଲାଗୁ କରାଯିବାର ପ୍ରସ୍ତାବ ରହିଛି। ଉପଯୁକ୍ତ ଯାଂଚ ଏବଂ ଡିମାଣ୍ଡ ନୋଟିସ ଜାରି କରିବା ପରେ ଏହି ଦଣ୍ଡ ଚୂଡ଼ାନ୍ତ କରାଯିବ । କଟକ ଜିଲ୍ଲାରେ ଲଘୁ ଖଣିଜ ସଂପଦର ସ୍ଥାୟୀ ଓ ଆଇନଗତ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ନିୟମିତ ଡ୍ରୋନ ସର୍ଭେଲାନ୍ସ, କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଉପବିଭାଗ ଏବଂ ତହସିଲ ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଛି।

## ପ୍ରଥମ ପୃଷ୍ଠାରୁ...

### ଜଗନ୍ନାଥଙ୍କ ଆଶୀର୍ବାଦ...

ଏଠାରେ ଚାଷୀମାନଙ୍କୁ ସବ୍‌ସିଡି ଯୋଗାଇଛନ୍ତି। କୃଷି, ଶିଳ୍ପ ଓ ବାଣିଜ୍ୟ ପାଇଁ ଓଡିଶା ଅନୁକୂଳ ହେବ। ଉଭୟ କେନ୍ଦ୍ର ଓ ରାଜ୍ୟର ମିଳିତ ଉଦ୍ୟମରେ ଓଡିଶାର ଶିଳ୍ପର ବିକାଶ ପାଇଁ କାମ ଜାରି ରହିଛି। ଓଡିଶା ହେଉଛି ଜଗନ୍ନାଥଙ୍କର ମାଟି। ସେଥିପାଇଁ ଓଡିଶାର ମାଟି, ଖଣି ଓ ଜଙ୍ଗଲ ଭରପୁର ରହିଛି। ଓଡିଶାରେ ସୁଦୀର୍ଘ ବେଳାଭୂମି ରହିଛି। ୨୦୪୭ରେ ଭାରତ ବିକଶିତ ହୋଇସାରିଥିବ। ୨୦୩୬ରେ ଓଡିଶା ସମୃଦ୍ଧ ହୋଇପାରିଲେ, ତାହା ବିକଶିତ ଭାରତରେ ବଡ ଯୋଗଦାନ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି।

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି, ଏହି ଗୃହ ଆପଣଙ୍କୁ ସବୁଦିନ ପାଇଁ ମନେ ରଖିବ। ଏଠାରେ ଆପଣଙ୍କର ଉପସ୍ଥିତି ସ୍ମରଣୀୟ ରହିବ। ଆପଣଙ୍କୁ ଏଠାରେ ଦିନେ ସର୍ବଶ୍ରେଷ୍ଠ ବିଧାୟକ ସମ୍ମାନ ମିଳିଥିଲା। ଆପଣଙ୍କର ଜୀବନ କାହାଣୀ ସଂଘର୍ଷପୂର୍ଣ୍ଣ ଥିଲା। ଆପଣଙ୍କର ପାଖରେ ନେତୃତ୍ୱ ନେବାର ଦକ୍ଷତା ରହିଛି। ଆଦିବାସୀମାନଙ୍କର ବିକାଶ ପାଇଁ ଆପଣ କାମ କରିଛନ୍ତି, ଯାହା ସବୁଦିନ ପାଇଁ ମନେ ରହିବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡିଶାର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଜିର ଦିନଟି ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ। ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆମ ସମସ୍ତଙ୍କୁ ବିଧାନସଭାରେ ସମ୍ବୋଧିତ କରିବା ସହିତ ମାର୍ଗଦର୍ଶନକରିବେ। ତାଙ୍କର ସକ୍ରିୟ ଉପସ୍ଥିତି ଆମପାଇଁ ଉତ୍ସାହ ଆଣି ଦେଇଛି। ଆମ ପାଇଁ ଗୌରବର ବିଷୟ ଯେ, ତାଙ୍କର ରାଜନୈତିକ ଜୀବନ ସେ ଏହି ଗୃହରୁ ଆରମ୍ଭ କରିଥିଲେ। ନିଜର କଠୋର ପରିଶ୍ରମ ଏବଂ ତ୍ୟାଗ ବଳରେ ଦେଶର ଶ୍ରେଷ୍ଠ ଆସନ ଅଳଂକୃତ କରିଛନ୍ତି। ନିଜର ଜନ୍ମଭୂମି ପାଇଁ ଆପଣଙ୍କର ଅବଦାନ ଭୁଲିବାର ନାହିଁ। ମଣିଷ ଯେତେ ବଡ ହେଲେ ମଧ୍ୟ ଜନ୍ମ ଏବଂ କର୍ମଭୂମି ପାଇଁ କାମ କରିବାର ଅଛି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମୟୂରଭଂଜ ଜିଲ୍ଲାର ଉପରବେଡାର ଏକ ସାନ୍ତାଳୀ ପରିବାରରେ ଜନ୍ମଗ୍ରହଣ କରି ଜୀବନରେ ହାର ମାନିନାହାନ୍ତି। ରୋଷେଇ କରିବା ପାଇଁ ଆପଣ ଜଙ୍ଗଲରୁ କାଠ ସଂଗ୍ରହ କରୁଥିଲେ, ତାହା ମୁଁ ଶୁଣିବାକୁ ପାଇଥିଲି। ତମାମ ସଂଘର୍ଷ ଓ ଝଡଝଂଜା ମଧ୍ୟରୁ ଆପଣ ବାହାରିଛନ୍ତି। ଗତକାଲି ସମ୍ବିଧାନ ଦିବସ ଅବରରେ ରାଷ୍ଟ୍ରପତି ଦେଶବାସୀଙ୍କୁ ଯେଉଁ ସମ୍ବୋଧନ ଦେଇଥିଲେ, ତାହା ଦେଶବାସୀଙ୍କ ହୃଦୟକୁ ଛୁଇଁଥିଲା। ଆଜି ଗୋଟିଏ ଦିନ ପରେ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଓଡିଶାବାସୀଙ୍କୁ ପୁଣି ଥରେ ସମ୍ବୋଧିତ କରୁଛନ୍ତି। ଆପଣ ଏହି ଗୃହରେ ମନ୍ତ୍ରୀ ଭାବେ କାମ କରିଛନ୍ତି। ଆପଣଙ୍କର ପରାମର୍ଶ ସମୃଦ୍ଧ ଓଡିଶା ଏବଂ ବିକଶିତ ଭାରତ ଗଠନରେ ସହାୟକ ହେବ।

ରାଷ୍ଟ୍ରପତିଙ୍କ ଏହି ସ୍ୱତନ୍ତ୍ର ଉଦ୍‌ବୋଧନ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ, ଆମେ ସମସ୍ତେ ଗର୍ବିତ ଯେ, ଏମାଟିର ଝିଅ ଦ୍ରୌପଦୀ ମୁର୍ମୁ ଦେଶର ରାଷ୍ଟ୍ରପତି ହୋଇପାରିଛନ୍ତି। ଆହୁରି ଗର୍ବର କଥା ଯେ, ତାଙ୍କର ରାଜନୈତିକ ଯାତ୍ରା ଏହି ଓଡିଶା ବିଧାନସଭାରୁ ଆରମ୍ଭ ହୋଇଥିଲା ଏବଂ ଆଜି ସେ ଦେଶର ରାଷ୍ଟ୍ରପତି ହୋଇପାରିଛନ୍ତି। ଏହି ମାଟିର ଗର୍ବ ବୃଦ୍ଧି କରିଛନ୍ତି। ବିଭିନ୍ନତା ଭିତରେ ଏକତା ହେଉଛି ଏହି ଦେଶର ମହାନତା।

### ଏସ୍‌ଆଇଆର୍‌କୁ...

ବିହାର ପରେ ତାମିଲନାଡୁ, କେରଳ, ବେଙ୍ଗଲ ଓ ପୁଡୁଚେରୀ ଭଳି ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏବେ ଏସ୍‌ଆଇଆର ଚାଲିଛି। ଏହି ୧୨ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ୫୧ କୋଟି ଭୋଟରଙ୍କ ଯାଞ୍ଚ କରାଯାଉଛି।

ଖଣ୍ଡପୀଠରେ ଥିବା ଜଷ୍ଟିସ ଜୟମଲୟ ବାଗଚି କହିଛନ୍ତି ଯେ ଭୋଟର ତାଲିକାର ଯାଞ୍ଚ କରିବାର ଅଧିକାର ନିର୍ବାଚନ କମିଶନଙ୍କ ପାଖରେ ରହିଛି। ଗଣନା ଫର୍ମ ଯାଞ୍ଚ ବା ସର୍ଭେର ଅଂଶବିଶେଷ। ଭୋଟରଙ୍କ ଅସ୍ତିତ୍ୱ ଜାଣିବାର ଏହା ଗୋଟିଏ ଅଂଶବିଶେଷ। ଭାରତୀୟ ନିର୍ବାଚନ ଗୋଟିଏ ଡାକ ଘର ଭାବେ କାମ କରିବେ ବୋଲି ଆମେ ଆଶା କରିପାରିବା ନାହିଁ ବୋଲି ଜଷ୍ଟିସ ବାଗଚି କହିଛନ୍ତି।

ଖଣ୍ଡପୀଠ ଶୁଣାଣି ବେଳେ ଦୋହରାଇଛନ୍ତି ଯେ "ଆଧାର କାର୍ଡ ସଂପୂର୍ଣ୍ଣ ଭାବେ ନାଗରିକତାର ପ୍ରମାଣ ନୁହେଁ। ତେଣୁ ଆମେ ଏହାକୁ କେବଳ ଗୋଟିଏ ଦସ୍ତାବିଜ ଭାବେ ବ୍ୟବହାର କରିବାକୁ କହିଛୁ। ଯଦି କାହା ନାଁ କଟା ଯାଇଛି, ସେମାନଙ୍କୁ ଏହାର କାରଣ ନୋଟିସ ମାଧ୍ୟମରେ ଅବଗତ କରାଯିବ।" ତାମିଲନାଡୁ, କେରଳ ଓ ବେଙ୍ଗଲରେ ଚାଲିଥିବା ଏସ୍‌ଆଇଆରକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ନୋଟିସ କରିଛନ୍ତି। ଡିସେମ୍ବର ୧ ସୁଦ୍ଧା କମିଶନ ଜବାବ ରଖିବେ। ଏହାପରେ ଆବେଦନକାରୀ ମଧ୍ୟ ନିଜର ପକ୍ଷ ଦାଖଲ କରିପାରିବେ। ଦୁଇ ପକ୍ଷ ଜବାବ ରଖିବା ପରେ ଏହାର ଶୁଣାଣି ହେବ।

### ଶିକ୍ଷକଙ୍କ ବଦଳିରେ...

ହସ୍ତକ୍ଷେପକୁ ହାଇକୋର୍ଟଙ୍କ ନା ପରେ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ବିଜେଡି କହିଛି ଯେ ସରକାରଙ୍କର ଏହା ଏକ ଭୁଲ୍ ନିଷ୍ପତ୍ତି ଥିଲା। ସେମିତି କଂଗ୍ରେସ କହିଛି ଯେ ଶିକ୍ଷକ ବଦଳିକୁ ନେଇ ଜନ ପ୍ରତିନିଧିଙ୍କ ଉପରେ ପ୍ରବଳ ଚାପ ପଡୁଥିଲା ଓ ଅନେକ ଯୋଗ୍ୟ ଶିକ୍ଷକ ବି ବଦଳିରୁ ବାଦ୍ ପଡୁଥିଲେ। ଆଜି ହାଇକୋର୍ଟଙ୍କ ନିଷ୍ପତ୍ତିକୁ ପ୍ରାଥମିକ ଶିକ୍ଷକ ମିଳିତ ମଞ୍ଚ ମଧ୍ୟ ସ୍ୱାଗତ କରିଛି। ମଞ୍ଚ କହିଛି ଯେ ଶିକ୍ଷକ ବଦଳି କ୍ଷେତ୍ରରେ ସଂସ୍କାର ଆସିବା ଜରୁରୀ।

ଏହାର ଜବାବରେ ଗଣଶିକ୍ଷାମନ୍ତ୍ରୀ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ଅନୁପାତ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷକ ବଦଳି କରାଯାଏ। ହାଇକୋର୍ଟଙ୍କ ଆଦେଶର ତର୍ଜମା ହେବ ଓ ଶିକ୍ଷକ ବଦଳିରେ ସ୍ୱଚ୍ଛତା ନେଇ ତାଙ୍କ ବିଭାଗ କାମ କରିବ।

### ବିଦ୍ୟୁତ୍ ବିଭାଗ...

ମାଗିଥିଲେ। ଏନେଇ ଉପଭୋକ୍ତା ପାଢ଼ୀ ଆକାଉଣ୍ଟେଣ୍ଟ ମିଶ୍ରଙ୍କ ନାମରେ ଗତ ୨୦୧୯ ଅକ୍ଟୋବର ୨ ତାରିଖରେ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଅଭିଯୋଗ କରିଥିଲେ। ଏହାର ଦିନକ ପରେ ଅର୍ଥାତ ୩ ତାରିଖରେ ଉପଭୋକ୍ତା ପାଢ଼ୀଙ୍କଠାରୁ ଆକାଉଣ୍ଟେଣ୍ଟ ମିଶ୍ର ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ଧରିବାରରେ ସଫଳ ହୋଇଥିଲେ। ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁଧୀର କୁମାର ପଣ୍ଡା ଏବଂ ଇମ୍ରାନ ଖାଁ ପରିଚାଳନା କରିଥିଲେ।

### ଆସାମରେ ବହୁବିବାହ...

ଜନଜାତିର ସଦସ୍ୟଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ। ଏଥିରେ କୁହାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ତାଙ୍କର ବିବାହକୁ ଲୁଚାଇ ଦ୍ୱିତୀୟ ବିବାହ କରନ୍ତି, ତେବେ ତାଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ଜରିମାନା ସହିତ ଦଣ୍ଡିତ କରାଯାଇପାରିବ।

## ଭାରତର ବିରୋଧ ସତ୍ତ୍ୱେ ନେପାଳ ନୂଆ ନୋଟ୍‌ରେ ଛାପିଲା ବିବାଦୀୟ ମ୍ୟାପ୍

**ନୂଆଦିଲ୍ଲୀ,୨୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚୀନ୍ ବାଟରେ ନେପାଳ। ଏବେ ଭାରତର ଜାଗାକୁ ନିଜର ବୋଲି ଦେଖାଇଛି। ନିଜର ନୂତନ ୧୦୦ ଟଙ୍କିଆ ନୋଟ୍‌ରେ ଭାରତର ୩ଟି ସ୍ଥାନକୁ ନିଜର ଦେଖାଇବା ପରେ ବିବାଦ ବଢ଼ିଛି। ଏହା ଦ୍ୱାରା ଦୁଇ ଦେଶ ଭିତରେ ଥିବା ସମ୍ପର୍କରେ ଉତ୍ତେଜନା ସୃଷ୍ଟି ହେବାର ଆଶଙ୍କା ରହିଛି। ନେପାଳର କେନ୍ଦ୍ରୀୟ ବ୍ୟାଙ୍କ ଗୁରୁବାର ୧୦୦ ଟଙ୍କିଆ ନୂଆ ନୋଟ୍ ଜାରି କରିଛି। ଏଥିରେ ଦେଶର ସଂଶୋଧିତ ରାଜନୈତିକ ମାନଚିତ୍ର ଛପା ଯାଇଛି। ୧୦୦ ଟଙ୍କିଆ କରେନ୍ସିରେ ଛପା ଯାଇଥିବା ମାନଚିତ୍ରରେ ନେପାଳ ବିବାଦୀୟ କଳାପାଣି, ଲିପୁଲେଖ ଓ




ଲିମ୍ପିୟାଧୁରା ଅଞ୍ଚଳକୁ ନିଜର ବୋଲି କହିଛି। ନେପାଳର ଏହି କାର୍ଯ୍ୟକୁ ଭାରତ ବିରୋଧ କରିଛି। ଏହା ସହ କହିଛି ଏଭଳି ପଦକ୍ଷେପ 'ଏକତରଫା' ଓ 'କୃତ୍ରିମ ଆଞ୍ଚଳିକ ବିସ୍ତାର'। ନେପାଳ ରାଷ୍ଟ୍ରୀୟ ବ୍ୟାଙ୍କ (ଏନ୍‌ଆରବି) ଦ୍ୱାରା ଜାରି ଏହି ନୂଆ ନୋଟ୍ ଉପରେ ପୂର୍ବତନ ଗର୍ଭନର ଡକ୍ଟର ମହାପ୍ରସାଦ ଅଧିକାରୀଙ୍କ ସାକ୍ଷର ରହିଛି। ତତ୍କାଳୀନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ନେତୃତ୍ୱାଧୀନ ସରକାର ମଇ ୨୦୨୦ରେ ସଂସଦରୁ ସମ୍ବିଧାନ ସଂଶୋଧନ ପାସ୍ କରି କଳାପାଣି, ଲିପୁଲେଖ ଓ ଲିମ୍ପିୟାଧୁରାକୁ ନିଜ ଅଞ୍ଚଳରେ ସାମିଲ କରି ନୂଆ ମାନଚିତ୍ରକୁ ମାନ୍ୟତା ଦେଇଥିଲେ। ଏବେ ସେହି ସଂଶୋଧିତ ମାନଚିତ୍ର ୧୦୦ ଟଙ୍କିଆ ନୋଟ୍ ଛପା ଯାଇଛି। ନେପାଳର ଏହି କାର୍ଯ୍ୟକୁ ନେଇ ଭାରତ କଡ଼ା ଆପତ୍ତି ପ୍ରକାଶ କରିଛି। ଭାରତ କହିଛି, ଲିପୁଲେଖ, କଳାପାଣି ଓ ଲିମ୍ପିୟାଧୁରା ଆମର ଅଭିନ୍ନ ଅଙ୍ଗ। ନେପାଳର ଏହି ପଦକ୍ଷେପ ତଥ୍ୟାତ୍ମକ ଭାବରେ ଭୁଲ। ନେପାଳର ସୀମା ୫ ଭାରତୀୟ ରାଜ୍ୟ ସିକିମ୍, ପଶ୍ଚିମବଙ୍ଗ, ବିହାର, ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ ସହ ୧,୮୫୦ କିଲୋମିଟରରୁ ଅଧିକ ରହିଛି। ଦୁଇ ଦେଶ ଭିତରେ ଏହି କ୍ଷେତ୍ରକୁ ନେଇ ଦୀର୍ଘ ସମୟଧରି ବିବାଦ ଚାଲିଛି।

## ମୋବାଇଲ ସ୍କ୍ୱାଡ଼ ଅବକାରୀ କର୍ମଚାରୀଙ୍କୁ ପିଟିଲେ ମଦ ବେପାରୀ

**ବ୍ୟାସନଗର,୨୭।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଗୁରୁବାର ଯାଜପୁର ଅବକାରୀ ବିଭାଗର ଦୁଇଜଣ କର୍ମଚାରୀ ଯାଜପୁର ରୋଡ ଥାନା ଅନ୍ତର୍ଗତ ପହଗାଁର ଜତିସାହିରେ ଦେଶୀ ମଦ ବେପାରୀକୁ ଜୋକୋଡି ପାଖରୁ ଗୋଡାଉଥିବା ଦେଖି ବେପାରୀ ଜଣକ ଅତି ଚତୁରତାରେ ଆସୁଥିବା ବେଳେ ତାଙ୍କ ଘରେ ଚଢାଉ କରିଥିଲେ। କିନ୍ତୁ ଚଢାଉ କରିବା ବେଳେ ଦେଶୀ ମଦ ବେପାରୀ ଅବକାରୀ କର୍ମଚାରୀଙ୍କୁ ଚୋର ଚୋର କହି ଗୋଡେଇ ପିଟିଥିଲେ। କର୍ମଚାରୀ ଦ୍ୱୟ ମାଡଖାଇବା ପରେ ଜଣକ ଘରେ ଲୁଚି ରହିଥିଲେ। ଖବର ପାଇଁ ଯାଜପୁର ରୋଡ ପୁଲିସ ଘଟଣାସ୍ଥଳରେ ପହଁଚି ଲୁଚି ରହିଥିବା ଅବକାରୀ କର୍ମଚାରୀଙ୍କୁ ଉଦ୍ଧାର କରିବା ସହ ମଦ ବେପାରୀଙ୍କ ଘରେ ଚଢାଉ କରି ଦେଶୀ ମଦ ଜବଦ କରି ଜଣକୁ ଉଠାଇ ଆଣିଥିଲେ। ସୂଚନାନୁଯାୟୀ, ଆଜି ଅପରାହ୍ନରେ ଯାଜପୁର ଅବକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଦୁଇଜଣ କର୍ମଚାରୀ ପହଗାଁର ଜତିସାହିରେ ଦେଶୀ ମଦ ବିକ୍ରି କରାଯାଉଥିବା ଖବର ପାଇ ଚଢାଉ କରିବାକୁ ପହଁଚିଥିଲେ। ଜତିସାହିର ବିଦନ ପ୍ରଧାନଙ୍କ ଘରେ ଚଢାଉ କରିବାକୁ ପଶିବାକ୍ଷଣି ବିଦନଙ୍କ ପୁଅ ସମୀର କର୍ମଚାରୀଙ୍କୁ ଚୋର ଚୋର କହି ପିଟିଥିଲେ। ଅବକାରୀ କର୍ମଚାରୀ ଦ୍ୱୟ ଦୌଡି ଦୌଡି ଯାଇ କାଳନ୍ଦୀ ମଲିକଙ୍କ ଘରେ ଆଶ୍ରୟ ନେଇଥିଲେ। କର୍ମଚାରୀ ବିଭାଗୀୟ କାର୍ଯ୍ୟାଳୟ ଏବଂ ଯାଜପୁର ରୋଡ ପୁଲିସକୁ ଫୋନ କରିଥିଲେ। ଖବର ପାଇ ଯାଜପୁର ରୋଡ ଅବକାରୀ ଓଆଇସି ବିଭୁଦତ ସାହୁ ଯାଜପୁର ରୋଡ ପୁଲିସ ସହ ଘଟଣା ସ୍ଥଳରେ ପହଁଚି ଲୁଚି ରହିଥିବା କର୍ମଚାରୀଦ୍ୱୟଙ୍କୁ ଉଦ୍ଧାର କରିଥିଲେ। ପରେ ପୁଲିସ ବିଦନଙ୍କ ଘରେ ଚଢାଉ କରି ବିପୁଳ ପରିମାଣର ଦେଶୀ ମଦ ଜବଦ କରିଥିଲେ। ତେବେ ମାଡ ମାରିଥିବା ସମୀର ଘଟଣାସ୍ଥଳୁ ଚମ୍ପଟ ମାରିଥିବା ବେଳେ ପୁଲିସ ତା'ର ବାପା ବିଦନକୁ ଧରି ଆଣିଥିଲେ ।

## ୫୭ ଶିଳ୍ପସଂସ୍ଥା ଉପରେ ୫୮୯୦ କୋଟିର ଜଳକର ବାକି

**ବ୍ୟାସନଗର,୨୭।୧୧: ତଥ୍ୟ**

ରାଜ୍ୟ ସରକାର ବର୍ଷକୁ ୮୬୦ କୋଟି ଟଙ୍କାର ଜଳକର ପାଉଥିବାବେଳେ ୫୭ଟି ଶିଳ୍ପସଂସ୍ଥା ଉପରେ ୫୮୯୦ କୋଟି ଟଙ୍କାର ଜଳକର ବକେୟା ପଡିଛି। ଜଳ ବ୍ୟବହାର ଓ ଜଳକର ବକେୟା ସଂକ୍ରାନ୍ତରେ କଂଗ୍ରେସ ବିଧାୟକ ପବିତ୍ର ସାଉଁନ୍ତା ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ଶିଳ୍ପସଂସ୍ଥାମାନେ ରାଜ୍ୟ ସରକାରଙ୍କ ସହିତ କରିଥିବା ଚୁକ୍ତି ଅନୁଯାୟୀ ରାଜ୍ୟର ୭ଟି ନଦୀ ଅବବାହିକାରୁ ଜଳ ନେଇଥାନ୍ତି। ବ୍ରାହ୍ମଣୀ ଅବବାହିକାରୁ ସର୍ବାଧିକ ୫୩୫ କ୍ୟୁସେକ ଜଳ ନେଉଥିବାବେଳେ ମହାନଦୀ ଅବବାହିକାରୁ ୪୯୭ କ୍ୟୁସେକ ଜଳ ନେଇଥାନ୍ତି। ଋଷିକୂଲ୍ୟା ଅବବାହିକାରୁ ମାତ୍ର ୧ କ୍ୟୁସେକରୁ ସାମାନ୍ୟ ଅଧିକ ଜଳ ଶିଳ୍ପସଂସ୍ଥାମାନେ ନେଉଛନ୍ତି। ରାଜ୍ୟ ସରକାର ୧୨୨ଟି ଶିଳ୍ପସଂସ୍ଥା ଠାରୁ ବର୍ଷକୁ ୮୬୦ କୋଟି ଟଙ୍କାର ଜଳକର ଆଦାୟ କରିଥାନ୍ତି। ତେବେ ୫୭ଟି ଶିଳ୍ପସଂସ୍ଥା ଉପରେ ୫୮୯୦ କୋଟି ୬୫ଲକ୍ଷ ଟଙ୍କାର ଜଳକର ବକେୟା ପଡିଛି। ଜୟପୁରର ବିଲ୍ଟ ୟୁନିଟ୍ ଉପରେ ସର୍ବାଧିକ ୧୫୦୮ କୋଟିର ଜଳକର ବାକି ପଡିଥିବାବେଳେ ଚୌଦ୍ୱାର ସ୍ଥିତ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଉପରେ ୧୪୫୭ କୋଟି ବାକି ରହିଛି। ପାରାଦୀପ ଠାରେ ଥିବା ଆର୍ସେଲର ମିତ୍ତର ନିପ୍ପନ ସଂସ୍ଥା ଉପରେ ୧୦୮ କୋଟି ବାକି ଥିବାବେଳେ ଢେଙ୍କାନାଳରେ ଥିବା ଟାଟା ଷ୍ଟିଲ୍ ବିଏସଏଲ୍ ଉପରେ ୧୮୫ କୋଟି, ଆରତୀ ଷ୍ଟିଲ ଉପରେ ୩୦୩ କୋଟି, ରାୟଗଡାର ଜେ କେ ପେପର ଉପରେ ୪୮୯ କୋଟି, ଭୂଷଣ ପାୱାର ଓ ଷ୍ଟିଲ ଉପରେ ୨୪୪ କୋଟିର ବାକି ଗଡୁଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ